ବର୍ଷ-୨୫, ସଂଖ୍ୟା-୧୮୮
ଭୁବନେଶ୍ୱର
୧୫, ଜୁଲାଇ, ୨୦୨୫ ମଙ୍ଗଳବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 188
Bhubaneswar
15, July, 2025 Tuesday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com
Mahabharat

ପରଲୋକରେ ପ୍ରଥମ ମହିଳା ସୁପରଷ୍ଟାର,



# ଜୀବନ ଯୁଦ୍ଧରେ ହାରିଗଲେ ଛାତ୍ରୀ

ଭୁବନେଶ୍ୱର୧୪।୭(ମହାଭାରତ): ମୃତ୍ୟୁ ସହିତ ୬୦ ଘଣ୍ଟାର ଲଢ଼େଇ ଶେଷରେ ଜୀବନ ଯୁଦ୍ଧରେ ହାରିଗଲେ ବାଲେଶ୍ୱର ଫକୀରମୋହନ ମହାବିଦ୍ୟାଳୟର ପୀଡ଼ିତା ଛାତ୍ରୀ। ସୋମବାର ବିଳମ୍ବିତ ରାତିରେ ଏମ୍ସ କର୍ତ୍ତୃପକ୍ଷ ତାଙ୍କୁ ମୃତ (କ୍ଲିନିକାଲ୍ ଡେଥ୍) ଘୋଷଣା କରିଛନ୍ତି। ଫଳରେ ନିଜ କଲେଜ ଅଧ୍ୟାପକଙ୍କ ଦ୍ୱାରା ନିର୍ଯାତନାର ଶିକାର ହୋଇ ଅନ୍ୟାୟ ବିରୋଧରେ ଲଢ଼ିଥିବା ଏହି ମେଧାବିନୀ ଛାତ୍ରୀଙ୍କ ସଂଘର୍ଷର ଦୁଃଖଦ ଅନ୍ତ ଘଟିଛି। ବିଳମ୍ବିତ ରାତିରେ ଏହି ଖବର ଜଣାପଡ଼ିବା ପରେ ସମସ୍ତେ ସ୍ତମ୍ଭୀଭୂତ ହୋଇଯାଇଛନ୍ତି। ୧୨ ତାରିଖ ମଧ୍ୟାହ୍ନରେ ପୀଡ଼ିତା ନିଜ ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିଲେ। ଖୁବ୍ କମ୍ ସମୟ ମଧ୍ୟରେ ତାଙ୍କ ଦେହ ଭୟାନକ ଭାବେ ଜଳି ଯାଇଥିଲା। ପ୍ରଥମେ ତାଙ୍କୁ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ପରେ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଯାଇଥିଲା।

ଶରୀରର ୯୫ ପ୍ରତିଶତ ଅଂଶ ପୋଡ଼ି ଯାଇଥିବାବେଳେ ସ୍ୱାସ୍ଥ୍ୟାବସ୍ଥା ଅତ୍ୟନ୍ତ ସଙ୍କଟାପନ୍ନ ଥିଲା। ତାଙ୍କୁ ସର୍ବୋତ୍ତମ ଚିକିତ୍ସା ଯୋଗାଇ ଦେବା ଲାଗି ଏମ୍ସରେ ଏକ ୧୦ ଜଣିଆ ବିଶେଷଜ୍ଞ ଡାକ୍ତରୀ ଟିମ୍ ଗଲା ୬୦ ଘଣ୍ଟା ଧରି ଦିନରାତି ଏକ କରି ଦେଇଥିଲେ ଦିଲ୍ଲୀ ଏମ୍ସର ବିଶେଷଜ୍ଞ ଦଳ ସହିତ ବି ନିରନ୍ତର ଯୋଗାଯୋଗରେ ରହି ଚିକିତ୍ସା କରାଯାଉଥିଲା ତେବେ ଡାକ୍ତରମାନଙ୍କ ସମସ୍ତ ପ୍ରୟାସ ସତ୍ତ୍ୱେ ପୀଡ଼ିତାଙ୍କ ସ୍ୱାସ୍ଥ୍ୟରେ କେଣସି ଉନ୍ନତି ପରିଲକ୍ଷିତ ହୋଇ ନଥିଲା। ତାଙ୍କର ଶ୍ୱାସନଳୀ, ହୃତପିଣ୍ଡ, ବୃକକ୍ ସମେତ ଶରୀରର ଗୁରୁତ୍ୱପୂର୍ଣ୍ଣ ଅଙ୍ଗପ୍ରତ୍ୟଙ୍ଗ ଅକାମି ହୋଇ ପଡ଼ିଥିଲା। ଶେଷରେ ଆଜି ରାତି ପ୍ରାୟ ୧୨ଟାରେ ପରିବାର ସଦସ୍ୟ ଓ ହସ୍ପିଟାଲରେ ଉପସ୍ଥିତ ଥିବା ସାଙ୍ଗମାନଙ୍କୁ ଛାତ୍ରୀଙ୍କ ମୃତ୍ୟୁ ସମ୍ପର୍କରେ ଅବଗତ କରାଯାଇଥିଲା। ସଙ୍ଗେ ସଙ୍ଗେ ହସ୍ପିଟାଲ ପରିସର କାନ୍ଦବୋବାଳିରେ ଫାଟି ପଡ଼ିଥିଲା। ଏହାର କିଛି ସମୟ ପରେ ଡାକ୍ତର ତାଙ୍କୁ ବିଧିବଦ୍ଧ ଭାବେ ମୃତ ଘୋଷଣା କରିଥିଲେ।






## ଶୋକପ୍ରକାଶ କଲେ ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ

ପୀଡ଼ିତା ଛାତ୍ରୀଙ୍କ ଦେହାନ୍ତ ଖବର ଶୁଣି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିଛନ୍ତି। ସେ କହିଛନ୍ତି, ଏହି ଖବର ଶୁଣି ମୁଁ ମର୍ମାହତ। ସରକାରଙ୍କ ସମସ୍ତ ଦାୟିତ୍ୱ ନିର୍ବାହ ତଥା ବିଶେଷଜ୍ଞ ଡାକ୍ତରୀ ଦଳଙ୍କ ଅକ୍ଳାନ୍ତ ପରିଶ୍ରମ ସତ୍ତ୍ୱେ ପୀଡ଼ିତାଙ୍କ ଜୀବନ ରକ୍ଷା ହୋଇପାରିଲା ନାହିଁ। ତାଙ୍କର ଅମର ଆତ୍ମାର ସଦ୍‌ଗତି କାମନା କରିବା ସହିତ ପରିବାରବର୍ଗଙ୍କୁ ଏହି ଅପୂରଣୀୟ କ୍ଷତି ସହ୍ୟ କରିବା ନିମନ୍ତେ ଶକ୍ତି ପ୍ରଦାନ କରିବାକୁ ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି। ଦିବଂଗତ ଛାତ୍ରୀଙ୍କ ପରିବାରକୁ ଆଶ୍ୱାସନା ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଏହି ମାମଲାରେ ସମସ୍ତ ଦୋଷୀଙ୍କୁ ଆଇନ ଅନୁଯାୟୀ କଠୋରରୁ ଅତି କଠୋର ଦଣ୍ଡବିଧାନ କରାଯିବ। ଏଥି ପାଇଁ ବ୍ୟକ୍ତିଗତ ଭାବେ ମୁଁ ଅଧିକାରୀଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଛି। ମୃତକଙ୍କ ପରିବାର ସହିତ ସରକାର ଦୃଢ଼ ଭାବେ ଛିଡ଼ା ହୋଇଛନ୍ତି।

କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ତାଙ୍କ ଶୋକବାର୍ତ୍ତାରେ କହିଛନ୍ତି, ଚିକିତ୍ସାଧୀନ ଛାତ୍ରୀଙ୍କ ବିୟୋଗ ଖବର ଶୁଣି ମୁଁ ଦୁଃଖିତ ଓ ମର୍ମାହତ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଉଛି। ଏହି ଦୁଃଖଦ ସମୟରେ ମହାପ୍ରଭୁ ଶ୍ରୀଜଗନ୍ନାଥ ପରିବାରବର୍ଗଙ୍କୁ ଅସୀମ ଧୈର୍ଯ୍ୟ ଓ ସାହସ ପ୍ରଦାନ କରନ୍ତୁ।

## ‘ସାର୍ ନିଆଁ ଲଗାଇ ଦେଇଛନ୍ତି’

**ଭୁବନେଶ୍ୱର,୧୪।୭(ମହାଭାରତ):** ବାଲେଶ୍ୱରସ୍ଥିତ ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ଆତ୍ମହତ୍ୟା ଘଟଣା ସାରା ଦେଶକୁ ସ୍ତବ୍ଧ କରିଦେଇଛି। ଏହି ଘଟଣାରେ ସୋମବାର ପୀଡ଼ିତା ଛାତ୍ରୀଙ୍କ ମା ସାଂଘାତିକ ଅଭିଯୋଗ ଆଣିଛନ୍ତି। ସେ କହିଛନ୍ତି, ସିସିଟିଭିରେ ଦେଖିଲୁ ନିଆଁ ଜଳୁଛି, ଝିଆ ମୋର ଦୌଡ଼ି ଦୌଡ଼ି ଆସିଲା। ତେଣୁ ମୁଁ ଭାବୁଛି ସାର୍ ନିଆଁ ଲଗାଇ ଦେଇଛନ୍ତି। ପ୍ରିନ୍ସିପାଲ, ଏଚଓଡି ପେଟ୍ରୋଲ ଢ଼ାଳି ନିଆଁ ଲଗାଇ ମାରିବାକୁ ଚେଷ୍ଟା କରିଛନ୍ତି। ତେଣୁ ଆମେ ଚାହୁଁଛୁ ସେମାନଙ୍କୁ ଫାଶିଦଣ୍ଡ ମିଳିବା ଦରକାର। ମୋ ଝିଅକୁ ଫେଭର ମାଗିବା କଥା ବହୁ ବିଳମ୍ବରେ ଜାଣିଲୁ।

## ରିପୋର୍ଟ ମାଗିଲେ ମାନବାଧିକାର କମିଶନ

ଭୁବନେଶ୍ୱର,୧୪।୫(ମହାଭାରତ): ବାଲେଶ୍ୱର ଏଫ ଏମ୍ କଲେଜ ଛାତ୍ରୀଙ୍କ ଆତ୍ମଦାହ ଉଦ୍ୟମ ଘଟଣାରେ ରିପୋର୍ଟ ମାଗିଛନ୍ତି ଜାତୀୟ ମାନବାଧିକାର କମିଶନ (ଏନଏଚଆରସି)। ବାଲେଶ୍ୱର ଏସ୍‌ପିଙ୍କୁ ୧୫ ଦିନରେ ତଦନ୍ତ କରି ରିପୋର୍ଟ ଦାଖଲ କରିବାକୁ କମିଶନ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ଜିଲ୍ଲାପାଳ, ସିଡିଏମଓଙ୍କୁ ଉପଯୁକ୍ତ ଚିକିତ୍ସା ବ୍ୟବସ୍ଥା ପାଇଁ ନିର୍ଦ୍ଦେଶ ଦେଇଛନ୍ତି କମିଶନ।

## ପୀଡ଼ିତାଙ୍କ ପରିବାରକୁ ଆଶ୍ୱାସନା ଦେଲେ ରାଷ୍ଟ୍ରପତି

**ଭୁବନେଶ୍ୱର,୧୪।୭(ମହାଭାରତ):** ଦୁଇ ଦିନିଆ ଓଡ଼ିଶା ଗସ୍ତରେ ଆସିଥିବା ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏମ୍ସରେ ମରଣସହ ସଂଘର୍ଷ କରୁଥିବା ବାଲେଶ୍ୱର ଏଫଏମ୍ କଲେଜ ଛାତ୍ରୀଙ୍କୁ ଭେଟିଛନ୍ତି। ସମାବର୍ତ୍ତନ ଉତ୍ସବ ଶେଷ ହେବା ପରେ ଏମ୍ସ ବର୍ଣ୍ଣ ୱାର୍ଡରେ ବାଲେଶ୍ୱର ପୀଡିତାଙ୍କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଭେଟିଛନ୍ତି ତାଙ୍କର ସ୍ୱାସ୍ଥ୍ୟବସ୍ଥା ଦେଖିବା ସହିତ ରାଷ୍ଟ୍ରପତି ସ୍ଥିତି ଅନୁଧ୍ୟାନ କରିଛନ୍ତି। ରାଷ୍ଟ୍ରପତିଙ୍କ ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉପସ୍ଥିତ ରହିଥିଲେ।



ଏହା ସହିତ ପୀଡ଼ିତାଙ୍କ ପରିବାର ଲୋକଙ୍କୁ ଶାନ୍ତ୍ୱନା ଦେଇଛନ୍ତି। ରାଷ୍ଟ୍ରପତି ଡାକ୍ତରଙ୍କ ସହ ଚିକିତ୍ସା ସମ୍ବନ୍ଧରେ ଆଲୋଚନା କରି ଭାବପ୍ରବଣ ହୋଇ ଯାଇଥିଲେ। ରାଷ୍ଟ୍ରପତି କହିଥିଲେ ଠାକୁରଙ୍କ ପାଖରେ ପ୍ରାର୍ଥନା କରନ୍ତୁ ସେ ସୁସ୍ଥ ହୋଇ ଫେରି ଆସନ୍ତୁ।

ଏହା ସହ ତ୍ୱରିତ ପଦକ୍ଷେପ ପାଇଁ ରାଷ୍ଟ୍ରପତି ନିର୍ଦ୍ଦେଶ ଦେଇଛନ୍ତି । ରାଷ୍ଟ୍ରପତି କହିଥିଲେ ମୁଁ, ସମସ୍ତଙ୍କ ସହ କଥା ହୋଇଛି ଏବଂ ଆଗକୁ ଆହୁରି ଶୀଘ୍ର କେମିତି ଛାତ୍ରୀ ଜଣଙ୍କ ସୁସ୍ଥ ହେବେ ସେଥିପାଇଁ ସମସ୍ତ ବ୍ୟବସ୍ଥା କରିବାକୁ ଆଶ୍ୱାସନା ଦେଇଛନ୍ତି।

ଯଦି ଆବଶ୍ୟକ ହୁଏ କୋଉଠିକୁ ସ୍ଥାନାନ୍ତର କରାଯାଇ ପାରିବ ତାହା ବନ୍ଦୋବସ୍ତ କରିବାକୁ ରାଷ୍ଟ୍ରପତି ଭରସା ଦେଇଥିବା ନେଇ ପୀଡିତା ଛାତ୍ରୀଙ୍କ ଭାଇ ସୌମ୍ୟରଞ୍ଜନ ବିଶି କହିଛନ୍ତି।

ଏ ସମ୍ପର୍କରେ ଭୁବନେଶ୍ୱର ଏମ୍ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଆଶୁତୋଷ ବିଶ୍ୱାସ କହିଛନ୍ତି, ରାଷ୍ଟ୍ରପତି ପୀଡ଼ିତାଙ୍କର ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ବର୍ତ୍ତମାନର ସ୍ଥିତି ସହ କଣ ଚିକିତ୍ସା ଯୋଗାଇ ଦିଆଯାଉଛି ପଚାରି ବୁଝିଥିଲେ। ପୀଡ଼ିତାଙ୍କ ପରିବାରକୁ ଭେଟି କଥା ହୋଇଥିଲେ। ପୀଡ଼ିତାଙ୍କୁ ରାଷ୍ଟ୍ରପତି ଭେଟିଲା ପରେ ତାଙ୍କ ବାପା କହିଛନ୍ତି, ରାଷ୍ଟ୍ରପତି ମୋ ଝିଅର ଆରୋଗ୍ୟ ପାଇଁ ପ୍ରାର୍ଥନା କରିଛନ୍ତି। ସେ ଏହି ଘଟଣା ବିଷୟରେ ସବୁ ଜାଣିଛନ୍ତି। ନ୍ୟାୟ ନିଶ୍ଚୟ ମିଳିବ ବୋଲି ମୋର ଆଶା ଅଛି।

# ଏମ୍ସରେ ଛକାପଞ୍ଝା

## ଆମ୍ବୁଲାନ୍ସ ଆଗରେ ଶୋଇପଡ଼ିଲେ ବିଜେଡି କର୍ମୀ, ପୁଲିସ ସହ ଧସ୍ତାଧସ୍ତି, ଧାରଣା ଦେଲେ କଂଗ୍ରେସ କର୍ମକର୍ତ୍ତା

**ଭୁବନେଶ୍ୱର,୧୪।୭(ମହାଭାରତ):** ଫକୀରମୋହନ କଲେଜର ପୀଡ଼ିତା ଛାତ୍ରୀଙ୍କ ମୃତ୍ୟୁ ଖବର ଜଣାପଡ଼ିବା ପରେ ରାତିଅଧରେ ଶାସକ ଓ ବିରୋଧୀ ଦଳ ମଧ୍ୟରେ ଛକାପଞ୍ଝା, ହାଇଡ୍ରାମା ଦେଖିବାକୁ ମିଳିଥିଲା। ଆମ୍ବୁଲାନ୍ସରେ ମୃତଦେହ ହସ୍ପିଟାଲରୁ ପୋଷ୍ଟମର୍ଟମ୍ ରୁମ୍‌କୁ ନେଲା ବେଳେ ଯୁବ ଓ ଛାତ୍ର ବିଜେଡିର କର୍ମକର୍ତ୍ତାମାନେ ବାଟ ଓଗାଳିଥିଲେ ଲୁଚିଛପା ଭାବେ ମୃତଦେହ ବାହାରକୁ ନେବା ପାଇଁ ଷଡ଼ଯନ୍ତ୍ର କରାଯାଉଛି ବୋଲି ଅଭିଯୋଗ କରିଥିଲେ। ଫଳରେ ପୁଲିସ ସହ ସେମାନଙ୍କର ଧସ୍ତାଧସ୍ତି ହୋଇଥିଲା ।

ରାତି ପ୍ରାୟ ୧୨ଟା ୩୦ରେ ଛାତ୍ରୀଙ୍କୁ ମୃତ ଘୋଷଣା କରିଥିଲେ। ଚିକିତ୍ସକ ଦଳ କେଣସି ଅଘଟଣ ଆଶଙ୍କାରେ ସଙ୍ଗେ ସଙ୍ଗେ ଏମ୍ସ ପରିସରରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିଲା। କମିସନରେଟ୍ ପୁଲିସର ବରିଷ୍ଠ ଅଧିକାରୀମାନେ ପହଞ୍ଚିଥିଲେ ସେଠାରେ ବ୍ୟାପକ ପୁଲିସ ମୁତୟନ କରାଯାଇଥିଲା। ୧୨ଟା ୪୫ ବେଳକୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ବିଧାୟକ ଆକାଶ ଦାସନାୟକ, ଇରାଶିଷ ଆଚାର୍ଯ୍ୟ, ବାବୁ ସିଂହ, ଅମର ନାୟକଙ୍କ ସମେତ ଶାସକ ଦଳର ବହୁ ନେତା ଏମ୍ସରେ ପହଞ୍ଚିଥିଲେ। ସେମାନେ ଭିତରକୁ ଯାଇ ଏମ୍ସର ବରିଷ୍ଠ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ।





ଏହି ସମୟରେ ଖବର ପାଇ ବିଜେଡିର ବହୁ ଯୁବ ଓ ଛାତ୍ର ନେତା ଏମ୍ସ ପରିସରରେ ପହଞ୍ଚିଥିଲେ। ସରକାର ଲୁଚାଣିଆ ଭାବେ ଶବ ସଂସ୍କାର କରିବାକୁ ଷଡ଼ଯନ୍ତ୍ର କରୁଛନ୍ତି ବୋଲି ଆରୋପ ଲଗାଇ ପ୍ରତିବାଦ ଆରମ୍ଭ କରିଦେଇଥିଲେ ଏମ୍ସ ଭିତରେ ଶାସକ ଦଳର ନେତା ଓ କର୍ମୀ କାହିଁକି ଅଛନ୍ତି ବୋଲି ପ୍ରଶ୍ନ କରିଥିଲେ। ଧୀରେ ଧୀରେ ବିଜେଡିର ନେତା ଓ କର୍ମୀଙ୍କ ସଂଖ୍ୟା ବଢ଼ିବାରୁ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ଦେଖାଦେଇଥିଲା ରାତି ପ୍ରାୟ ୧ଟା ୩୦ରେ ପୋଷ୍ଟମର୍ଟମ୍ ରୁମ୍‌କୁ ନେବା ପାଇଁ ପଛ ଦ୍ୱାରରେ ଆମ୍ବୁଲାନ୍ସରେ ମୃତଦେହ ରଖାଯାଇଥିଲା। ସେଠାରୁ ଆମ୍ବୁଲାନ୍ସ ବାହାରିଲା ବେଳେ ବିଜେଡି କର୍ମକର୍ତ୍ତାମାନେ ଆମ୍ବୁଲାନ୍ସ ଆଗରେ ଶୋଇ ପଡ଼ିଥିଲେ ପୁଲିସ ସେମାନଙ୍କୁ ଉଠାଇବାକୁ ଚେଷ୍ଟା କରିବାରୁ ଠେଲାପେଲା ଆରମ୍ଭ ହୋଇଥିଲା ପ୍ରାୟ ୧୦ ମିନିଟ୍ ଧସ୍ତାଧସ୍ତି ପରେ ଆମ୍ବୁଲାନ୍ସ ସେଠାରୁ କଡ଼ା ସୁରକ୍ଷା ମଧ୍ୟରେ ପୋଷ୍ଟମର୍ଟମ୍ ରୁମ୍ ପାଖକୁ ଯାଇଥିଲା। ରାତି ପ୍ରାୟ ୧ଟା ୪୫ ବେଳକୁ କଂଗ୍ରେସର ଯୁବ ଓ ଛାତ୍ର ନେତାମାନେ ଏମ୍ସରେ ପହଞ୍ଚିଥିଲେ ସେମାନେ ମଧ୍ୟ ସରକାରଙ୍କ ବିରୋଧରେ ଗର୍ଜିଥିଲେ। ଏହା ପରେ ଉଭୟ ବିଜେଡି ଓ କଂଗ୍ରେସ କର୍ମକର୍ତ୍ତାମାନେ ପୋଷ୍ଟମର୍ଟମ୍ ରୁମ୍ ସାମନାରେ ଧାରଣା ଦେଇଥିଲେ। ଭିତରେ ପୋଷ୍ଟମର୍ଟମ୍ ଚାଲିଥିଲା ବେଳେ ବାହାରେ ବିରୋଧୀମାନେ ସରକାରଙ୍କ ବିରୋଧରେ ନାରାବାଜି କରିଥିଲେ।

## ଫେରୁଛନ୍ତି ଶୁଭାଂଶୁ

ନୂଆଦିଲ୍ଲୀ,୧୪।୭(ମହାଭାରତ): ଭାରତୀୟ ମହାକାଶଚାରୀ ଶୁଭାଂଶୁ ଶୁକ୍ଲାଙ୍କ ୧୪ ଦିନିଆ ମହାକାଶ ମିସନ ଶେଷ ହେବାପରେ ସେ ଜୁଲାଇ ୧୫ରେ ଭୂପୃଷ୍ଠ ପ୍ରତ୍ୟାବର୍ତ୍ତନ କରିବେ। ଏହି ପ୍ରକ୍ରିୟା



ପାଇଁ ନାସା ପକ୍ଷରୁ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ହୋଇଛି। ଆଜି ସଫଳତାର ସହ ଡକିଂ ହୋଇଛି। ଆନ୍ତର୍ଜାତୀୟ ମହାକାଶ କେନ୍ଦ୍ର (ଆଇଏସଏସ)ର ଗ୍ରୁପ୍ କ୍ୟାପ୍ଟେନ୍ ଶୁଭାଂଶୁ ଶୁକ୍ଲା ପୃଥିବୀକୁ ଫେରିବା ପୂର୍ବରୁ କହିଛନ୍ତି, ଏହା ଏକ ଅବିଶ୍ୱସନୀୟ ଯାତ୍ରା ଥିଲା। ଏହା ଯାଦୁ ପରି ଅନୁଭବ ହୋଇଥିଲା। ୪୧ ବର୍ଷ ପୂର୍ବେ ଜଣେ ଭାରତୀୟ ମହାକାଶ ଯାତ୍ରା କରିଥିଲେ। ଯାହାଙ୍କୁ ଆଜି ବି ସମସ୍ତେ ମନେ ରଖିଛନ୍ତି ସେ ହେଉଛନ୍ତି ରାକେଶ ଶର୍ମା। ରାକେଶଙ୍କୁ ମହାକାଶ ଯାତ୍ରା ସମୟରେ ଭାରତ କିପରି ଦେଖାଯାଉଛି ବୋଲି ପ୍ରଶ୍ନ କରାଯାଇଥିବା ବେଳେ ସେ କହିଥିଲେ, ସାରେ ଜାହାଁସେ ଆଛା। ଆଜି ମୁଁ ସେହି ପଦକୁ ଦ୍ୱିତୀୟ ଥର ଦୋହରାଇବାକୁ ଚାହିଁବି। ଆକ୍ସିଅମ୍-୪ ମିଶନ ଅଧୀନରେ ଶୁଭାଂଶୁ ଶୁକ୍ଲା ଅନ୍ୟ ତିନି ଜଣ ମହାକାଶଚାରୀଙ୍କ ସହିତ ଆନ୍ତର୍ଜାତୀୟ ମହାକାଶ ଷ୍ଟେସନ ଯାଇଥିଲେ। ଏହି ମହାକାଶଚାରୀଙ୍କର ୧୪ ଦିନିଆ ମିଶନ ଥିଲା, ଯାହା ସମାପ୍ତ ହୋଇଛି। ବର୍ତ୍ତମାନ ଶୁଭାଂଶୁ ଶୁକ୍ଲା ଏବଂ ଅନ୍ୟ ମହାକାଶଚାରୀ ପୃଥିବୀକୁ ଫେରିବା ପାଇଁ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ହୋଇ ରହିଛନ୍ତି।

# ଡାକ୍ତରୀ ସେବାର ଅନ୍ତ ନାହିଁ, ମୃତ୍ୟୁ ପର୍ଯ୍ୟନ୍ତ ସେବା କର

**ଭୁବନେଶ୍ୱର,୧୪।୭(ମହାଭାରତ):** ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ଓଡିଶାର ଭୁବନେଶ୍ୱର ଅବସ୍ଥିତ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ ର ପଞ୍ଚମ ଦିକ୍ଷାନ୍ତ ସମାରୋହରେ ଯୋଗ ଦେଇଥିଲେ। ଏହି ସୁଯୋଗରେ ସେ ବିଦ୍ୟାଳୟର ଉପଲବ୍ଧିଗୁଡ଼ିକୁ ସ୍ୱୀକାର କରି ବିଦ୍ୟାର୍ଥୀ, ଶିକ୍ଷକମାନେ ଓ ସ୍ୱାସ୍ଥ୍ୟ ସେବା କ୍ଷେତ୍ରର ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଥିଲେ।

ତାଙ୍କର ଉଦବୋଧନରେ ରାଷ୍ଟ୍ରପତି କହିଥିଲେ ଯେ,

### ଏମ୍ସର ୫ମ ଦୀକ୍ଷାନ୍ତ ସମାରୋହରେ ରାଷ୍ଟ୍ରପତି

ଗତ ୧୨ ବର୍ଷରେ ଏମ୍ସ୍ ଭୁବନେଶ୍ୱର ରୋଗୀ ସେବା, ଚିକିତ୍ସା ଗବେଷଣା ଓ ସାମାଜିକ କାର୍ଯ୍ୟରେ ଉଲ୍ଲେଖନୀୟ ଉନ୍ନତି କରିଛି। ଏମ୍ସ ଓଡିଶା ସହିତ ଏହାର ପାଖପାଖି ରାଜ୍ୟଗୁଡିକ ଯଥା ପଶ୍ଚିମ ବଙ୍ଗ, ଛତିଶଗଡ଼ ଓ ଝାଡ଼ଖଣ୍ଡ ପାଇଁ ଏକ ଭରସାଯୋଗ୍ୟ ସ୍ୱାସ୍ଥ୍ୟ ସେବା କେନ୍ଦ୍ର ଭାବେ ପରିଣତ ହୋଇଛି। ୱାର୍ଲ୍ଡ ହେଲଥ୍ ଅର୍ଗାନାଇଜେସନ୍ ଦ୍ୱାରା ଏମ୍ସ୍ ଭୁବନେଶ୍ୱରକୁ ‘ଏସିଆ ସେଫ୍ ସର୍ଜିକାଲ୍ ଇମ୍ପ୍ଲାଣ୍ଟକନସୋର୍ଟିୟମ୍ କ୍ୱିଆଇପି ପୁରସ୍କାର’ ପ୍ରଦାନ କରାଯାଇଥିବା ଜାଣି ରାଷ୍ଟ୍ରପତି ପ୍ରସନ୍ନତା ବ୍ୟକ୍ତ କରିଥିଲେ। ସେ କହିଥିଲେ ଯେ, ଦେଶର ବିଭିନ୍ନ ସ୍ଥାନରେ ସ୍ଥାପିତ ଏମ୍ସ୍ ପରି ସଂସ୍ଥାନଗୁଡିକ ଆଧୁନିକ ଚିକିତ୍ସା ବିଜ୍ଞାନ ଓ ଅନୁଭବୀ ଡାକ୍ତରମାନଙ୍କ ମାଧ୍ୟମରେ ଗୁଣବତ୍ତାପୂର୍ଣ୍ଣ ସ୍ୱାସ୍ଥ୍ୟ ସେବା ଅତ୍ୟନ୍ତ ସୁଲଭ ମୂଲ୍ୟରେ ପ୍ରଦାନ କରୁଛନ୍ତି। ନିକଟ ଭବିଷ୍ୟତରେ ଭାରତ ବିଶ୍ୱରେ ଗୋଟିଏ ଅଗ୍ରଣୀ ସ୍ୱାସ୍ଥ୍ୟ ସେବା କେନ୍ଦ୍ର ଭାବରେ ପରିଚିତ ହେବ ବୋଲି ସେ ଆଶା ବ୍ୟକ୍ତ କରିଛନ୍ତି। ଚିକିତ୍ସା ଗବେଷଣାର ଭୂମିକା ଉପରେ ଜୋର ଦେଇ ରାଷ୍ଟ୍ରପତି କହିଥିଲେ ଯେ, ଆଜି ଚିକିତ୍ସା ପ୍ରକ୍ରିୟା ଅଧିକ ସହଜ ହୋଇଯାଇଛି ଓ କୁଷ୍ଠରୋଗ, ପୋଲିଓ, ଟିବି ପରି ରୋଗମାନଙ୍କର ଭାର ପୂର୍ବାପେକ୍ଷା ବହୁତ ହ୍ରାସ ପାଇଛି। ଏହା ପାଇଁ ଡାକ୍ତରମାନେ, ଗବେଷକମାନେ, ସ୍ୱାସ୍ଥ୍ୟ କର୍ମଚାରୀମାନେ ଓ ସରକାରମାନେ ପ୍ରଶଂସାର ଯୋଗ୍ୟ।



ରାଷ୍ଟ୍ରପତି ସମାଜରେ ଦ୍ରୁତ ଗତିରେ ବୃଦ୍ଧି ପାଉଥିବା ଅବସାଦ (ଡିପ୍ରେସନ୍) ପ୍ରତି ଉଦବେଗ ପ୍ରକାଶ କରି ସେ କହିଥିଲେ ଯେ, ଏହାର ଚିକିତ୍ସା ପାଇଁ ଔଷଧ ସହିତସହିତ ସଚେତନତା ଓ ଜୀବନଶୈଳୀରେ ପରିବର୍ତ୍ତନ ଆବଶ୍ୟକ। ଯୋଗ ଓ ପ୍ରାଣାୟାମ ମାନସିକ ସ୍ୱାସ୍ଥ୍ୟ ପାଇଁ ଉପକାରୀ ହୋଇପାରେ ଏବଂ ଡାକ୍ତରମାନେ ଏହି ଦିଗରେ ସମାଜକୁ ସଚେତନ କରିବା ଉଚିତ। ସେ ମୋଟାପା ପରି ଜୀବନଶୈଳୀ ସଂପୃକ୍ତ ରୋଗମାନେ ଉପରେ ମଧ୍ୟ ଗୁରୁତ୍ୱ ଦେଇ କହିଥିଲେ ଯେ, ନିୟମିତ ଅଭ୍ୟାସ, ସନ୍ତୁଳିତ ଖାଦ୍ୟ ଓ ଶିସ୍ଟ ଦିନଚର୍ଯ୍ୟା ମାଧ୍ୟମରେ ଏହାକୁ ନିୟନ୍ତ୍ରଣ କରାଯାଇପାରିବ।

ଏହି ଅବସରରେ, ରାଷ୍ଟ୍ରପତିଙ୍କ ସହିତ ଓଡ଼ିଶାର ରାଜ୍ୟପାଳ ହରି ବାବୁ କମ୍ଭମପତି, ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ମୁକେଶ ମହାଲିଙ୍ଗ, ଲୋକସଭା ସାଂସଦ ଅପରାଜିତା ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ ଯେ, ଭୁବନେଶ୍ୱର ଏମ୍ସର ପଞ୍ଚମ ସମାବର୍ତ୍ତନ ଉତ୍ସବରେ ଆପଣମାନଙ୍କୁ ସମ୍ବୋଧିତ କରିବା ମୋର ସୌଭାଗ୍ୟ। ସରକାର ଏବଂ ଓଡ଼ିଶାର ଜନସାଧାରଣଙ୍କ ପକ୍ଷରୁ, ମୁଁ ସମସ୍ତ ସ୍ନାତକ, ସେମାନଙ୍କ ପରିବାର ଏବଂ ଏମ୍ସ କମ୍ୟୁନିଟିକୁ ଅଭିନନ୍ଦନ ଜଣାଉଛି। ଏହି ଅବସରରେ ଉପସ୍ଥିତି ପାଇଁ ରାଷ୍ଟ୍ରପତିଙ୍କୁ ମୋର ଗଭୀର କୃତଜ୍ଞତା ଜଣାଉଛି। ଆପଣଙ୍କ ଉପସ୍ଥିତି ଆମ ସମସ୍ତଙ୍କୁ ପ୍ରେରଣା ଦିଏ ଏବଂ ଏହି ସମାବର୍ତ୍ତନର ଗୁରୁତ୍ୱକୁ ବୃଦ୍ଧି କରେ। ଆମେ ଜାଣୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜୀଙ୍କ ଦୂରଦୃଷ୍ଟିପୂର୍ଣ୍ଣ ଏବଂ ଗତିଶୀଳ ନେତୃତ୍ୱରେ ଭୁବନେଶ୍ୱର ଏମ୍ସ ବହୁଗୁଣିତ ହୋଇଛି। ପ୍ରଧାନମନ୍ତ୍ରୀ ସ୍ୱାସ୍ଥ୍ୟସେବା ସେବାର ଡିଜିଟାଲ ପରିବର୍ତ୍ତନ ଏବଂ ଆଧୁନିକୀକରଣ ଉପରେ ଗୁରୁତ୍ୱ ଦେଇଛନ୍ତି। ଏମସ୍ ଭୁବନେଶ୍ୱରରେ ଇ-ପେମେଣ୍ଟ ସୁବିଧା ଆରମ୍ଭ କରିବା ଭଳି ପଦକ୍ଷେପଗୁଡ଼ିକ ଡିଜିଟାଲ ଇଣ୍ଡିଆ ପାଇଁ ମୋଦୀ ଜୀଙ୍କ ଦୃଷ୍ଟିକୋଣ ସହିତ ସମାନ, ଯାହା ସ୍ୱାସ୍ଥ୍ୟସେବାକୁ ଜନସାଧାରଣଙ୍କ ପାଇଁ ଅଧିକ ସୁଲଭ ଏବଂ ଦକ୍ଷ କରିଛି। ସ୍ଥାନୀୟ ଭାଷାରେ ଡାକ୍ତରୀ ଶିକ୍ଷାକୁ ପ୍ରୋତ୍ସାହିତ କରିଛନ୍ତି, ଯାହାର ଲକ୍ଷ୍ୟ ହେଉଛି ସାରା ଭାରତରେ ଛାତ୍ରଛାତ୍ରୀଙ୍କ ପାଇଁ ଡାକ୍ତରୀ ଜ୍ଞାନକୁ ଅଧିକ ସୁଗମ ଏବଂ ଅନ୍ତର୍ଭୁକ୍ତ କରିବା। ଆମ ସରକାର ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ସହିତ ସମନ୍ୱୟରେ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା କାର୍ଯ୍ୟକାରୀ କରିଛନ୍ତି ଯାହା ବ୍ୟାପକ, ନଗଦହୀନ ଏବଂ ପୋର୍ଟେବଲ୍ ସ୍ୱାସ୍ଥ୍ୟ କଭରେଜ୍ ବ୍ୟବସ୍ଥା ପ୍ରଦାନ କରେ।

କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ଯେ, ଡାକ୍ତରମାନେ କର୍ତ୍ତବ୍ୟ ପ୍ରତି ଅଧିକ ସଚେତନ ହେବା ଦରକାର । ଆକାଂକ୍ଷୀ ସମାଜର ଯତ୍ନ ନେବା ସହ ଓଡ଼ିଶାରେ ସେବା କରିବା ଦରକାର । ସୋମବାର ଏମ୍ସ, ଭୁବନେଶ୍ୱରର ପଞ୍ଚମ ସମାବର୍ତନ ସମାରୋହ ଉତ୍ସବରେ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କ ଗରିମାମୟ ଉପସ୍ଥିତିରେ ସ୍ନାତକୋତ୍ତର ଡାକ୍ତର ଏବଂ ଶିକ୍ଷା ସମୁଦାୟଙ୍କୁ ସମ୍ବୋଧିତ କରି ଏହି ପରାମର୍ଶ ଦେଇଛନ୍ତି। ଏମ୍ସ ଭୁବନେଶ୍ୱରରେ ଡାକ୍ତରମାନଙ୍କୁ ମାର୍ଗଦର୍ଶନ ଏବଂ ପ୍ରେରଣା ଦେବା ପାଇଁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଧନ୍ୟବାଦ ଜଣାଇଛନ୍ତି ଶ୍ରୀ ପ୍ରଧାନ । ସେ କହିଛନ୍ତି ଦୁଇ ଦଶନ୍ଧି ପୂର୍ବରୁ ଭାରତରତ୍ନ ସ୍ୱର୍ଗତ ଶ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଦ୍ୱାରା ପ୍ରତିଷ୍ଠିତ ଏମ୍ସ ଭୁବନେଶ୍ୱର ମେଡିକାଲ୍ ଶିକ୍ଷା ଓ ଗବେଷଣା ପ୍ରଦାନ କ୍ଷେତ୍ରରେ ଉତ୍କର୍ଷତାର ଏକ 'ବଟବୃକ୍ଷ'ରେ ପରିଣତ ହୋଇଛି । ଏହା ଅନେକଙ୍କ ସ୍ୱପ୍ନକୁ ପୂରଣ କରିବା ସହ ସ୍ୱାସ୍ଥ୍ୟସେବାକୁ ସୁଦୃଢ଼ କରୁଛି।

## ସବୁ ବିମାନର ଇନ୍ଧନ ସ୍ୱିଚ୍ ଯାଞ୍ଚ ହେବ : ଡିଜିସିଏ

**ନୂଆଦିଲ୍ଲୀ,୧୪।୭(ଏଜେନ୍ସି):** ଅହମ୍ମଦାବାଦରେ ବିମାନ ଦୁର୍ଘଟଣା ପରେ ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ବିମାନ ଦୁର୍ଘଟଣା ତଦନ୍ତ ବ୍ୟୁରୋ (ଏଏଆଇବି)ର ତଦନ୍ତ ରିପୋର୍ଟ ପରେ ଡିଜିସିଏ ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି। ଡିଜିସିଏ କହିଛନ୍ତି ଯେ ଦେଶରେ ଚାଲୁଥିବା ସମସ୍ତ ବିମାନଗୁଡ଼ିକର ଯାଞ୍ଚ ବାଧ୍ୟତାମୂଳକ ହେବ। ବିଶେଷକରି ବିମାନର ଇଞ୍ଜିନ୍ ସ୍ୱିଚ୍ ଇନ୍ଧନ ପ୍ରଣାଳୀ ଯାଞ୍ଚ କରାଯିବ। ଏହା ସହିତ, ଏହା ମଧ୍ୟ କୁହାଯାଇଛି ଯେ ସମସ୍ତ ବିମାନର ଯାଞ୍ଚ ଜୁଲାଇ ୨୧ ସୁଦ୍ଧା ସମାପ୍ତ ହେବା ଉଚିତ। ବୋଇଂ ୭୮୭, ୭୩୭ ବିମାନର ଇନ୍ଧନ ସ୍ୱିଚ୍ ଲକିଂ ସିଷ୍ଟମ ଯାଞ୍ଚ କରିବାକୁ ଡିଜିସିଏ ବିମାନ କମ୍ପାନୀଗୁଡ଼ିକୁ କହିଛନ୍ତି। ଡିଜିସିଏ କହିଛନ୍ତି ଯେ ବିମାନ କମ୍ପାନୀଗୁଡ଼ିକ ଜୁଲାଇ ୨୧ ସୁଦ୍ଧା ବୋଇଂ ୭୮୭, ୭୩୭ ବିମାନର ଇନ୍ଧନ ସ୍ୱିଚ୍ ଲକିଂ ସିଷ୍ଟମର ତଦନ୍ତ ଶେଷ କରିବା ଆବଶ୍ୟକ।

ସୂଚନାଯୋଗ୍ୟ ଯେ ଜୁନ ୧୨ରେ ଅହମ୍ମଦାବାଦରେ ହୋଇଥିବା ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣା ହୋଇଥିଲା। ଏହି ଦୁର୍ଘଟଣାର ତଦନ୍ତ କରିଥିବା ଏଏଆଇବି ରିପୋର୍ଟରୁ ଜଣାପଡିଥିଲା ଯେ ଦୁର୍ଘଟଣାଗ୍ରସ୍ତ ବିମାନର ଉଭୟ ଇଞ୍ଜିନକୁ ଇନ୍ଧନ ଯୋଗାଣ ନିୟନ୍ତ୍ରଣ କରୁଥିବା ଉଭୟ ଇନ୍ଧନ ନିୟନ୍ତ୍ରଣ ସ୍ୱିଚ୍ ବନ୍ଦ ଥିଲା। ସମ୍ଭବତଃ ଏହା ହିଁ ବିମାନଟି ଦୁର୍ଘଟଣାଗ୍ରସ୍ତ କରିଥିଲା।



# ଜୀବନଚର୍ଯ୍ୟା





## ସିଝା ମାଛ ମସଲା

ଆବଶ୍ୟକ ସାମଗ୍ରୀ: ମାଛ,ହଳଦୀ ଗୁଣ୍ଡ,ଗରମ ମସଲା, ଅଦାରସୁଣ ବଟା, କଟା ପିଆଜ,ଧଳା ସୋରିଷ ବଟା,ବସା ଦହି,କଞ୍ଚା ଲଙ୍କା,ଅଦାରସୁଣ କଟା,ଗରମ ମସଲା ଗୁଣ୍ଡ,ଲୁଣ ଓ ତେଲ । ।

ପ୍ରସ୍ତୁତ ପ୍ରଣାଳୀ: ପ୍ରଥମେ ମାଛକୁ ଧୋଇ ସେଥିରେ ହଳଦୀ ଗୁଣ୍ଡ,ଲଙ୍କା ଗୁଣ୍ଡ,ଗରମ ମସଲା ,ଅଦାରସୁଣ ବଟା,କଟା ପିଆଜ,ଧଳା ସୋରିଷ ବଟା,ବସା ଦହି କଞ୍ଚା ଲଙ୍କା ଓ ସ୍ୱାଦ ଅନୁସାରେ ଲୁଣ ପକାଇ ଭଲ ଭାବେ ଗୋଳାଇ ଦିଅନ୍ତୁ । ପରେ କଡେଇରେ ପାଣି ଫୁଟାଇ ସେଥିରେ ତେଲ ପକାନ୍ତୁ । ଏବେ ସେଥିରେ ମ୍ୟାରିନେଟ ହୋଇଥିବା ମାଛକୁ ପକାନ୍ତୁ । ତା'ପରେ ସେଥିରେ କଟା ଅଦାରସୁଣ,ଗରମ ମସଲା ଗୁଣ୍ଡ,କଟା ପିଆଜ,ଗୋଟା କଞ୍ଚା ଲଙ୍କା ଓ ଅଳ୍ପ ଲୁଣ ପକାଇ ଘୋଡଣୀ ଘୋଡାଇ ଦିଅନ୍ତୁ । ୫ରୁ୭ ମିନିଟ୍ ପରେ ଘୋଡଣୀ ବାହାର କରି ମାଛ ଗୁଡିକୁ ଓଲଟାଇ ଦିଅନ୍ତୁ ଓ ପୁଣି ଘୋଡଣୀ ଦିଅନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା 'ସିଝା ମାଛ ମସଲା' ।



### ଖବର

## ୟୁଟ୍ୟୁବର୍ ଆଶିଷ ଚଞ୍ଚଲାନିଙ୍କ ସହ ବଲିଉଡ୍ ଅଭିନେତ୍ରୀଙ୍କ ଫଟୋ







ୟୁଟ୍ୟୁବର ଆଶିଷ ଚଞ୍ଚଲାନି ସୋସିଆଲ ମିଡିଆରେ ଏକ ଫଟୋ ପୋଷ୍ଟ କରିଛନ୍ତି ଯେଉଁଥିରେ ସେ ବଲିଉଡ ଅଭିନେତ୍ରୀ ଏଲି ଆଭ୍ରାମଙ୍କୁ ତାଙ୍କ କୋଳରେ ଧରିଛନ୍ତି । ଏଲି ଆଭ୍ରାମ ତାଙ୍କ ହାତରେ ଏକ ଫୁଲ ଧରିଛନ୍ତି ଏବଂ ଦୁହେଁ ହସୁଛନ୍ତି । ଫଟୋ ସେୟାର କରି ଆଶିଷ ଚଞ୍ଚଲାନି କ୍ୟାପସନରେ 'ଶେଷରେ' ବୋଲି ଲେଖିଛନ୍ତି । ଫଟୋ ଦେଖିବା ପରେ ଲୋକମାନେ ଅନୁମାନ କରିବା ଆରମ୍ଭ କରିଛନ୍ତି ଯେ ଉଭୟ ପରସ୍ପରକୁ ଡେଟ୍ କରୁଛନ୍ତି । ଆଶିଷ ଚଞ୍ଚଲାନିଙ୍କ ପୋଷ୍ଟରୁ ଜଣାପଡୁଛି ଯେ ଦୁହେଁ ଶେଷରେ ସମସ୍ତ କଳ୍ପନାଜଳ୍ପନାର ଅନ୍ତ ଘଟାଇ ହୃଦୟସ୍ପର୍ଶୀ ଉପାୟରେ ସେମାନଙ୍କର ସମ୍ପର୍କକୁ ଅଫିସିଆଲ କରିଛନ୍ତି । ତଥାପି ଆଶିଷ ଏଲିଙ୍କ ସହ ତାଙ୍କ ସମ୍ପର୍କକୁ ନିଶ୍ଚିତ କରୁଥିବାର ଉଲ୍ଲେଖ କରିନାହାନ୍ତି । ହୁଏତ ସେମାନେ ଏକ ଫିଲ୍ମରେ ଏକାଠି କାମ କରିବାକୁ ଯାଉଛନ୍ତି । ହେଲେ ତାଙ୍କ ଫଟୋରେ ସମସ୍ତେ ତାଙ୍କୁ ଅଭିନନ୍ଦନ ଜଣାଇବା ଆରମ୍ଭ କରିଛନ୍ତି । ଆଶିଷ ଚଞ୍ଚଲାନିଙ୍କ ପୋଷ୍ଟରେ ଅନେକ ସେଲିବ୍ରିଟି ପ୍ରତିକ୍ରିୟା ଦେଇଛନ୍ତି । ଅଭିନେତା ନୀଲ ନୀତିନ୍ ମୁକେଶ ପୋଷ୍ଟରେ ଏକ ହୃଦୟ ଇମୋଜି କମେଣ୍ଟ କରିଥିବା ବେଳେ କରିସ୍ମା ଶର୍ମା ଲେଖିଛନ୍ତି 'ହେ ଭଗବାନ, ଶୁଭକାମନା ।' ଅନ୍ୟ ଜଣେ ୟୁଜର ଲେଖିଛନ୍ତି 'ଏବେ ବିଦ୍ୟୁତ୍ ବିଲ୍ ଦୁଇ ଜଣଙ୍କ ମଧ୍ୟରେ ବାଣ୍ଟି ଦିଆଯିବ ।' ଆଶିଷ କିମ୍ବା ଏଲି ଏହି ଫଟୋର ସତ କିମ୍ବା ସେମାନଙ୍କ ସମ୍ପର୍କ ବିଷୟରେ ଏଯାଏଁ ସ୍ପଷ୍ଟ କରିନାହାନ୍ତି, ଯାହା ଫଳରେ ପ୍ରଶଂସକମାନେ ଏହା ସତ କି ମିଛ ଅନୁମାନ କରିବାକୁ ବାଧ୍ୟ ହୋଇଛନ୍ତି । ଚଳିତବର୍ଷ ଆରମ୍ଭରେ ଆଶିଷ ଚଞ୍ଚଲାନି ଏବଂ ଏଲି ଆଭ୍ରାମଙ୍କ ଡେଟିଂ ବିଷୟରେ ଗୁଜବ ବ୍ୟାପିଥିଲା । ତେବେ ଶେଷଥର ପାଇଁ ଅଭିନେତ୍ରୀ ଏଲି ଆଭ୍ରାମ 'ବି ହାପି' ଫିଲ୍ମରେ ନଜର ଆସିଥିଲେ । ଏହା ପୂର୍ବରୁ ସେ ୨୦୨୩ରେ 'ଗଣପଥ' ଏବଂ ୨୦୨୨ ରେ 'ଗୁଡବାଏ'ରେ ନଜର ଆସିଥିଲେ । ଆଶିଷ ଚଞ୍ଚଲାନି ଜଣେ ୟୁଟ୍ୟୁବର, ଅଭିନେତା ଓ ସୋସିଆଲ ମିଡିଆ ଇନଫ୍ଲୁଏନ୍ସର୍ ।

## ଶାନ୍ତି ପାଇଁ ବାସ୍ତୁ ଉପାୟ



ଭ ଘରର ମୁଖ୍ୟ ଦ୍ୱାର ଭିତରକୁ ଖୋଲିବା ଉଚିତ୍ । ବାହାରକୁ ଖୋଲିଲେ ସମସ୍ୟା ଉପୁଜିବାର ଆଶଙ୍କା ରହିଥାଏ ।

ଭ ରୋଷେଇ ଘରର ମୁହଁ ପୂର୍ବ ଆଡ଼କୁ ରହିବା ଉଚିତ୍ ।

ଭ ରୋଷେଇ ଘରେ ଅନ୍ଧାରରେ ଚୁଲି ଜଳାଇବା ଅଶୁଭ ।

ଭ ଘରେ ସୁଖ-ଶାନ୍ତି ବଜାୟ ରଖିବା ଲାଗି ରୋଷେଇ ଘରେ ଗୁଡ଼ ରଖିବା ଆବଶ୍ୟକ ।

ଭ ଦ୍ୱାରରେ ଲାଗିଥିବା କବ୍‌ଜା କବାଟ ଖୋଲିବା ସମୟରେ ଧ୍ୱନି କରୁଥିଲେ, ତାହା ବାସ୍ତୁ ଅନୁଯାୟୀ ଅଶୁଭ ହୋଇଥାଏ ।

ଭ ପ୍ରବେଶ ଦ୍ୱାର ସର୍ବଦା ସଫାସୁତୁରା ରଖିଲେ ମାନ-ସମ୍ମାନ ବୃଦ୍ଧି ହୋଇଥାଏ ।

ଭ ଘରେ ରହିଥିବା ଧର୍ମ ପୁସ୍ତକ, ପିଲାମାନଙ୍କ ବହି ପତ୍ର ଏବଂ ବ୍ୟବସାୟରେ ଉପଯୋଗ ହେଉଥିବା ରେଜିଷ୍ଟରରେ ଶୁଭ ଚିହ୍ନ ଲଗାଇବା ଉଚିତ୍ ।

ଭ ଘରର ମୁଖ୍ୟ ଦ୍ୱାର ଏବଂ ରୋଷେଇ ଘର ସାମ୍ନାସାମ୍ନି ହେବା ଅନୁଚିତ୍ । ଏହାଦ୍ୱାରା ହଜମ ସମ୍ବନ୍ଧୀୟ ରୋଗ ହୋଇଥାଏ ।

## ଭଗବାନ ଶିବଙ୍କ ପ୍ରମୁଖ ଅବତାର

ଶିବ ପୁରାଣରେ ମହାଦେବଙ୍କ ପ୍ରମୁଖ ଅବତାର ବିଷୟରେ ବର୍ଣ୍ଣନା ରହିଛି । ତାଙ୍କର ଭିନ୍ନ ଭିନ୍ନ ଅବତାର ଏବଂ ତା'ପଛରେ ରହିଥିବା କାରଣ ବିଷୟରେ ମଧ୍ୟ ଉଲ୍ଲେଖ ରହିଥିବା ଦେଖିବାକୁ ମିଳିଥାଏ । ଶିବଙ୍କ ଦଶ ଅବତାର ସମ୍ପର୍କରେ ପୁରାଣରେ ଉଲ୍ଲେଖ ରହିଛି, ସେମାନେ ହେଲେ ମହାକାଳ, ତାରକ, ଭୁବନେଶ, ଷୋଡ଼ଶ, ଭୈରବ, ଛିନ୍ନମସ୍ତକ ଗିରିଜା, ଧୂମବାନ, ବଗଳାମୁଖ, ମାତଙ୍ଗ ଓ କମଳ ଅବତାର । ଏହି ଦଶଅବତାର ତନ୍ତ୍ରଶାସ୍ତ୍ର ସମ୍ବନ୍ଧୀୟ ବୋଲି କୁହାଯାଇଛି । ଏହାବ୍ୟତୀତ ଶିବଙ୍କ ୧୧ ଅବତାର- କପାଳୀ, ପିଙ୍ଗଳ, ଭୀମ, ବିରୂପାକ୍ଷ, ବିଲୋହିତ, ଶାସ୍ତା, ଅଜପାଦ, ଅହିର୍ବୁଧ୍ନ, ଶମ୍ଭୁ, ଚଣ୍ଡ ଏବଂ ଭବ ଅବତାର



ସମ୍ପର୍କରେ ମଧ୍ୟ ଶିବପୁରାଣରେ ବର୍ଣ୍ଣନା ରହିଛି । ଏହି ଅବତାର ବ୍ୟତୀତ ମହର୍ଷି ଦୁର୍ବାସା, ମହେଶ, ବୃଷଭ, ପିପ୍ପଳାଦ, ବୈଶ୍ୟନାଥ, ଦ୍ୱିଜେଶ୍ୱର, ହଂସରୂପ, ଅବଧୂତେଶ୍ୱର, ଭିକ୍ଷୁଭର୍ଯ୍ୟ, ସୁରେଶ୍ୱର, ବ୍ରହ୍ମଚାରୀ, ସୁନଟତର୍କ, ଦ୍ୱିଜ, ଅଶ୍ୱତଥାମା, କିରାତ ଏବଂ ନଟେଶ୍ୱର ଆଦି ଅବତାର ସମ୍ପର୍କରେ ଶିବ ପୁରାଣରେ ଉଲ୍ଲେଖ ରହିଛି । ତେବେ ଏମାନଙ୍କୁ ଶିବଙ୍କ ଅଂଶାବତାର ବୋଲି କୁହାଯାଇଛି । ବୀର ହନୁମାନ ଏବଂ ଭୈରବ ହେଉଛନ୍ତି ଶିବଙ୍କର ସବୁଠୁ ଚର୍ଚ୍ଚିତ ଅବତାର ।





## ଆଲମୀରା ନିକଟରେ ଝାଡୁ ରଖିବା ଉଚିତ ନୁହେଁ









ବାସ୍ତୁର ଏହି ନିୟମ ଗୁଡ଼ିକୁ ପାଳନ କରାଗଲେ ଧନ ସମ୍ବନ୍ଧୀୟ ସମସ୍ୟା ଦୂର ହେବା ସହ ଗୃହରେ ସୁଖଶାନ୍ତି ପ୍ରବେଶ କରିଥାଏ। ପୂର୍ବ ଦିଗରେ ଘରର ସମ୍ପତ୍ତି ଏବଂ ଆଲମୀରା ରଖିବା ଅତ୍ୟନ୍ତ ଶୁଭ ହୋଇଥାଏ। ଏପରି କରିବା ଦ୍ୱାରା ଧନସମ୍ପତ୍ତିର ବୃଦ୍ଧି ହୋଇଥାଏ। ଆଲମୀରାରେ ଟଙ୍କା ଓ ମୂଲ୍ୟବାନ ଜିନିଷ ରଖାଯାଏ। ବାସ୍ତୁ ଶାସ୍ତ୍ର ଅନୁଯାୟୀ, ଆଲମୀରା ନିକଟରେ ଝାଡୁ ରଖିବା ଉଚିତ ନୁହେଁ। ନକରାତ୍ମକ ଶକ୍ତି ଦୂର କରିବା ପାଇଁ ସପ୍ତାହ ଥରେ ପାଣିରେ ଲୁଣ ପକାଇ ନିଶ୍ଚୟ ଘର ପୋଛନ୍ତୁ। ଏପରି କରିବା ଦ୍ୱାରା ଘରେ ସୁଖଶାନ୍ତିର ଓ ସକରାତ୍ମକ ବାତାବରଣ ସର୍ବଦା ରହିଥାଏ। ପୂଜା ସ୍ଥାନ ଶୟନ କକ୍ଷରେ ରଖନ୍ତୁ ନାହିଁ। ଶୟନ କକ୍ଷରେ ପୂଜାସ୍ଥାନ ଥିଲେ ଘରେ କଳହ ଓ ଆର୍ଥିକ କ୍ଷେତ୍ରରେ ସମସ୍ୟା ସୃଷ୍ଟି ହୋଇଥାଏ। ଝାଡୁ ଦାନ କଲେ ଅଶୁଭ ଫଳ ପ୍ରାପ୍ତି ହୋଇଥାଏ। ଗୃହର ଐଶାନ୍ୟ କୋଣରେ ଏକ ପାତ୍ରରେ ଲୁଣ ଭର୍ତ୍ତି କରି ରଖନ୍ତୁ। ଏପରି କରିବା ଦ୍ୱାରା ଘରେ ଟଙ୍କାପଇସାର ଅଭାବ ହୋଇନଥାଏ। ଘରର ଗାଧୁଆଘରର କବାଟ ଖୋଲା ରଖନ୍ତୁ ନାହିଁ। ଏପରି କରିବା ଦ୍ୱାରା ଘରେ ନକରାତ୍ମକ ଶକ୍ତି ପ୍ରବେଶ କରିଥାଏ।

ମହିଳାଙ୍କୁ ସମ୍ମାନ କରନ୍ତୁ : ଯେଉଁ ଘରେ ମହିଳାଙ୍କୁ ସର୍ବଦା ସମ୍ମାନ ଦିଆଯାଏ, ସେଠାରେ ମା'ଲକ୍ଷ୍ମୀ ବାସ କରିଥାଆନ୍ତି। ଦମ୍ପତ୍ତିଙ୍କ ମଧ୍ୟରେ କଳହ ଲାଗି ରହୁଥିଲେ ଏହି ସମସ୍ୟାର ସମାଧାନ ପ୍ରଥମେ କରନ୍ତୁ। କାରଣ କଳହ ଲାଗି ରହିଲେ ମା'ଲକ୍ଷ୍ମୀ କୋପ କରିଥାଆନ୍ତି।

ଶୁକ୍ରବାର ଦିନ ବ୍ରତ କରନ୍ତୁ : ଶୁକ୍ରବାର ଦିନକୁ ମା'ଲକ୍ଷ୍ମୀଙ୍କ ଦିନ ବୋଲି କୁହାଯାଏ। ମା'ଙ୍କ ପାଇଁ ଏହି ବ୍ରତ ରଖି ପୂଜାର୍ଚ୍ଚନା କରିବା ଦ୍ୱାରା ମା'ଙ୍କ ବିଶେଷ କୃପା ମିଳିଥାଏ। ଘରେ ସର୍ବଦା ଧନସମ୍ପତ୍ତି ବୃଦ୍ଧି ହୋଇଥାଏ।

ଗୃହର ବାସ୍ତୁ ଦୋଷ ଦୂର କରନ୍ତୁ : ଘରର ବାସ୍ତୁ ସମସ୍ୟା ଥିଲେ ମା'ଲକ୍ଷ୍ମୀ ସେଠାରେ ବାସ କରି ନଥାଆନ୍ତି । ବାସ୍ତୁରେ ପ୍ରତ୍ୟେକ ଜିନିଷ ଦିଗ ନିର୍ଦ୍ଧାରିତ ହୋଇ ରହିଛି। ବାସ୍ତୁ ଅନୁଯାୟୀ ପ୍ରତ୍ୟେକ ନିୟମ ମାନି ଏହାର ପାଳନ କରିବା ଦ୍ୱାରା ଗୃହର ବାସ୍ତୁ ଦୋଷ ଦୂର ହୋଇଥାଏ ଓ ମା' ସେହି ଗୃହରେ ସର୍ବଦା ବାସ କରିଥାଆନ୍ତି।

ଜାତକରେ ଶୁକ୍ରଗ୍ରହଙ୍କୁ ମଜଭୂତ ରଖନ୍ତୁ : ଯେଉଁ ବ୍ୟକ୍ତିଙ୍କ ଜାତକରେ ଶୁକ୍ରଗ୍ରହ ସଠିକ ସ୍ଥିତି ଓ ଭଲ ଭାବେ ରହିଥାଆନ୍ତି, ତାଙ୍କ ଉପରେ ମା'ଙ୍କ ଆଶୀର୍ବାଦ ସର୍ବଦା ରହେ ଓ ସେହି ଗୃହରେ ମା'ବାସ କରିଥାଆନ୍ତି। ଜ୍ୟୋତିଷ ଶାସ୍ତ୍ର ଅନୁଯାୟୀ, ଶୁକ୍ରଗ୍ରହକୁ ସୁଖସମୃଦ୍ଧିର ଗ୍ରହ କୁହାଯାଏ। ଶୁକ୍ରଙ୍କ ସ୍ଥିତି ଦୁର୍ବଳ ହେଲେ ଟଙ୍କାପଇସାର ସମସ୍ୟା ସୃଷ୍ଟି ହୁଏ।

## ବିବାହ ସହ ଜଡିତ କିଛି ଗୁରୁତ୍ୱପୂର୍ଣ୍ଣ କଥା

ହସ୍ତରେଖା ବିଶେଷଜ୍ଞଙ୍କ ମତରେ ଯେଉଁମାନଙ୍କର ହସ୍ତରେ ଶୁକ୍ର, ବୃହସ୍ପତି, ମଙ୍ଗଳ ଆଦିଙ୍କ ସ୍ଥାନ ଖୁବ ପ୍ରଭାବିତ ରହିଥାଆନ୍ତି। ସେମାନେ ପ୍ରେମ ବିବାହ କରିବାର ସମ୍ଭାବନା ଅଧିକ ରହିଥାଏ।

ଆମ ହସ୍ତରେ ଥିବା ରେଖାମାନଙ୍କ ଠାରୁ ଏହା ମଧ୍ୟ ଜାଣିହୋଇଥାଏ ଯେ, ଯଦି ଆପଣଙ୍କ ଅନ୍ୟ ରେଖା ତୁଳନାରେ ବିବାହ ରେଖା ଖୁବ ସାନ କିମ୍ବା ବଡ଼ ଥାଏ, ତେବେ ଆପଣଙ୍କ ବିବାହ ଘରର ନିକଟରେ ହେବାର ସମ୍ଭାବନା ଥାଏ।

ଯଦି ଆପଣଙ୍କ ହସ୍ତରେ ବୃହସ୍ପତି ରେଖା ଶନିଙ୍କ ଆଡ଼କୁ ଢଳି ରହେ, ତେବେ ଜାଣନ୍ତୁ ଆପଣଙ୍କ ବିବାହ ବିଳମ୍ବରେ ହେବ।

ହସ୍ତରେ ଥିବା ବୁଧ ପର୍ବତ ରେଖାରୁ ମଧ୍ୟ ବ୍ୟକ୍ତିଙ୍କର ପ୍ରେମ ବିବାହ ହେବ ବୋଲି ଜଣାପଡ଼ିଥାଏ। ହସ୍ତରେ ବୃହସ୍ପତି ଓ ଶୁକ୍ରଙ୍କର ସ୍ଥିତିରୁ ମଧ୍ୟ ଆପଣଙ୍କ ସାଥିର ଗୁଣ ବିଷୟରେ ଜାଣି ହୋଇଥାଏ। ଯେଉଁମାନଙ୍କ ବୃହସ୍ପତି ରେଖା ହୃଦୟ ରେଖା ଠାରୁ ଦୂରରେ ରହେ, ସେମାନଙ୍କର ବିବାହ ମଧ୍ୟ ବିଳମ୍ବରେ ହୋଇଥାଏ।



ଯେବେ ବିବାହ ପାଇଁ ଆପଣଙ୍କୁ ଦେଖିବା ପାଇଁ ଲୋକେ ଆସନ୍ତି, ସେହି ସମୟରେ ଆପଣଙ୍କ ମୁଖକୁ ଉତ୍ତର ଦିଗ ଆଡ଼କୁ କରି ବସନ୍ତୁ।

ବିବାହ ଯୋଗ୍ୟ ଯୁବକ-ଯୁବତୀଙ୍କ କକ୍ଷରେ ସୁନ୍ଦର ସୁନ୍ଦର ଫଟୋ ଲଗାନ୍ତୁ। ମାତ୍ର କାନ୍ଦୁଥିବା ପିଲାମାନଙ୍କ ଫଟୋ ଲଗାନ୍ତୁ ନାହିଁ।

ଯଦି ଆପଣ ପ୍ରେମବିବାହ କରୁଛନ୍ତି ଓ ଆପଣଙ୍କୁ ଦୁଃସ୍ୱପ୍ନ ଆସୁଛି ତେବେ ନିଜ ତକିଆ ତଳେ ହାତର ଆଙ୍ଗୁଠିରେ'ଓଁ' ଲେଖନ୍ତୁ।

ଘରର ମୁଖ୍ୟ ଦ୍ୱାରରେ ଦର୍ପଣ ଲଗାନ୍ତୁ ନାହିଁ। କାରଣ ମୁଖ୍ୟ ଦ୍ୱାରରେ ଦର୍ପଣ ଲଗାଇବା ଦ୍ୱାରା ବିବାହରେ ସମସ୍ୟା ସୃଷ୍ଟି ହୋଇଥାଏ। ବିବାହ ପାଇଁ ଆପଣଙ୍କୁ ଦେଖିବାକୁ ଆସୁଥିବା ଅତିଥିଙ୍କୁ ଗୃହରେ ସର୍ବଦା ପଶ୍ଚିମ ଦିଗରେ ବସାନ୍ତୁ।

ଯଦି ଘରର ମୁଖ୍ୟ ଦ୍ୱାର ସମ୍ମୁଖରେ କିଛି ଖୁମ୍ବ, ବୃକ୍ଷ, ଖୋଲା ହୋଇଥିବା ନଳା ଥାଏ ତେବେ ମଧ୍ୟ ବିବାହ ପାଇଁ ସମସ୍ୟା ସୃଷ୍ଟି ହୋଇଥାଏ। ଏହି କାରଣରୁ ଗୃହରେ ନକରାତ୍ମକ ଶକ୍ତି ପ୍ରବେଶ କରିଥାଏ।

# ରାଜ୍ୟ ଜଳ ନୀତି ସମ୍ପର୍କରେ ସମୀକ୍ଷା



**ଭୁବନେଶ୍ୱର,୧୪।୭ (ମହାଭାରତ):** ରାଜ୍ୟ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବଶ୍ରୀମତୀ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଆଜି ଜଳ ସଂପଦ ବିଭାଗରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଉନ୍ନୟନ କମିଶନର ଜଳ ସଂପଦ ବିଭାଗର ବିଭିନ୍ନ କାର୍ଯ୍ୟ ଅଗ୍ରଗତି ସଂପର୍କରେ ସମୀକ୍ଷା କରିଥିଲେ। ବୈଠକରେ ପ୍ରସ୍ତାବିତ ନୂଆ ରାଜ୍ୟ ଜଳ ନୀତିରେ ରହିଥିବା ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଓ ପଦକ୍ଷେପ ସଂପର୍କରେ ଆଲୋଚନା କରାଯାଇଥିଲା। ଏଥି ସହିତ ଆନ୍ତଃରାଜ୍ୟ ଜଳ ସଂଯୋଗୀକରଣ, ବିଭାଗୀୟ ବିଭିନ୍ନ କାର୍ଯ୍ୟ ଓ ପ୍ରକଳ୍ପ କାର୍ଯ୍ୟକାରିତା ନେଇ ରହୁଥିବା ସମସ୍ୟା ଓ ସମାଧାନ ଆଦି ସଂପର୍କରେ ଉନ୍ନୟନ କମିଶନର ଆଲୋଚନା କରି ବିଭିନ୍ନ ପରାମର୍ଶ ଓ ନିର୍ଦ୍ଦେଶ ଦେଇଥିଲେ। ଅନୁଷ୍ଠିତ ବୈଠକରେ ଜଳ ସଂପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ, ସର୍ବୋଚ୍ଚ ଯନ୍ତ୍ରୀ (ଯୋଜନା ଓ ପରିକଳ୍ପନା), ସର୍ବୋଚ୍ଚ ଯନ୍ତ୍ରୀ, (ପ୍ରୋକ୍ୟୁରମେଣ୍ଟ), ଓଡିଶା ଉଠା ଜଳ ସେଚନ ନିଗମର ପରିଚାଳନା ନିର୍ଦ୍ଦେଶକ ଏବଂ ବିଭାଗର ଅନ୍ୟ ବରିଷ୍ଠ ପଦାଧିକାରୀ ଓ ଯନ୍ତ୍ରୀମାନେ ଉପସ୍ଥିତ ଥିଲେ।

## କଟକ ଚଣ୍ଡୀ, ନୀଳମାଧବ, ମା' ଚର୍ଚ୍ଚିକା, ଧବଳେଶ୍ୱର ଓ ଗୋପୀନାଥ ଜୀଉ ମନ୍ଦିର ପ୍ରକଳ୍ପର ସମୀକ୍ଷା

# ଉନ୍ନୟନ କାର୍ଯ୍ୟକୁ ତ୍ୱରିତ ବେଗରେ କରିବାକୁ ନିର୍ଦ୍ଦେଶ

**ଭୁବନେଶ୍ୱର,୧୪।୭ (ମହାଭାରତ):** କଟକ ଜିଲ୍ଲା ଅନ୍ତର୍ଗତ ମା' କଟକ ଚଣ୍ଡୀ, ନୀଳମାଧବ, ମା' ଚର୍ଚ୍ଚିକା, ଧବଳେଶ୍ୱର ଓ ଗୋପୀନାଥ ଜୀଉ ମନ୍ଦିର ଉନ୍ନୟନ ପ୍ରକଳ୍ପର ସମୀକ୍ଷା ବୈଠକ ଆଜି ସ୍ଥାନୀୟ ରାଜ୍ୟ ଅତିଥି ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ପୂର୍ତ୍ତ, ଆଇନ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମା'କଟକ ଚଣ୍ଡୀ ମନ୍ଦିରର ଉନ୍ନୟନ ପ୍ରକଳ୍ପ ଅନ୍ତର୍ଗତ ଜମି ଅଧିଗ୍ରହଣ, ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ, ମନ୍ଦିର ପରିସରରେ ଥିବା ପୁରାତନ ଗଛର ସୁରକ୍ଷା ସହ ପରିକ୍ରମା ପ୍ରକଳ୍ପ କାର୍ଯ୍ୟକୁ ଆଗେଇ ନେବା ବିଷୟରେ ଆଲୋଚନା ହୋଇଥିଲା।

ସେହିପରି ନେମାଳ ସ୍ଥିତ ଅଚ୍ୟୁତାନନ୍ଦ ଗାଦି ଓ ଗୋପୀନାଥ ଜୀୟୁ ମନ୍ଦିର ବେଢା ନିର୍ମାଣ, ପ୍ରସାଦ ମଣ୍ଡପ, ପ୍ରସ୍ତାବିତ ନୂଆ ରାସ୍ତା ଆଦି ନିର୍ମାଣ ବିଷୟରେ ଆଲୋଚନା ହୋଇଥିଲା। ନୀଳମାଧାନ ଉନ୍ନୟନ ପ୍ରକଳ୍ପ ଅନ୍ତର୍ଗତ ପୂର୍ବ ଦ୍ୱାର ଓ ପାହାଚ ନିର୍ମାଣ, ବେଢା ପରିକ୍ରମା, ଗାଡ଼ି ପାର୍କିଙ୍ଗ ସ୍ଥଳ, ଦୋକାନ ଗୃହ ଓ ଶୌଚାଳୟ ଆଦି ନିର୍ମାଣ ବିଷୟରେ ମଧ ବୈଠକରେ ଆଲୋଚନା ହୋଇଥିଲା। ମା' ଚର୍ଚ୍ଚିକା ମନ୍ଦିର ଜମି ଅଧିଗ୍ରହଣ, ଭୋଗମଣ୍ଡପ ନିର୍ମାଣ, ମନ୍ଦିର ପରିକ୍ରମା, ପାର୍କିଂ ସ୍ଥଳ ଏବଂ ବର୍ଦ୍ଧିତ ନିର୍ମାଣ ପ୍ରକଳ୍ପ ସହ ସମନ୍ୱିତ ଧବଳେଶ୍ୱର ଉନ୍ନୟନ ପ୍ରକଳ୍ପ ଅଧୀନରେ ଥିବା ବ୍ରାହ୍ମଣ କଟେଜ, ସିଂହଦ୍ୱାର, ଯଜ୍ଞ ମଣ୍ଡପ, ଆନନ୍ଦ ବଜାର, ଅଫିସ ଗୃହ, ପାର୍କିଂ ସ୍ଥଳ ନିର୍ମାଣ ବିଷୟରେ ଆଲୋଚନା ହୋଇଥିଲା। ବୈଠକରେ କଟକ ସାଂସଦ ଭର୍ତ୍ତୃହରି ମହତାବ, କଟକ ବାରବାଟୀ ବିଧାୟକ ଶ୍ରୀମତୀ ସୋଫିଆ ଫିର୍ଦୋଷ, କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, ଖଣ୍ଡପଡା ବିଧାୟକ ଦୁଷ୍ମନ୍ତ ସ୍ୱାଇଁ, କଟକ ଅତିରିକ୍ତ ଜିଲ୍ଲାପାଳ ଶ୍ରୀମତୀ ଇପ୍ସିତା ମିଶ୍ର, ଇଆଇସି ସିଭିଲ ସତ୍ୟବ୍ରତ ବେହେରା, ଓବିସିସି ପରିଚାଳନା ନିର୍ଦ୍ଦେଶକ ସମୀର ହୋତା ଉପସ୍ଥିତ ଥିଲେ।



# ଉଚ୍ଚଶିକ୍ଷାମନ୍ତ୍ରୀଙ୍କ ବାସଭବନ ଘେରିଲା କଂଗ୍ରେସ

**ଭୁବନେଶ୍ୱର,୧୪।୭ (ମହାଭାରତ):** ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀସୌମ୍ୟାଶ୍ରୀ ବିଶି ଆତ୍ମହତ୍ୟା ଉଦ୍ୟମ ଘଟଣା ପ୍ରସଙ୍ଗରେ ଆଜି ପ୍ରଦେଶ ଯୁବକଂଗ୍ରେସ ଓ ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ମିଳିତ ଭାବେ ରାଜ୍ୟ ଉଚ୍ଚଶିକ୍ଷାମନ୍ତ୍ରୀଙ୍କ ସରକାରୀ ବାସଭବନ ଘେରାଉ କରାଯାଇଥିଲା। ଯୁବକଂଗ୍ରେସ ଓ ଛାତ୍ର କଂଗ୍ରେସ କର୍ମୀ ଏବଂ ପୋଲିସଙ୍କ ମଧ୍ୟରେ ପ୍ରାୟ ୧ଘଂଟା କାଳ ଧସ୍ତାଧସ୍ତି ହେବା ପରେ ପୋଲିସ ବ୍ୟାରିକେଡକୁ ଆନ୍ଦୋଳନକାରୀ ମାନେ ଭାଙ୍ଗିଦେଇଥିଲେ। ପୋଲିସ ସେଠାରୁ ଭ୍ୟାନ ଯୋଗେ ଆନ୍ଦୋଳନକାରୀ ମାନଙ୍କୁ ଉଠାଇ ନେଇଥିଲା। କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିବା ପ୍ରଦେଶ ଯୁବ କଂଗ୍ରେସ ସଭାପତି କହିଥିଲେ ଯେ ବାଲେଶ୍ୱର ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀସୌମ୍ୟାଶ୍ରୀ ବିଶି ଆତ୍ମହତ୍ୟା ଉଦ୍ୟମ ଘଟଣାରେ ସଂପୂର୍ଣ୍ଣ ଭାବେ ମହାବିଦ୍ୟାଳୟ କର୍ତ୍ତୃପକ୍ଷ ଏବଂ ଜିଲ୍ଲା ପୋଲିସ ପ୍ରଶାସନ ଦାୟୀ। ଅନ୍ୟପକ୍ଷରେ ଉଚ୍ଚଶିକ୍ଷା ବିଭାଗକୁ ପରିଚାଳନା କରିବାରେ ବିଫଳ ଅଯୋଗ୍ୟ ଉଚ୍ଚଶିକ୍ଷାମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀ ଏ ସମଗ୍ର ଘଟଣା ପାଇଁ ଦାୟୀ ଏବଂ ସେ ତୁରନ୍ତ ଇସ୍ତଫା ଦିଅନ୍ତୁ। ଓଡ଼ିଶାରେ ସରକାରୀ ଓ ବେସରକାରୀ ଶିକ୍ଷା ବିଭାଗର କ୍ୟାମ୍ପସରେ ମହିଳା ଅସୁରକ୍ଷିତ। ସୁତରାଂକ୍ୟାମ୍ପସରେ ଛାତ୍ରଛାତ୍ରୀଙ୍କୁ ସୁରକ୍ଷା ଦେଇପାରୁନଥିବା ଉଚ୍ଚ ଶିକ୍ଷାମନ୍ତ୍ରୀ ତୁରନ୍ତ ଇସ୍ତଫା ଦେବାକୁ ଯୁବକଂଗ୍ରେସ ଦାବିକରୁଛି। ସେହିଭଳି ପ୍ରଦେଶ ଛାତ୍ର କଂଗ୍ରେସର ସଭାପତି ଉଦିତ ପ୍ରଧାନ କହିଲେ ଯେ ମୋହନ ସରକାର ଏକ ଛାତ୍ରବିରୋଧି ସରକାର। ପୀଡ଼ିତା ସୌମ୍ୟାଶ୍ରୀ ବିଶି ନ୍ୟାୟ ପାଇବା ପାଇଁ କଲେଜର ଅଧ୍ୟକ୍ଷ, ଥାନା, ବାଲେଶ୍ୱର ସାଂସଦ, ମୁଖ୍ୟମନ୍ତ୍ରୀ ଓ ଶିକ୍ଷାମନ୍ତ୍ରୀ ସମସ୍ତଙ୍କୁ ଯୋଗାଯୋଗ କରିଛନ୍ତି। କିନ୍ତୁ ତାଙ୍କୁ ନ୍ୟାୟ ମିଳି ନାହିଁ। ଶେଷରେ ହତାସ ହୋଇ ସେ ଆତ୍ମଦାହ କରିବା ପାଇଁ ନିଷ୍ପତ୍ତି ନେଲେ। ଛାତ୍ରୀ ସୌମ୍ୟାଶ୍ରୀ ପ୍ରତି ଅନ୍ୟାୟ କରିଥିବା ଅଧ୍ୟାପକ ଓ ଅଧ୍ୟକ୍ଷଙ୍କୁ ଚାକିରୀରୁ ବରଖାସ୍ତ କରାଯାଉ। ଅଧ୍ୟକ୍ଷଙ୍କୁ ଗିରଫ କରାଯାଉ। ଅଭିଯୋଗ ପାଇଲାପରେ ସ୍ଥାନୀୟ ଥାନା ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନିଆଯାଇ ନଥିବାରୁ ଥାନା ଅଧିକାରୀଙ୍କ ଉପରେ ମଧ୍ୟ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ।




# କର୍ମବୀର ଗୌରୀଶଙ୍କର ରାୟଙ୍କ ୧୮୭ତମ ଧରାବତରଣ ଦିବସ

**ଭୁବନେଶ୍ୱର,୧୪।୭ (ମହାଭାରତ):** ଓଡ଼ିଆ ଭାଷା, ସୁରକ୍ଷା ଆନ୍ଦୋଳନର ଅଗ୍ରଣୀ ସାରଥି, ଉତ୍କଳଦୀପିକା ସମ୍ବାଦପତ୍ରର ପ୍ରତିଷ୍ଠାତା, ରାଜ୍ୟରେ ନାରୀଶିକ୍ଷାର ଜାଗ୍ରତ ପ୍ରହରୀ କର୍ମବୀର ଗୌରୀଶଙ୍କର ରାୟଙ୍କ ୧୮୭ତମ ଧରାବତରଣ ଦିବସ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ମାହାଙ୍ଗା ବିକାଶ ପରିଷଦ, ଉତ୍କଳ ପ୍ରଦେଶସ୍ଥ କାୟସ୍ଥ ସଭା ଆନୁକୂଲ୍ୟରେ ଆଜି ପ୍ରତ୍ୟୁଷରେ ଭୁବନେଶ୍ୱର ପିଏମ୍‌ଜି ଛକ ସମ୍ମୁଖସ୍ଥ ତାଙ୍କ ପ୍ରତିମୂର୍ତ୍ତିସ୍ଥଳୀରେ ବିଭୂତି କାନୁନ୍‌ଗୋ, ଚାରୁ ଓ କାରୁକଳା ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଚନ୍ଦ୍ରଶେଖର ସେଠୀଙ୍କ ସଂଯୋଜନା ଓ ମାହାଙ୍ଗା ବିଧାୟକ ସାରଦା ପ୍ରସାଦ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଅଛି । ଏହି କାର୍ଯ୍ୟକ୍ରମରେ ଓଡ଼ିଶା ପ୍ରଦେଶ କାୟସ୍ଥ ସଭାର ସଭାପତି ତଥା କର୍ମବୀର ଗୌରୀଶଙ୍କର ସ୍ମୃତି ସଂସଦର ସଭାପତି ଉଦୟ ଶଙ୍କର ରାୟ ସ୍ୱାଗତ ଜଣାଇଥିଲେ । ଏହି କାର୍ଯ୍ୟକ୍ରମରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ପୂର୍ବତନ ପ୍ରମୁଖ ଶାସନ ସଚିବ ଡ. ମନୋରଂଜନ ପାଣିଗ୍ରାହୀ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ପୂର୍ବତନ ପୂଜ୍ୟପୂଜା ଅଧିକାରୀ ଲକ୍ଷ୍ମୀଧର ବେହେରା, ଗାନ୍ଧୀବାଦୀ ବିଜୟ କୁମାର ତ୍ରିପାଠୀ, ପଣ୍ଡିତ ଗିରିଜା ଶଙ୍କର ମହାପାତ୍ର, କାୟସ୍ଥ ସଭା ପକ୍ଷରୁ ସମରେନ୍ଦ୍ର ଘୋଷ, ଶ୍ରୀମତୀ ସୋନାଲି ଘୋଷ, ଉଇ ଫର ଭୁବନେଶ୍ୱରର ପୂଜ୍ୟପୂଜା କାର୍ଯ୍ୟକ୍ରମ ସଂଯୋଜକ ନରେନ୍ ସାହୁ, ପନ୍ନଙ୍ଗ ଭୂଷଣ ଦାସ, ଉମାନାଥ ମିଶ୍ର, ଅଧ୍ୟାପକ ରମେଶ ଚନ୍ଦ୍ର ପାତାଳସିଂହଙ୍କ ସମେତ ମାହାଙ୍ଗା ଅଞ୍ଚଳର ଭୁବନେଶ୍ୱରରେ ରହୁଥିବା ଜନସାଧାରଣ ଉଇ ଫର ଭୁବନେଶ୍ୱରର ସଭ୍ୟବୃନ୍ଦ ଓ ବିଭିନ୍ନ ସଙ୍ଗଠନ, ପୂଜ୍ୟପୂଜା ପ୍ରେମୀମାନେ ଯୋଗଦେଇ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ଦୀପଦାନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ବକ୍ତାମାନେ ନିଜ ବକ୍ତବ୍ୟରେ କର୍ମବୀର ଗୌରୀଶଙ୍କରଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରିବା ସହ ମାହାଙ୍ଗା ମାଟିର ଦୀକ୍ଷିତପଡ଼ାରେ ଜନ୍ମିତ ସ୍ୱର୍ଗତ ରାୟ ନିଜ ପ୍ରତିଭା ବଳରେ ଓଡ଼ିଶାର ଭାଷା ଆନ୍ଦୋଳନକୁ ସକ୍ରିୟ କରି ଓଡ଼ିଆ ଭାଷା ସୁରକ୍ଷାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବା ସହ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ପ୍ରମୁଖ ସହଯୋଗୀ ଭାବେ ଉତ୍କଳ ସମ୍ମିଳନୀ ଗଠନରେ ସକ୍ରିୟ ଭୂମିକା ଗ୍ରହଣ କରି ଏହାକୁ ସମଗ୍ର ଓଡ଼ିଆ ଭାଷାଭାଷୀ ଅଞ୍ଚଳରେ ପରିବ୍ୟାପ୍ତ କରିଥିଲେ । ଉତ୍କଳଦୀପିକା ଖବରକାଗଜ ପ୍ରତିଷ୍ଠା କରିବା ସହ ଦୀର୍ଘ ୫୮ ବର୍ଷ ଧରି ଏହାର ସମ୍ପାଦକ ଭାବେ ଓଡ଼ିଶାର ମୌଳିକ ଦାବିକୁ ଗଣମାଧ୍ୟମ ଜରିଆରେ ପ୍ରକାଶନ କରି ସରକାରଙ୍କ ଦୃଷ୍ଟି ଆକର୍ଷଣ ପୂର୍ବକ ଲୋକଙ୍କ ସମସ୍ୟାର ସମାଧାନ ଦିଗରେ ମୌଳିକ ଦାୟିତ୍ୱ ନିର୍ବାହ କରିଥିଲେ । ଏହାବ୍ୟତୀତ ରାଜ୍ୟରେ ଶିକ୍ଷାର ବିକାଶ ସହ ନାରୀଶିକ୍ଷାର ବିକାଶ ପାଇଁ ମଧ୍ୟ ପଦକ୍ଷେପ ଗ୍ରହଣ କରିଥିଲେ ।



# ରାଜ୍ୟପାଳଙ୍କ ହସ୍ତକ୍ଷେପ ଲୋଡ଼ିଲେ ନବୀନ

**ଭୁବନେଶ୍ୱର,୧୪।୭ (ମହାଭାରତ):** ବାଲେଶ୍ୱର ଏଫ୍‌ଏମ୍ ସ୍ୱୟଂଶାସିତ କଲେଜର ଛାତ୍ରୀ ନିଜ ଜୀବନ ନେବାକୁ ଉଦ୍ୟମ କରିବା ଘଟଣାରେ ଏବେ ରାଜନୀତି ତେଜିଛି। ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ରାଜ୍ୟପାଳଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି। ଛାତ୍ରୀଙ୍କୁ ନ୍ୟାୟ ଦେବାକୁ ସେ ଦାବି କରିଛନ୍ତି। କଲେଜ ଅଧ୍ୟକ୍ଷଙ୍କ ଠାରୁ ଆରମ୍ଭ କରି ଉଚ୍ଚଶିକ୍ଷା ମନ୍ତ୍ରୀ ଏବଂ କେନ୍ଦ୍ରମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀ ପର୍ଯ୍ୟନ୍ତ ବାରମ୍ବାର ତାଙ୍କ ଅଭିଯୋଗ ଜଣାଇବା ସତ୍ୱେ ନ୍ୟାୟ ପାଇବାରୁ ଛାତ୍ରୀ ବଞ୍ଚିତ ଥିଲେ। ଏହା ସହ ଘଟଣାକୁ ନେଇ ଦୁଃଖ ପ୍ରକାଶ କରିବା ସହ ନବୀନ ଛାତ୍ରୀଙ୍କ ଆରୋଗ୍ୟ କାମନା କରିଛନ୍ତି। ସୋସିଆଲ ମିଡ଼ିଆ ଆକାଉଣ୍ଟ ଏକ୍ସରେ ଛାତ୍ରୀଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ଏକ୍ସରେ ନବୀନ କହିଛନ୍ତି, 'ଓଡ଼ିଶାର ପ୍ରମୁଖ ବିଶ୍ୱବିଦ୍ୟାଳୟ ମଧ୍ୟରୁ ଗୋଟିଏରେ ଜଣେ ଯୁବତୀ ନିଜ ଜୀବନ ନେବାକୁ ଉଦ୍ୟମ କରିବା ଆଶ୍ଚର୍ଯ୍ୟଜନକ ଏବଂ ଗଭୀର ଦୁଃଖଦାୟକ। ମୁଁ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ତାଙ୍କର ଗୁରୁତର ପୋଡ଼ିଯାଇଥିବା ଆଘାତରୁ ଶୀଘ୍ର ଆରୋଗ୍ୟ ପାଇଁ ପ୍ରାର୍ଥନା କରୁଛି। ଜଣେ ଶିକ୍ଷକ ତାଙ୍କୁ ବାରମ୍ବାର ଯୌନ ଅନୁଗ୍ରହ ଦାବି କରି ନିରନ୍ତର ଯୌନ ନିର୍ଯାତନାର ଶିକାର ହୋଇଥିବା ଅଭିଯୋଗ ହୋଇଛି। ପ୍ରିନ୍ସିପାଲଙ୍କୁ ଲେଖିଥିବା ଏକ ଚିଠିରେ ସେ ପ୍ରକାଶ କରିଛନ୍ତି ଯେ, ସେ ପୂର୍ବରୁ ଆତ୍ମହତ୍ୟା କରିବାକୁ ଚେଷ୍ଟା କରିଥିଲେ କିନ୍ତୁ ଶିକ୍ଷକଙ୍କୁ ରକ୍ଷା କରାଯାଇଥିଲା। ଛାତ୍ରୀ ଜଣକ ମାସ ମାସ ଧରି ଭୟ ଏବଂ ଯନ୍ତ୍ରଣାରେ ବଞ୍ଚି ରହିଥିଲେ। ଜୁଲାଇ ୧ ତାରିଖରେ, ସାହାଯ୍ୟ ପାଇଁ ଏକ ହତାଶ ନିବେଦନ କରି, ସେ ସୋସିଆଲ ମିଡିଆରେ ତାଙ୍କର ଅଭିଯୋଗ ପୋଷ୍ଟ କରିଥିଲେ, ଅନେକ ଉଚ୍ଚ ପଦାଧିକାରୀଙ୍କୁ ଟ୍ୟାଗ୍ କରିଥିଲେ।

# ପିତୃମାତୃହୀନ ଶିଶୁଙ୍କ ଚିହ୍ନଟ ଅଭିଯାନ

**ଭୁବନେଶ୍ୱର,୧୪।୭ (ମହାଭାରତ):** ଶିଶୁ ଅଧିକାର ଓ କଲ୍ୟାଣକୁ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ରାଜ୍ୟରେ ଆରମ୍ଭ ହୋଇଛି ଅରଫାନ ସର୍ଭେ - ୨୦୨୫। ଜୁଲାଇ ୧୧ ତାରିଖରେ ଆରମ୍ଭ ହୋଇଥିବା ଏହି ଅଭିଯାନରେ ଅଙ୍ଗନବାଡି କର୍ମୀମାନେ ଜୁଲାଇ ମାସ ୨୧ ତାରିଖ ପର୍ଯ୍ୟନ୍ତ ଘରକୁ ଘର ବୁଲି ପିତୃମାତୃହୀନ ଶିଶୁଙ୍କର ଚିହ୍ନଟ ସହିତ ନିର୍ଦ୍ଦିଷ୍ଟ ଫର୍ମରେ ସବିଶେଷ ତଥ୍ୟ ସଂଗ୍ରହ କରୁଛନ୍ତି। ଏଥିରେ ଉଭୟ ପିତାମାତାଙ୍କୁ ହରାଇ ଥିବା ଶିଶୁ, ପିତାଙ୍କୁ ହରାଇ ମାତାଙ୍କ ସହିତ କିମ୍ବା ମାତାଙ୍କୁ ହରାଇ ୪୦%ରୁ ଅଧିକ ଭିନ୍ନକ୍ଷମ/ଦୁରାରୋଗ୍ୟ ବ୍ୟାଧିଗ୍ରସ୍ତ କାରଣରୁ ରୋଜଗାରହୀନ ପିତାଙ୍କ ସହିତ ରହୁଥିବା ଶିଶୁମାନଙ୍କୁ ଚିହ୍ନଟ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ୧ ଜୁନ, ୨୦୨୫ ମସିହା ସୁଦ୍ଧା ଜନ୍ମରୁ ୧୮ ବର୍ଷ ବୟସ ଯାଏଁ ଶିଶୁ ଓ ନାବାଳକମାନଙ୍କୁ ଏଥିରେ ଚିହ୍ନଟ କରାଯିବ। ଏହା ପରବର୍ତ୍ତୀ ସମୟରେ ଚିହ୍ନଟ ଶିଶୁମାନଙ୍କର ଆବଶ୍ୟକତା ଅନୁଯାୟୀ ଉପଯୁକ୍ତ ଯତ୍ନ, ସୁରକ୍ଷା ତଥା ଥଇଥାନ ଯୋଜନା ପ୍ରସ୍ତୁତିରେ ସହାୟକ ହେବ। ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଚଳିତ ଯଶୋଦା ଯୋଜନାରେ ପ୍ରତି ଚାରି ବର୍ଷରେ ଥରେ ସାରା ରାଜ୍ୟରେ ଏହି ସର୍ଭେ କରିବାର ବ୍ୟବସ୍ଥା ରହିଛି । ଉକ୍ତ ବ୍ୟବସ୍ଥାର ଅନୁପାଳନ ସ୍ୱରୂପ ମହିଳା ଓ ଶିଶୁ ବିକାଶ ବିଭାଗ ଦ୍ୱାରା ଜିଲ୍ଲାମାନଙ୍କ ପାଇଁ ଅରଫାନ ସର୍ଭେ ମାର୍ଗଦର୍ଶିକା ଜାରି କରାଯାଇଛି। ଏଥିପାଇଁ ରାଜ୍ୟସ୍ତରରେ ସ୍ୱତନ୍ତ୍ର ଫର୍ମ ପ୍ରସ୍ତୁତ ହେବା ସହିତ ଜିଲ୍ଲାସ୍ତରରେ ମାଷ୍ଟର ଟ୍ରେନର ମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି।



ପରବର୍ତ୍ତୀ ସମୟରେ ଜିଲ୍ଲାସ୍ତରରେ ତାଲିମ ଦାତାଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଛନ୍ତି ଏବଂ ଏହି ତାଲିମଦାତାମାନେ ଅଙ୍ଗନବାଡି କର୍ମୀଙ୍କୁ ସର୍ଭେ ସମ୍ବନ୍ଧୀୟ ତାଲିମ ଓ ସୂଚନା ପ୍ରଦାନ କରିଛନ୍ତି। ଅଙ୍ଗନବାଡି କର୍ମୀମାନଙ୍କ ଦ୍ୱାରା ସଂଗୃହିତ ତଥ୍ୟକୁ ସୁପରଭାଇଜରଙ୍କ ଦ୍ୱାରା ତଦାରଖ ପରେ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀଙ୍କ ଜରିଆରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟକୁ ପ୍ରଦାନ କରାଯିବ। ପରବର୍ତ୍ତୀ ସମୟରେ ପ୍ରତ୍ୟେକ ଶିଶୁର ତଥ୍ୟକୁ 'ଆମରି ଶିଶୁ' ପୋର୍ଟାଲରେ ଦାଖଲ କରାଯିବ। ଓଡିଶା ରାଜ୍ୟ ଶିଶୁ ସୁରକ୍ଷା ସମିତି ଏହି ତଥ୍ୟକୁ ସମ୍ମିଳିତ କରି ସବିସ୍ତୃତ ରିପୋର୍ଟ ପ୍ରସ୍ତୁତ କରିବେ। ଶିଶୁଙ୍କର ବଂଚିବାର ଅଧିକାର, ବିକାଶର ଅଧିକାର, ସୁରକ୍ଷାର ଅଧିକାର ଏବଂ ଅଂଶଗ୍ରହଣ କରିବାର ଅଧିକାରକୁ ସୁରକ୍ଷିତ ରଖିବା ପାଇଁ ପ୍ରାଥମିକ ପର୍ଯ୍ୟାୟରେ ଯତ୍ନ ଓ ସୁରକ୍ଷା ଆବଶ୍ୟକ କରୁଥିବା ଶିଶୁର ଚିହ୍ନଟ ଗୁରୁତ୍ୱପୂର୍ଣ୍ଣ ଅଟେ। ଏହା ପରବର୍ତ୍ତୀ ସମୟରେ ଚିହ୍ନଟ ଶିଶୁମାନଙ୍କ ପାଇଁ ରାଜ୍ୟସରକାରଙ୍କ ଦ୍ୱାରା ଆବଶ୍ୟକତା ଅନୁସାରେ ଯୋଜନା ଓ ନୀତି ପ୍ରଣୟନ ତଥା ସଂଶୋଧନ ଏବଂ ଶିଶୁ କଲ୍ୟାଣ କମିଟି ମାନଙ୍କ ଦ୍ୱାରା କ୍ୟାମ୍ପ ସିଟିଂ ମାଧ୍ୟମରେ ପରବର୍ତ୍ତୀ ପଦକ୍ଷେପ ପାଇଁ ସହାୟକ ହେବ। ସ୍ଥାନୀୟ ଅଙ୍ଗନବାଡ଼ି କର୍ମୀଙ୍କୁ ଏଥିରେ ସହଯୋଗ ସହିତ, ଏହାକୁ ସଫଳ କରିବା ପାଇଁ ମହିଳା ଓ ଶିଶୁ ବିଭାଗ ପକ୍ଷରୁ ଜନସାଧାରଣଙ୍କୁ ଅନୁରୋଧ କରାଯାଇଛି।

# ଉପମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରିଲା ନବନିର୍ମାଣ ଯୁବଛାତ୍ର ସଂଗଠନ

**ଭୁବନେଶ୍ୱର,୧୪।୭ (ମହାଭାରତ):** ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳର ସହକାରୀ ପ୍ରଫେସରଙ୍କ ନିର୍ଯାତନା ଶୀକାର ହୋଇ ଜଣେ ଛାତ୍ରୀ ନିଜ ଦେହରେ ପେଟ୍ରୋଲ ଢାଳି ଆତ୍ମହତ୍ୟା ଉଦ୍ୟମ ଘଟଣାରେ ରାଜ୍ୟ ବିଜେପି ସରକାରର ଦାୟିତ୍ୱହୀନତାକୁ ଦାୟୀ କରିଛି ନବନିର୍ମାଣ ଯୁବଛାତ୍ର ସଂଗଠନ। ଆଜି ନବନିର୍ମାଣ ଯୁବଛାତ୍ର ସଂଗଠନର ରାଜ୍ୟ ସଂଯୋଜକ ଏମ.ଡ଼ି ମନଓ୍ୱର ଅଲ୍ଲୀଙ୍କ ନେତୃତ୍ୱରେ ରାଜ୍ୟ ଉପମୁଖ୍ୟମନ୍ତ୍ରୀ ତଥା ମହିଳା, ଶିଶୁ ବିକାଶ ମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ବାସଭବନ ଘେରାଉ କରାଯାଇଥିଲା। ଏନେଇ ମନଓ୍ୱର ଅଲ୍ଲୀ କହିଛନ୍ତି, ଛାତ୍ରୀ ଜଣକ ଜୁଲାଇ ୧ ତାରିଖରେ ଅଭିଯୁକ୍ତ ସହକାରୀ ପ୍ରଫେସରଙ୍କ ନାଁରେ ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କ ପାଖରେ ଲିଖିତ ଅଭିଯୋଗ କରିଥିଲେ। କିନ୍ତୁ କଲେଜ ଅଧ୍ୟକ୍ଷ ଏହି ଘଟଣାକୁ ଗୁରୁତର ସହ ନେଇନଥିଲେ। ପରେ ଛାତ୍ରୀ ଜଣକ ବାଧ୍ୟ ହୋଇ ଥାନାରେ ଦ୍ୱାରସ୍ଥ ହୋଇଥିଲା। ଥାନାରୁ ମଧ୍ୟ ସେଭଳି ନ୍ୟାୟ ତାଙ୍କୁ ମିଳିନଥିଲା। ଛାତ୍ରୀ ଜଣକ ବାଲେଶ୍ୱର ସାଂସଦ ପ୍ରତାପ ଷଡ଼ଙ୍ଗୀଙ୍କୁ ବ୍ୟକ୍ତିଗତ ସାକ୍ଷତ କରି ଅଭିଯୋଗ କରିଥିଲେ। ଏହା ସହ ଛାତ୍ରୀ ଜଣକ ନିଜ ଏକ୍ସ ଆକାଉଂଟରେ ମୁଖ୍ୟମନ୍ତ୍ରୀ, ରାଜ୍ୟ ଉଚ୍ଚଶାକ୍ଷା ମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ କରିଥିଲେ ମଧ୍ୟ ଜଣେ ଛାତ୍ରୀଙ୍କ ଅଭିଯୋଗକୁ ସରକାର ଦୃଷ୍ଟି ଦେଇନଥିଲେ। ଦୀର୍ଘ ୧୨ ଦିନର ବହୁ ସଂଘର୍ଷ ପରେ ଛାତ୍ରୀ ଜଣକ ବାଧ୍ୟ ହୋଇ ଆତ୍ମହତ୍ୟା ଭଳି ଚରମ ନିଷ୍ପତ୍ତି ନେଲେ। ରାଜ୍ୟ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମହିଳା ଓ ଶିଶୁ ବିକାଶର ମନ୍ତ୍ରୀ ହୋଇଥିଲେ ବି ଜଣେ ଛାତ୍ରୀଙ୍କୁ ନ୍ୟାୟ ଦେବାରେ ବିଫଳ ହୋଇଛନ୍ତି। ଯଦି ସାଧାରଣ ଲୋକଙ୍କୁ ସରକାର ନ୍ୟାୟ ଦେବାରେ ବିଫଳତା ପ୍ରକାଶ କରୁଛନ୍ତି ତେବେ ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ, ଉଚ୍ଚଶିକ୍ଷା ମନ୍ତ୍ରୀ ତୁରନ୍ତ ଇସ୍ତଫା ଦିଅନ୍ତୁ ବୋଲି ଯୁବଛାତ୍ର ସଂଗଠନ ଦାବୀ କରିଛି।

# ଭାରତୀୟ କମ୍ୟୁନିଷ୍ଟ ପାର୍ଟି ରାଜ୍ୟ ସମ୍ମିଳନୀ

**ଭୁବନେଶ୍ୱର,୧୪।୭ (ମହାଭାରତ):** ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ୨୪ତମ ଓଡ଼ିଶା ରାଜ୍ୟ ସମ୍ମିଳନୀ ଆସନ୍ତା ୨୦୨୫ ସେପ୍ଟେମ୍ବର ୫,୬ ଓ ୭ ତାରିଖରେ ଭୁବନେଶ୍ୱରଠାରେ ଅନୁଷ୍ଠିତ ହେବ ବୋଲି ପାର୍ଟିର ରାଜ୍ୟ କମିଟିର ନିଷ୍ପତ୍ତି ଭିତ୍ତିରେ ଆଜି ଏହି ସମ୍ମିଳନୀ ପାଇଁ ଅଭ୍ୟର୍ଥନା କମିଟି ବୈଠକ ବରିଷ୍ଠ ସାମ୍ବାଦିକ ପଦୋଷ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀ ପାର୍ଟି ପ୍ରତିଷ୍ଠା ଶତବାର୍ଷିକୀ ଅବସରରେ ଅନୁଷ୍ଠିତ ହେଉଥିବାରୁ ଏହାର ଖୋଲା ଅଧିବେଶନ ୫ ସେପ୍ଟେମ୍ବରରେ ଶତବାର୍ଷିକୀ ସଂଘର୍ଷ ସଂକଳ୍ପ ପାଇଁ ରାଜ୍ୟସ୍ତରୀୟ ସମାବେଶ ଅନୁଷ୍ଠିତ ହେବ। ଏହି ସମାବେଶରେ ରାଜ୍ୟର ପ୍ରତ୍ୟେକ ସଭ୍ୟ, ସମର୍ଥକ ଓ ଜନଗଣ ଅଧିକ ସଂଖ୍ୟାରେ ଯୋଗ ଦେବେ। ଏ ସମ୍ପର୍କରେ ପାର୍ଟିର ରାଜ୍ୟ ସମ୍ପାଦକ ଆଶିଷ କାନୁନ୍‌ଗୋ, ସହସମ୍ପାଦକ କ୍ଷୀରୋଦ ସିଂହଦେଓ, ସମ୍ପାଦକମଣ୍ଡଳୀ ସଦସ୍ୟ ଡା. ପ୍ରଶାନ୍ତ ମିଶ୍ର, ଏନ. ନାରାୟଣ ରେଡ଼ି, ଜୟନ୍ତ ଦାସ, ବିଜୟ ଜେନା, ଦାମୋଦର ବେହେରା, ରମଣୀ ରଞ୍ଜନ ରାଉତରାୟ, ଅଭ୍ୟର୍ଥନା କମିଟି ସାଧାରଣ ସମ୍ପାଦକ ଅମିୟ ପଟ୍ଟନାୟକ, ଉପସାଧାରଣ ସାଧାରଣ ସମ୍ପାଦକ ସୁର ଜେନା, ଶିକ୍ଷକ ନେତା ଅମୀୟ କୁମାର ମହାନ୍ତି, କୈଳାସ ପୁହାଣ, ଅଶୋକ ସାହୁ, ଅରକ୍ଷିତ ବେହେରା, ନମିତା ସାହୁ, ଦେବାଶିଷ ପରିଜା, ପ୍ରଫୁଲ୍ଲ ତ୍ରିପାଠୀ, ମୁରଲୀ ଜେନା, ବସନ୍ତ ସେଠୀ, ମମତା ରାଉତ, ହୃଷୀ ମହାନ୍ତି, ପ୍ରମୋଦିନୀ ପାଇକରାୟ, ବିବେକାନନ୍ଦ ଦାଶ, ଦୁଷ୍ମନ୍ତ ନାୟକ ପ୍ରମୁଖ ଯୋଗ ଦେଇ ସୁଚିନ୍ତିତ ମତାମତ ଦେବା ସହ ଏହି ସମ୍ମିଳନୀ ପାଇଁ ନୂଆଦୁନିଆ ପକ୍ଷରୁ ପାର୍ଟିର ଶତବାର୍ଷିକୀ ସମ୍ମିଳନୀ ସ୍ମରଣିକା ପ୍ରକାଶ ପାଇବ। ଏହି ସ୍ମରଣିକା ଆଲେଖ୍ୟ ପ୍ରକାଶିତ ହେବ। ଏ ସମସ୍ତ ବାବଦରେ ଗଣପାଣ୍ଠି ସଂଗୃହୀତ ହେବ। ଏହି ସମ୍ମିଳନୀର ସଫଳତା ପାଇଁ ଖୋର୍ଦ୍ଧା ଜିଲ୍ଲା, ବିଶେଷକରି ଭୁବନେଶ୍ୱରରେ ପଥପ୍ରାନ୍ତ ସଭା ଓ ପ୍ରଚାର ଅଭିଯାନ ନିଆଯିବ। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବସନ୍ତ ସେଠୀ, ଶଙ୍କର ବାରିକ, ବିପ୍ଳବକେଶରୀ ମହାପାତ୍ର, ସଞ୍ଜୁ ଭୋଇ, ସୁରେନ୍ଦ୍ର ବେହେରା, ନୃସିଂହ ବେହେରା, ବସନ୍ତ ପାଇକରାୟ, ରାକେଶ ପାତ୍ର, ମାନା ଦଳେଇ ପ୍ରମୁଖ ବିଭିନ୍ନ ପ୍ରସ୍ତାବ ଉପରେ ଆଲୋଚନା କରିଥିଲେ।

# କାଇନେଟିକ୍ ଗ୍ରୀନ ଇଲେକ୍ଟ୍ରିକ୍ ସ୍କୁଟର ଘୋଷଣା

**ଭୁବନେଶ୍ୱର,୧୪।୭ (ମହାଭାରତ):** ନିଜର ନେତୃତ୍ୱକୁ ଉଜାଗର କରି, କାଇନେଟିକ୍ ଗ୍ରୀନ, ଯାହାକି ଭାରତର ପ୍ରମୁଖ ପ୍ରିମିୟର ବୈଦ୍ୟୁତିକ ଦୁଇଚକିଆ ଯାନ (ଇଟୁଡ଼ବ୍ଲୁ) ଏବଂ ବୈଦ୍ୟୁତିକ ତିନିଚକିଆ ଯାନ (ଇଥ୍ରିଡ଼ବ୍ଲୁ)ର ନିର୍ମାଣକାରୀ ପ୍ରତିଷ୍ଠାନ, ଆଜି ଏହାର ଦୁଇଚକିଆ ଇଲେକ୍ଟ୍ରିକ୍ ଯାନର ବୃଦ୍ଧି ପାଉଥିବା ରୋଡ଼ମ୍ୟାପର ଆକ୍ରମଣାତ୍ମକ ଢ଼ଙ୍ଗକୁ ଉପସ୍ଥାପିତ କରିଛି। ଏହାର ଆଇକନିକ୍ ଇ-ଲୁନା ସଫଳତା ସେହି ଧ୍ୱନିକୁ ଦୃଢ଼ିଭୂତ କରି ବର୍ଷକ ତଳେ ହୋଇଥିବା ଶୁଭାରମ୍ଭକୁ ନେଇ କମ୍ପାନୀ ବର୍ତ୍ତମାନ ଆସନ୍ତା ୧୮ ମାସ ଭିତରେ ୩ଟି ଉଚ୍ଚ କ୍ଷମତା ତଥା କାର୍ଯ୍ୟଦକ୍ଷତା ସମ୍ପନ୍ନ ଜ୍ୱଳନ୍ତ ଇଲେକ୍ଟ୍ରିକ୍ସ ସ୍କୁଟରର ପରଦା ହଟାଇବାକୁ ଯାଉଛି ଯାହା ବିଶ୍ୱସ୍ତରୀୟ ଡ଼ିଜାଇନର ମହକତାକୁ ଗମ୍ଭୀରତାର ସହିତ ନେଇ ଭାରତୀୟ ବିଶାଳ ଯାନ୍ତ୍ରିକୀକଳା ସହିତ ଏକ ମିଶ୍ରଣରେ ପ୍ରସ୍ତୁତ କରିବାକୁ ଯାଉଛି। ଏହି ବର୍ଦ୍ଧିତ କାର୍ଯ୍ୟକ୍ରମର ସବୁଠାରୁ ଉତ୍ସାହପ୍ରଦ ପ୍ରଥମ ମଡ଼େଲଟି ଏକ ପ୍ରିମିୟମ ଅଟେ ଯାହା ଷ୍ଟାଇଲିଷ୍ଟ ଏବଂ ଏକ ଜ୍ଞାନକୌଶଳରେ ବର୍ଦ୍ଧିତ ପାରିବାରିକ ସ୍କୁଟର ଅଟେ ଯାହାକି ଆସନ୍ତା ପର୍ବାଣୀ ଋତୁ ୨୦୨୫ ପୂର୍ବରୁ ଶୁଭାରମ୍ଭ ହେବାକୁ ଯାଉଛି। ରହିଥିବା ଅନେକ ଗୁଡ଼ିଏ ନିଜସ୍ୱ ଜ୍ଞାନକୌଶଳର ବିଶେଷତ୍ୱକୁ ନେଇ ଏହି ଇ୨ଡ଼ବ୍ଲୁ ସମୟ ସହିତ ତାଳ ଦେଇ ବିଭିନ୍ନ ପ୍ରକାରର ପାରମ୍ପରିକତାକୁ ପୁନଃସ୍ଥାପିତ କରିବା ସହିତ ବ୍ୟବହାରକାରୀମାନଙ୍କ ପାଇଁ ଏକ ବିକଳ୍ପ ସୁବିଧା ପ୍ରଦାନ କରିବାକୁ ଯାଉଛି। ଏହା ଯେଉଁସବୁ ଯାନ୍ତ୍ରୀକ ଦ୍ୱାରା ସଜ୍ଜିତ ହେବ ତା ମଧ୍ୟରେ ରହିଛି ଆକର୍ଷଣୀୟ ଟିଏଫଟି ଡ଼ିସପ୍ଲେ, ଉନ୍ନତ ଆଇଓଟି ସକ୍ଷମକାରୀତା ତଥା ଏକ ବୁଦ୍ଧିମତାର ଡ଼ିଜିଟାଲ ମଂଚ ଯାହା ଜିଓଥିଙ୍ଗ ଦ୍ୱାରା ବିକଶିତ ହୋଇଛି।

# ଘଟଣାକୁ ଚପାଇ ଦେବାକୁ ଉଦ୍ୟମ ହେଉଛି : ବିଜେଡ଼ି

**ଭୁବନେଶ୍ୱର,୧୪।୭ (ମହାଭାରତ):** ବାଲେଶ୍ୱର ସହରରେ ସ୍ଥିତ ଏଫଏମ ଅଟନମୋସ କଲେଜରେ ଛାତ୍ରୀଙ୍କ ଆତ୍ମହୁତି ଉଦ୍ୟମ ଘଟଣା ସମଗ୍ର ରାଜ୍ୟରେ ଚାଂଚଲ୍ୟ ଖେଳାଇ ଦେଇଥିବା ବେଳେ ରାଜ୍ୟ ସରକାରଙ୍କ ଭୂମିକା ମଧ୍ୟ ସନ୍ଦେହ ଘେରରେ ରହିଛି। ରାଜ୍ୟ ସରକାର କେବଳ କିଛି କାର୍ଯ୍ୟାନୁଷ୍ଠାନ ନେଇ ଘଟଣାକୁ ରଫା ଦଫା କରିବାକୁ ଅପଚେଷ୍ଟା କରୁଛନ୍ତି ବୋଲି ବିଜୁ ଜନତା ଦଳ ଅଭିଯୋଗ କରିଛି। ଦଳର ମୁଖପାତ୍ର ତଥା ମିଡ଼ିଆ ସଂଯୋଜକ ଡ଼ଃ ଲେନିନ ମହାନ୍ତି ଏକ ପ୍ରେସ ବିବୃତିରେ କହିଛନ୍ତି, ଛାତ୍ରୀ ଜଣକ ଜଣେ ଅଧ୍ୟାପକଙ୍କ ଦ୍ୱାରା ନିର୍ଯ୍ୟାତିତ ହେଉଥିଲେ ଏବଂ ଅଧ୍ୟାପକ ଜଣକ ତାଙ୍କଠାରୁ ଶାରୀରିକ ଅନୁଗ୍ରହ ଚାହୁଁଥିଲେ ବୋଲି ଅଧ୍ୟକ୍ଷଙ୍କ ପାଖରେ ଲିଖିତ ଅଭିଯୋଗ କରିଥିଲେ। ଏହା ବ୍ୟତୀତ, ଜୁଲାଇ ୧ ତାରିଖ ଦିନ ସେ ସାମାଜିକ ଗଣମାଧ୍ୟମ 'ଏକ୍ସ' ରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ, ଉଚ୍ଚଶିକ୍ଷା ମନ୍ତ୍ରୀ ଶ୍ରୀ ସୁରଜ ସୂର୍ଯ୍ୟବଂଶୀ ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ତାଙ୍କ ଅଭିଯୋଗ ବିଷୟରେ ଅବଗତ କରିବା ସହିତ ତାଙ୍କୁ ନ୍ୟାୟ ପ୍ରଦାନ ପାଇଁ ଏମାନଙ୍କ ହସ୍ତକ୍ଷେପ ଲୋଡ଼ିଥିଲେ। କିନ୍ତୁ, ଗତ କାଲି ସେ ଆତ୍ମହୁତି ଭଳି ଚରମ ପଦକ୍ଷେପ ନେବା ପର୍ଯ୍ୟନ୍ତ, କୌଣସି ଉତ୍ତର ପାଇ ନଥିଲେ। ଦୁଃଖ ଓ ପରିତାପର ବିଷୟ ପୀଡ଼ିତାଙ୍କ ଅଭିଯୋଗକୁ ଅଣଦେଖା କରି ଆସୁଥିବା ରାଜ୍ୟ ସରକାର, ଆତ୍ମହୁତି ଭଳି ଏକ ଦୁଃଖଦ ଘଟଣା ଘଟିଗଲା ପରେ ହଠାତ ତତ୍ପର ହୋଇ ଉଠିଛନ୍ତି। ସମ୍ପୃକ୍ତ ଅଧ୍ୟାପକଙ୍କୁ ଗିରଫ କରିବା ସହିତ ଅଧ୍ୟକ୍ଷଙ୍କୁ ନିଲମ୍ବିତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି ବୋଲି ଦାବୀ କରୁଛନ୍ତି। ଏଠାରେ ସ୍ୱାଭାବିକ ଭାବେ ପ୍ରଶ୍ନ ଉଠେ ଯେ, ରାଜ୍ୟର ମୁଖ୍ୟମନ୍ତ୍ରୀ, ଉଚ୍ଚଶିକ୍ଷା ମନ୍ତ୍ରୀ ଓ କେନ୍ଦ୍ର ଶିକ୍ଷା ମନ୍ତ୍ରୀ କେଉଁ କାରଣରୁ ପୂର୍ବରୁ ଛାତ୍ରୀଙ୍କ ଅଭିଯୋଗକୁ ଅଣଦେଖା କରି ଆସୁଥିଲେ। ଘଟଣାକୁ ପୂର୍ବରୁ ଅବହେଳା କରି ଆସୁଥିବା ରାଜ୍ୟ ସରକାର ଏବେ ଘଟଣାକୁ ଚାପି ଦେବାକୁ ଉଦ୍ୟମ କରୁଛନ୍ତି। କିଛି ବିଜେପି ସମର୍ଥିତ ଯୁବକ ମାନେ ପୀଡିତା ଚିକିତ୍ସିତ ହେଉଥିବା ଏମ୍ସ ହସ୍ପିଟାଲରେ ପୀଡିତାଙ୍କୁ ଘେରି ରହିଛନ୍ତି। ପୀଡିତା ଛାତ୍ରୀ ଓ ତାଙ୍କ ପରିବାରକୁ ଭେଟିବା ପାଇଁ ଯାଉଥିବା ବିଭିନ୍ନ ସଂଗଠନର ବ୍ୟକ୍ତି ମାନଙ୍କୁ ଦୁର୍ବ୍ୟବାହାର ପ୍ରଦର୍ଶନ କରୁଛନ୍ତି ଓ ପୀଡ଼ିତାଙ୍କ ପରିବାର ସଦସ୍ୟଙ୍କ ସହିତ ଭେଟ କରାଇ ଦେଉ ନାହାନ୍ତି। ସେଠାରେ ଉପସ୍ଥିତ ଯୁବକ ମାନେ ବିଭିନ୍ନ ବ୍ୟକ୍ତିଙ୍କୁ ଦୁର୍ବ୍ୟବହାର କରୁଥିବା ଦୃଶ୍ୟ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଛି।

# ଭାରତୀୟ ସାମଗ୍ରୀ ବର୍ଜନ

ବାଂଲାଦେଶ ଏକ ବଙ୍ଗ ଭାଷାଭାଷି ଲୋକଙ୍କ ବସତି। ପାକିସ୍ତାନ ଏହାକୁ ନିଜର ଏକ ଉପନିବେଶ ଭାବେ ବିବେଚନା କରୁଥିଲା। ପଶ୍ଚିମ ପାକିସ୍ତାନ ତୁଳନାରେ ପୂର୍ବ ପାକିସ୍ତାନ ଅଧିକ ସମୃଦ୍ଧ ଏବଂ କୃଷି ଉତ୍ପାଦନର ମୁଖ୍ୟ କେନ୍ଦ୍ର ଥିଲା। ପାକିସ୍ଥାନର ଏହା ଥିଲା ଖାଦ୍ୟ ଭଣ୍ଡାର। କିନ୍ତୁ ଏହାର ବିକାଶକୁ ପାକିସ୍ତାନ ଗୁରୁତ୍ୱ ଦେଉନଥିଲା। ବରଂ ତତ୍କାଳୀନ ପୂର୍ବ ପାକିସ୍ତାନ ଅବହେଳିତ ହୋଇରହିଥିଲା। ଫଳରେ ପୂର୍ବ ପାକିସ୍ତାନରେ ଅସନ୍ତୋଷର ବହ୍ନି ଜଳୁଥିଲା। ପାକିସ୍ତାନରେ ଯେତେବେଳେ ଉର୍ଦ୍ଦୁକୁ ଦେଶର ଜାତୀୟ ଭାଷା ଭାବେ ଘୋଷଣା କରାଗଲା ଏବଂ ପୂର୍ବ ପାକିସ୍ତାନରେ ବସବାସ କରୁଥିବା ଲୋକଙ୍କ ଉପରେ ଏହାକୁ ଯୋର ଜବରଦସ୍ତ ଲଦି ଦିଆଗଲା ସେତେବେଳେ ପୂର୍ବ ପାକିସ୍ତାନରେ ବିଦ୍ରୋହର ନିଆଁ ଜଳିଥିଲା। ପୂର୍ବ ପାକିସ୍ତାନରେ ବସବାସ କରୁଥିବା ଲୋକଙ୍କ ମାତୃଭାଷା ଥିଲା ବଙ୍ଗଳା। ସେମାନେ କୌଣସି ପରିସ୍ଥିତିରେ ମଧ୍ୟ ନିଜ ମାତୃଭାଷାକୁ ପରିତ୍ୟାଗ କରିବାକୁ ଚାହୁଁନଥିଲେ। ଏହିଠାରୁ ଆରମ୍ଭ ହୋଇଥିଲା ବାଂଲାଦେଶର ମୁକ୍ତି ଆନ୍ଦୋଳନ। ୧୯୭୧ରେ ଏହାକୁ କେନ୍ଦ୍ର କରି ଭାରତ ଏବଂ ପାକିସ୍ତାନ ମଧ୍ୟରେ ଯୁଦ୍ଧ ହୋଇଥିଲା। ଏଥିରେ ପାକିସ୍ତାନ ଶୋଚନୀୟ ଭାବେ ପରାଜିତ ହୋଇ ଭାରତ ନିକଟରେ ଆତ୍ମ ସମର୍ପଣ କରିବାକୁ ବାଧ୍ୟ ହୋଇଥିଲା। ସେଡିଦିନ ଜନ୍ମ ନେଇଥିଲା ବାଂଲାଦେଶ। କିନ୍ତୁ ଦୁର୍ଭାଗ୍ୟର ବିଷୟ ହେଲା ବାଂଲାଦେଶର ଜନ୍ମଠାରୁ ଆରମ୍ଭ କରି ଲାଳନ ପାଳନ ପର୍ଯ୍ୟନ୍ତ ସବୁଥିର ଭାରତର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିବା ସତ୍ତ୍ୱେ ସେଠାରେ ଅନେକ ମୌଳବାସୀ ସଙ୍ଗଠନ ଭାରତ ବିରୋଧରେ ଷଡ଼ଯନ୍ତ୍ର କରୁଛନ୍ତି ଏବଂ ଭାରତକୁ ସମାଲୋଚନା କରୁଛନ୍ତି। ଅବଶ୍ୟ ପ୍ରଧାନମନ୍ତ୍ରୀ ଶେଖ ହାସିନା ଜଣେ ଭାରତର ଦୃଢ଼ ସମର୍ଥକ। ତାଙ୍କ ପିତା ସ୍ୱର୍ଗତ ମୁଜିବୁର ରହମାନ ଥିଲେ ବାଂଲାଦେଶ ଗଠନର ସାରଥୀ। ଗତ ୫୩ ବର୍ଷ ଭିତରେ ବାଂଲାଦେଶକୁ ସବୁ କ୍ଷେତ୍ରରେ ଭାରତ ସହଯୋଗ ଏବଂ ସହାୟତାର ହାତ ବଢ଼ାଇଛି। ବାଂଲାଦେଶକୁ ଭାରତ ନିଜର ବନ୍ଧୁ ଭାବେ ବିବେଚନା କରିଆସୁଛି। ବାଂଲାଦେଶ ସହିତ ସୀମା ବିବାଦର ଆପୋଷ ସମାଧାନ ହୋଇଛି। ବାଂଲାଦେଶରୁ ଭାରତକୁ ଆସିଥିବା ଲକ୍ଷ ଲକ୍ଷ ଶରଣାର୍ଥୀଙ୍କୁ ଏଠାରେ ଆଶ୍ରୟ ଦିଆଯାଇଛି। ବାଂଲାଦେଶକୁ ଭାରତ ଗହମ, ପିଆଜଠାରୁ ଆରମ୍ଭ କରି ଅନେକ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଇ ଆସୁଛି। ବାଂଲାଦେଶର ମହିଳାମାନେ ପିନ୍ଧୁଥିବା ଶାଢ଼ୀ ଭାରତରେ ପ୍ରସ୍ତୁତ ହେଉଛି। ବାଂଲାଦେଶରେ ଗଢ଼ି ଉଠିଥିବା ଅନେକ ମୌଳବାଦୀ ସେଠାରେ ଭାରତ ବିରୋଧୀ ଷଡ଼ଯନ୍ତ୍ର ଚଳାଇଆସୁଛନ୍ତି। ପାକିସ୍ତାନ, ଚୀନ ଏଥିରୁ ଫାଇଦା ଉଠାଇବାକୁ ବରାବର ପ୍ରୟାସ ଚଳାଇଛନ୍ତି। ତାଲିବାନ ଏବଂ ଅଲକାଏଦା ତଥା ଆଇଏସଆଇଏସ ଭଳି ଆତଙ୍କବାଦୀ ସଙ୍ଗଠନ ବାଂଲାଦେଶରେ ନିଜର ସ୍ଥିତି ଜାହିର କରିବାକୁ ଉଦ୍ୟମ କରୁଛନ୍ତି। ଅତୀତରେ ଜିଆ ଉର ରହମାନଙ୍କ ଶାସନ କାଳରେ ବାଂଲାଦେଶ ଭାରତର ଶତ୍ରୁ ପାଲଟି ଯାଇଥିଲା। କିନ୍ତୁ ଶେଖ ହାସିନା ବାଂଲାଦେଶର ପ୍ରଧାନମନ୍ତ୍ରୀ ହେବା ପରେ ସ୍ଥିତିରେ ପରିବର୍ତ୍ତନ ଆସିଲା। କିନ୍ତୁ ଅନେକ ସଙ୍ଗଠନ ସେଠାରେ ଭାରତ ବିରୋଧୀ କାର୍ଯ୍ୟକଳାପ ଚଳାଇଛନ୍ତି। ନିକଟରେ କିଛି ସଙ୍ଗଠନ ଭାରତୀୟ ସାମଗ୍ରୀ ବର୍ଜନ କରିବାକୁ ଆହ୍ୱାନ ଦେଇଛନ୍ତି। ଏହାର ଉଚିତ ଜବାବ ଦେଇଛନ୍ତି ପ୍ରଧାନମନ୍ତ୍ରୀ ଶେଖ ହାସିନା। ଭାରତୀୟ ସାମଗ୍ରୀ ବର୍ଜନ କରି ବାଂଲାଦେଶ ତିଷ୍ଠି ରହିବା କଷ୍ଟକର। ଏହାର ଅର୍ଥନୀତି ଭାରତ ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ। ବାଂଲାଦେଶ ଆର୍ଥିକ ଦୃଷ୍ଟିରୁ ସମୃଦ୍ଧ ହେଉ, ଆତ୍ମନିର୍ଭରଶୀଳ ହେଉ ଏହା ଭାରତ ଚାହେଁ। ଏହାକୁ ବାଂଲାଦେଶର ମୌଳବାଦୀମାନେ ବୁଝିବା ଆବଶ୍ୟକ।

# ପୁତିନଙ୍କ ଅପରେସନ ଆମେରିକା

**॥ ସୌମେନ୍ଦ୍ର ଜେନା ॥**

> “ କ୍ଷମତାକୁ ଆସିବା ପରେ ପୁତିନଙ୍କ ସମ୍ମୁଖରେ ଚେଚେନ୍ୟାର ଇସ୍‌ଲାମିକ ସନ୍ତ୍ରାସବାଦ ବଡ ଆହ୍ୱାନ ହୋଇ ଛିଡା ହୋଇଥିଲା / ତା ପଛରେ ଆମେରିକା ସରକାର ମଧ୍ୟପ୍ରାଚ୍ୟର ସହଯୋଗୀ ମୁସଲିମ ରାଷ୍ଟ୍ରଗୁଡ଼ିକୁ ଲଗାଇଥିଲେ / ପୃଥିବୀରେ ଇସଲାମିକ ସନ୍ତ୍ରାସର କାରଖାନା ଖୋଲି ପାକ୍ ଓ ମଧ୍ୟପ୍ରାଚ୍ୟ ମାଧ୍ୟମରେ ଆମେରିକା ଯେମିତି ଭାରତ ସମେତ ରୁଷିଆକୁ ନିୟନ୍ତ୍ରଣ କରିବାକୁ ଚେଷ୍ଟା କରିଆସିଛି ସେ ସଂପର୍କରେ ସମସ୍ତେ ପରିଚିତ / ଚେଚେନ୍ୟା ବିଦ୍ରୋହୀଙ୍କୁ ଦମନ କଲାପରେ ପୁତିନ ମଧ୍ୟପ୍ରାଚ୍ୟରେ ନିଜ ପ୍ରାଧାନ୍ୟ ବିସ୍ତାର କରି ଆମେରିକାକୁ ଚଲେଞ୍ଜ ଦେଇଥିଲେ /

ଦ୍ୱିତୀୟ ବିଶ୍ୱଯୁଦ୍ଧ ପରଠାରୁ ଆମେରିକା ଓ ସୋଭିଏତ୍ ରୁଷିଆ ମଧ୍ୟରେ ନିଜସ୍ୱ ବର୍ଚ୍ଚସ୍ୱ ପ୍ରତିଷ୍ଠା ପାଇଁ ଯେଉଁ ପ୍ରତିଦ୍ୱନ୍ଦ୍ୱିତା ଚାଲିଆସିଛି ଏବେ ତାହା ଏକ ଭିନ୍ନ ସୋପାନରେ ପହଞ୍ଚିଛି। ରୁଷିଆର ପ୍ରଭାବକୁ ୟୁରୋପରେ ସଂକୁଚିତ କରିବା ପାଇଁ ୟୁକ୍ରେନ ମାଧ୍ୟମରେ ଆମେରିକା ଯେଉଁ ଗୋଟି ଚଳାଇ ଆସିଛି ତାକୁ ଅତି କଠୋର ଭାବରେ ସାମ୍ନା କରିଆସିଛି ରୁଷିଆ। ୟୁକ୍ରେନର ସହାୟତା ପାଇଁ ନାଟୋର ସଦସ୍ୟ ରାଷ୍ଟ୍ର ସମୂହଙ୍କୁ ଆମେରିକା ଏକାଠି କରି ଅସ୍ତ୍ରଶସ୍ତ୍ର ଚାଲାଣ ଜାରି ରଖିଛି। ତେଣେ ରୁଷିଆର ରାଷ୍ଟ୍ରପତି ଭ୍ଲାଦିମିର ପୁତିନ ଆମେରିକାର ସମସ୍ତ ଚାଲକୁ ବିଫଳ କରିବା ପାଇଁ ଯେତିକି ପ୍ରୟାସ ନିଜ ଦେଶରେ କରିଛନ୍ତି ସେତିକି ଦେଶ ବାହାରେ ମଧ୍ୟ କରିଛନ୍ତି। ପୁତିନଙ୍କ କୂଟନୀତି ଯୋଗୁ ଏସିଆର ଦୁଇଟି ପ୍ରମୁଖ ରାଷ୍ଟ୍ର ଚୀନ ଓ ଭାରତ ଆମେରିକା ସପକ୍ଷରେ ପୂରାପୂରି ଯାଇନାହାନ୍ତି। ସତକଥା ହେଲା ପୁତିନଙ୍କ ଦୃଢ ମନୋବଳ ଯୋଗୁ ଆମେରିକା ଏବଂ ନାଟୋ ମେଣ୍ଟର କଟକଣା, ଅସହଯୋଗ, ଷଡଯନ୍ତ୍ର ସତ୍ତ୍ୱେ ରୁଷିଆ ଏକାକୀ ଲଢିଆସିଛି। ଆମେରିକା ଏବଂ ୟୁରୋପର ରାଷ୍ଟ୍ରଗୁଡିକ ବିଶ୍ୱମଞ୍ଚରେ ରୁଷିଆକୁ ଏକାକୀ କରିବାକୁ ସମସ୍ତ ପ୍ରକାର ପ୍ରଚେଷ୍ଟା କରିଥିଲେ ମଧ୍ୟ ପୁତିନଙ୍କୁ ସମର୍ଥନ ଦେବାପାଇଁ ଆଫ୍ରିକା ମହାଦେଶର ଅନେକ ରାଷ୍ଟ୍ର ମୁଖ୍ୟ ମସ୍କୋରେ ଉପସ୍ଥିତ ରହି ସେମାନଙ୍କ ଆଭିମୁଖ୍ୟ ସ୍ୱଷ୍ଟ କରିଛନ୍ତି। ଦେଢବର୍ଷରୁ ଅଧିକ କାଳ ଧରି ୟୁକ୍ରେନ -ରୁଷିଆର ଯୁଦ୍ଧ ମଧ୍ୟରେ ରୁଷିଆର ଜନସାଧାରଣ ଏବଂ ସହଯୋଗୀ ରାଷ୍ଟ୍ରଗୁଡିକୁ ନିଜ ସପକ୍ଷରେ ରଖି ପୁତିନ ନିଜ ସଫଳ ନେତୃତ୍ୱର ପରିଚୟ ଦେଇପାରିଛନ୍ତି। ରୁଷିଆର ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରିଥିବା ୱାଗନର ଗ୍ରୁପର ମୁଖ୍ୟ ଏବଂ ପୂର୍ବତନ ନିକଟତମ ସହଯୋଗୀ ପ୍ରିଗୋଝିନଙ୍କ ପରି ବ୍ୟକ୍ତିଙ୍କୁ ରାସ୍ତାରୁ ହଟାଇବାକୁ ସକ୍ଷମ ହୋଇଛନ୍ତି। ଆମେରିକାର ସମସ୍ତ ପ୍ରକାର ପ୍ରୟାସ ସତ୍ତ୍ୱେ ରୁଷିଆର ନେତୃତ୍ୱ ଦୁର୍ବଳ ହୋଇନାହିଁ ବରଂ ଆମେରିକା ମଧ୍ୟରେ ପୁତିନଙ୍କ ଅପରେସନ ଅଧିକ ଶକ୍ତିଶାଳୀ ହୋଇଛି। ରୁଷିଆ ବାହାରେ ଆମେରିକାର ସମ୍ମାନ ଓ ପ୍ରତିଷ୍ଠାରେ ଆଞ୍ଚ ଆସିଛି। ଯେଉଁ ଗଣତନ୍ତ୍ର କଥା କହି ଆମେରିକା ନିଜର ଆଧିପତ୍ୟ ବିସ୍ତାର ପାଇଁ ବାଟ ଫିଟାଇଥାଏ ସେହି ଗଣତନ୍ତ୍ର ପ୍ରତି ଅନ୍ୟମାନଙ୍କ ମନରେ ସନ୍ଦେହ ସୃଷ୍ଟି ହୋଇଛି। ମାଇଣ୍ଡଗେମ୍‌ରେ ଆମେରିକାକୁ ଦୁର୍ବଳ କରିବାକୁ ପୁତିନ ସଫଳ ହୋଇଛନ୍ତି।

ସୋଭିଏତ ରୁଷିଆକୁ ଦୁର୍ବଳ କରିବାକୁ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରଠାରୁ ଯେଉଁ ପ୍ରୟାସ ଆମେରିକା ଚଳାଇ ଆସିଥିଲା ତାହା ଚାରିଦଶନ୍ଧି ପରେ ସଫଳ ହେଲା। ସୋଭିଏତ୍ ସଂଘକୁ ଭାଙ୍ଗିବା ପାଇଁ ଆମେରିକାର ନିରନ୍ତର ପ୍ରୟାସକୁ ପୁତିନ ଦେଖିଥିଲେ। ଜର୍ମାନୀରେ ଗୁଇନ୍ଦା ଅଧିକାରୀ ଭାବେ ନିଯୁକ୍ତ ଥିଲାବେଳେ ବିକ୍ଷୋଭ ଆଳରେ ସେଠାରେ ଥିବା ସୋଭିଏତ ରୁଷିଆର କୂଟନୀତିକ କାର୍ଯ୍ୟାଳୟକୁ କିପରି ଧ୍ୱଂସ କରି ତଥ୍ୟ ଚୋରାଇବାକୁ ପ୍ରୟାସ ହୋଇଥିଲା ତାହା ସହ ସେ ପରିଚିତ ଥିଲେ। କାର୍ଯ୍ୟାଳୟ ଉପରେ ଆକ୍ରମଣ ହେବା ସମୟରେ ସେ ଗୋପନୀୟ ତଥ୍ୟଗୁଡିକର ଦଲିଲକୁ କିପରି ପୋଡି ନଷ୍ଟ କରିଥିଲେ ତାହା ଭୁଲିପାରିନାହାନ୍ତି। ସେତେବେଳେ ରୁଷିଆର ଶାସନରେ ଥିବା ସରକାରଙ୍କଠାରୁ ଯେପରି ସାହାଯ୍ୟ ପାଇବା କଥା ତାହା ସେ ନପାଇବା ଦ୍ୱାରା କିପରି ରୁଷିଆର କ୍ଷତି ହୋଇଥିଲା ତାହା ସେ ଲକ୍ଷ୍ୟ କରିଥିଲେ। ତେଣୁ ରୁଷିଆର ନେତୃତ୍ୱ ସବୁବେଳେ ସୁଦୃଢ଼, ସଶକ୍ତ ଏବଂ ବାରମ୍ବାର ପରିବର୍ତ୍ତନ ନ ହେବାକୁ ସେ ନିଜର ନୀତି ଭାବେ ଧରିଛନ୍ତି। ରୁଷିଆରେ ଗଣତନ୍ତ୍ର ଆସିଲା ପରେ ଯେପରି ଭୋଟରଙ୍କୁ ପ୍ରଭାବିତ କରି ସରକାର ବଦଳିବା କଥା ତାହା ହୋଇନାହିଁ। ଏପରିକି ପୁତିନ ନିଜକୁ ସର୍ବୋଚ୍ଚ ସ୍ଥାନରେ ଅଧିକ ସଶକ୍ତ କରିଛନ୍ତି। ସାମ୍ବିଧାନିକ ପରିବର୍ତ୍ତନ ମଧ୍ୟ କରିଛନ୍ତି। ୟୁରେସିଆକୁ ଦୁର୍ବଳ କରିବାକୁ ହେଉଥିବା ଉଦ୍ୟମର ସେ ବିରୋଧ କରୁଛନ୍ତି। ଆମେରିକାର ସୋସିଆଲ ମିଡିଆରେ ପ୍ରବେଶ କରି ସେଠାକାର ସରକାରଙ୍କୁ ସନ୍ଦେହରେ ପକାଇଛନ୍ତି। ୨୦୧୮ରେ ଫକ୍ସ ନିଉଜକୁ ଦେଇଥିବା ସାକ୍ଷାତକାରରେ ପୁତିନ ଯେଉଁ ମନସ୍ତାତ୍ତ୍ୱିକ ଯୁଦ୍ଧ ଚଳାଇଥିଲେ ସେଥିରେ କେତେକାଂଶରେ ସେ ସଫଳ ହୋଇଛନ୍ତି। ୨୦୧୬ରେ ଆମେରିକା ନିର୍ବାଚନରେ ଟ୍ରମ୍ପ-ହିଲାରୀ କ୍ଲିଣ୍ଟନଙ୍କ ମଧ୍ୟରେ ଲଢେଇ ହେଉଥିବା ସମୟରେ ବର୍ଣ୍ଣିସାଣ୍ଡାର୍ସ କ୍ଲିଣ୍ଟନଙ୍କୁ ହଟାଇବା ପାଇଁ କିପରି ଷଡଯନ୍ତ୍ର କରିଥିଲେ ତାହା କହି ସେ ଆମେରିକାବାସୀଙ୍କ ମନରେ ଦ୍ୱନ୍ଦ୍ୱ ଭରି ଦେଇଥିଲେ। ଆମେରିକାର ରାଜନୀତିରେ ନୀତିବିହୀନ ନେତୃତ୍ୱର ଲଢେଇକୁ ସେ ଲୋକଲୋଚନକୁ ଆଣି ଅନେକ ସନ୍ଦେହର ଜାଲ ବୁଣିଥିଲେ। ଯାହା ଫଳରେ ଟ୍ରମ୍ପ ଏବଂ କ୍ଲିଣ୍ଟନଙ୍କ ଦଳକୁ ସମର୍ଥନ କରୁଥିବା ଭୋଟରମାନଙ୍କ ମନରେ ନିର୍ବାଚନର ସ୍ୱଚ୍ଛତାକୁ କେନ୍ଦ୍ର କରି ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ସେମାନେ ତଦନ୍ତ ପାଇଁ ଦାବି କରିଥିଲେ। ଆମେରିକାର ଗଣତାନ୍ତ୍ରିକ ବ୍ୟବସ୍ଥା ମଧ୍ୟରେ ଜାଲିଆତି ହେଉଥିବା କଥା ପୁତିନ ଉଠାଇ ବିଶ୍ୱବାସୀଙ୍କ ମନରେ ଆମେରିକାର ପ୍ରତିଷ୍ଠା ପ୍ରତି ଆଞ୍ଚ ଆଣିଥିଲେ। ତେଣୁ ଆମେରିକାବାସୀଙ୍କ ମନରେ ଆମେରିକାର ବିଧି ଓ ବ୍ୟବସ୍ଥା ପ୍ରତି ସନ୍ଦେହ ସୃଷ୍ଟିକରି ଆମେରିକା କିପରି ଅନ୍ୟ ଦେଶର ଗଣତନ୍ତ୍ରର କ୍ଷତିସାଧନ କରିଆସୁଛି ତାହା ସେ ଉଲ୍ଲେଖ କରିଥିଲେ।

କ୍ଷମତାକୁ ଆସିବା ପରେ ପୁତିନଙ୍କ ସମ୍ମୁଖରେ ଚେଚେନ୍ୟାର ଇସ୍‌ଲାମିକ ସନ୍ତ୍ରାସବାଦ ବଡ ଆହ୍ୱାନ ହୋଇ ଛିଡା ହୋଇଥିଲା। ତା ପଛରେ ଆମେରିକା ସରକାର ମଧ୍ୟପ୍ରାଚ୍ୟର ସହଯୋଗୀ ମୁସଲିମ ରାଷ୍ଟ୍ରଗୁଡ଼ିକୁ ଲଗାଇଥିଲେ। ପୃଥିବୀରେ ଇସଲାମିକ ସନ୍ତ୍ରାସର କାରଖାନା ଖୋଲି ପାକ୍ ଓ ମଧ୍ୟପ୍ରାଚ୍ୟ ମାଧ୍ୟମରେ ଆମେରିକା ଯେମିତି ଭାରତ ସମେତ ରୁଷିଆକୁ ନିୟନ୍ତ୍ରଣ କରିବାକୁ ଚେଷ୍ଟା କରିଆସିଛି ସେ ସଂପର୍କରେ ସମସ୍ତେ ପରିଚିତ। ଚେଚେନ୍ୟା ବିଦ୍ରୋହୀଙ୍କୁ ଦମନ କଲାପରେ ପୁତିନ ମଧ୍ୟପ୍ରାଚ୍ୟରେ ନିଜ ପ୍ରାଧାନ୍ୟ ବିସ୍ତାର କରି ଆମେରିକାକୁ ଚଲେଞ୍ଜ ଦେଇଥିଲେ। ଆଫ୍ରିକାରେ ହସ୍ତକ୍ଷେପ କରି ନାଟୋ ଦେଶଗୁଡିକୁ ହଟାଇବା ପାଇଁ ସ୍ଥାନୀୟ ରାଜନେତା ଏବଂ ସେନାର ନେତୃତ୍ୱକୁ ବୁଝାଇବାରେ ସକ୍ଷମ ହୋଇଥିଲେ। ଯେଉଁଥିପାଇଁ ଏକଦା ଶହଶହ ବର୍ଷ ଧରି ଆଫ୍ରିକାକୁ ଉପନିବେଶ କରିଥିବା ୟୁରୋପୀୟ ରାଷ୍ଟ୍ରଗୁଡିକ ପ୍ରତି ଆଫ୍ରିକାର ଜନମାନସରେ ଏବେ ପ୍ରବଳ ଘୃଣା ଭାବ ଦେଖାଦେଇଛି। ଗୋଟିକ ପରେ ଗୋଟିଏ ଦେଶରେ ନାଟୋ ସମର୍ଥିତ ଗୋଷ୍ଠୀ ଦୁର୍ବଳ ହେବାରେ ଲାଗିଛନ୍ତି। ନିକଟରେ ନାଇଜରରୁ ଫ୍ରାନ୍ସ ସେନାବାହିନୀ ନିଜ ଛାଉଣୀ ଛାଡିବାକୁ ବାଧ୍ୟ ହୋଇଛନ୍ତି। ସତୁରୀ ବର୍ଷ ଧରି ସେଠାରେ ଫ୍ରାନ୍ସର ସେନା ସ୍ଥାୟୀ ଭାବେ ରହିଆସିଥିଲେ। ବିଗତ ଦିନରେ ଅନେକ ଆଫ୍ରିକୀୟ ରାଷ୍ଟ୍ରରେ ଆମେରିକା-ନାଟୋ ସମର୍ଥକ ସରକାରଗୁଡିକୁ କ୍ଷମତାରୁ ହଟାଇବା ପଛରେ ପୁତିନଙ୍କ ବୁଦ୍ଧି ଯେ କାର୍ଯ୍ୟ କରିଛି ତାହା ସ୍ୱୀକାର କରିବାକୁ ହେବ। ୨୦୦୪ ପରଠାରୁ ଆଫ୍ରିକାର ଆର୍ଥିକ ଓ ବାଣିଜ୍ୟିକ କ୍ଷେତ୍ରରେ ଚୀନ ନିଜର ଆଧିପତ୍ୟକୁ ବୃଦ୍ଧିକରିବାକୁ ସକ୍ଷମ ହେଲାବେଳେ ରୁଷିଆ ସାମରିକ ଏବଂ କୂଟନୀତିକ କ୍ଷେତ୍ରରେ ଅଧିକ ସୁଦୃଢ ହୋଇଛି। ମାଇଣ୍ଡଗେମ୍‌ରେ ପୁତିନ ଆଗୁଆ ରହି ଆଫ୍ରିକାବାସୀଙ୍କୁ ୟୁରୋପ-ଆମେରିକା ବିରୋଧୀ କରି ଛିଡା କରିବାକୁ ସକ୍ଷମ ହୋଇଛନ୍ତି।

ସମ୍ମୁଖ ଯୁଦ୍ଧରେ ରୁଷିଆ ପାଇଁ କେବଳ ପରମାଣୁ ଯୁଦ୍ଧ ବାଦ ଦେଲେ ପାରମ୍ପାରିକ ଯୁଦ୍ଧରେ ଆମେରିକାର ସମ୍ମୁଖୀନ ହେବା ସହଜ ହେବନାହିଁ, ଏକଥା ପୁତିନଙ୍କୁ ଜଣାଅଛି। ତେଣୁ ସେ ସାଇବର ସେନା ବାହିନୀକୁ ଶକ୍ତିଶାଳୀ କରି ଆମେରିକା ଓ ନାଟୋ ଗୋଷ୍ଠୀକୁ ବାରମ୍ବାର ଆକ୍ରମଣ କରି ଆସିଛନ୍ତି। ୨୦୨୦ ନିର୍ବାଚନ କାଳରେ ଆମେରିକାରେ ଟ୍ରମ୍ପ ବିଜୟୀ ହେବା ଜଣାପଡୁଥିଲା ବେଳେ ବାଇଡେନ ବିଜୟୀ ହେବା ସମସ୍ତଙ୍କୁ ଚକିତ କରିଥିଲା ଏବଂ ଆମେରିକାବାସୀ ଭୋଟରଙ୍କ ମନରେ ପୁତିନ ମାଇଣ୍ଡଗେମ୍ କ୍ଷେତ୍ରରେ ଆଗରେ ରହିବା ଜଣାପଡିଥିଲା। ପୁତିନ ନିଜେ କେଜିବିର ଜଣେ ଅଧିକାରୀ ଭାବେ ଅତୀତରେ କାର୍ଯ୍ୟ କରିଥିବା ଦୃଷ୍ଟିରୁ କ୍ଷମତାକୁ ଆସିବାପରେ ଗୁଇନ୍ଦା ବ୍ୟବସ୍ଥାକୁ ଶକ୍ତିଶାଳୀ କରିଛନ୍ତି। ଆମେରିକାର ଗଣମାଧ୍ୟମ ଗୁଡିକରେ ରୁଷିଆ ସମର୍ଥିତ ଲୋକଙ୍କୁ ପ୍ରବେଶ କରାଇ ପୁତିନ ଭୟ ସଞ୍ଚାର କରିବାକୁ ସକ୍ଷମ ହୋଇଛନ୍ତି। ୟୁକ୍ରେନ ଯୁଦ୍ଧବେଳେ ଜନବସତିଗୁଡିକ ଉପରେ ଭୀଷଣ ଆକ୍ରମଣକରି ପ୍ରବଳ କ୍ଷୟକ୍ଷତି ସହ ଅଞ୍ଚଳକୁ ଧ୍ୱସ୍ତବିଧ୍ୱସ୍ତ କରିବାର ଭୟଙ୍କର ଫଟୋ ସବୁ ଆମେରିକାର ଗଣମାଧ୍ୟମରେ ପ୍ରକାଶ କରାଇ ଆମେରିକାବାସୀଙ୍କ ମନରେ ସେଠାକାର ସରକାରଙ୍କ ପ୍ରତି ଘୃଣାଭାବ ସୃଷ୍ଟି କରିବାରେ ପୁତିନ ସକ୍ଷମ ହୋଇଥିଲେ। ଆମେରିକା ଏବଂ ୟୁରୋପର ଲୋକେ ଭୟାଳୁ ଏବଂ ରକ୍ତପାତ ଦେଖିଲେ ଛାନିଆଁ ହେବା ସମସ୍ତେ ଜାଣିଛନ୍ତି। ତେଣୁ ପୁତିନ ଯୁଦ୍ଧକାଳରେ ସେଭଳି ଦୃଶ୍ୟ ସୃଷ୍ଟିକରି ଆମେରିକାବାସୀଙ୍କ ମନରେ ଭୟ ସୃଷ୍ଟି କରିଛନ୍ତି। ସୋଭିଏତ ରୁଷିଆକୁ ଆମେରିକା ରାଜନୀତିକ ଷଡଯନ୍ତ୍ର ମାଧ୍ୟମରେ ବିଭାଜିତ କରିବାକୁ ସକ୍ଷମ ହୋଇଥିଲା ବେଳେ ପୁତିନ ସମାନ ଢଙ୍ଗରେ ଆମେରିକାକୁ ଆମେରିକାବାସୀଙ୍କ ଦ୍ୱାରା ବିଭାଜିତ କରିବାକୁ ପ୍ରୟାସ ଚଳାଇଛନ୍ତି। (ବ୍ଲାକ ଲାଇଫମ୍ୟାଟର୍ସ ଆନ୍ଦୋଳନରେ ଯେପରି ଇସଲାମିକ ଏବଂ କମ୍ୟୁନିଷ୍ଟ ଗୋଷ୍ଠୀ ଆମେରିକାରେ ତାଣ୍ଡବ ସୃଷ୍ଟି କରିଥିଲେ ତା ପଛରେ କେଜିବିର ଭୂମିକା ରହିଥିବା ସଂକ୍ରାନ୍ତରେ ବହୁଖବର ପ୍ରକାଶ ପାଇଥିଲା। ଏଥିରୁ ଆମେରିକାକୁ ଆମେରିକା ମଧ୍ୟରେ ଦୁର୍ବଳ କରିବାକୁ ପୁତିନଙ୍କ ଅପରେସନ ସକ୍ଷମ ବୋଲି କୁହାଯାଇପାରେ।

# ଷ୍ଟିୱାର୍ଟ ବିଜ୍ଞାନ ମହାବିଦ୍ୟାଳୟ : ବିଜ୍ଞାନ ଶିକ୍ଷାର ଉତ୍ସ

**॥ ଡକ୍ଟର ଶ୍ରୀମତୀ ଦୀପା ନାଗ୍ ॥**

ଓଡ଼ିଶାର ଅନ୍ୟତମ ମର୍ଯ୍ୟାଦାପୂର୍ଣ୍ଣ ଓ ସର୍ବପୁରାତନ ବିଜ୍ଞାନ ମହାବିଦ୍ୟାଳୟ ଭାବେ କଟକର ଷ୍ଟିୱାର୍ଟ ବିଜ୍ଞାନ ମହାବିଦ୍ୟାଳୟ ପ୍ରତିଷ୍ଠିତ। ଓଡ଼ିଶାରେ ବିଜ୍ଞାନର ପ୍ରଚାର ପ୍ରସାର ଦିଗରେ ଏହି ଶିକ୍ଷାନୁଷ୍ଠାନର ଗୁରୁତ୍ୱପୂର୍ଣ୍ଣ ଓ ପ୍ରେରଣାପ୍ରଦ ଅବଦାନ ରହିଛି। ଓଡ଼ିଶା ରାଜ୍ୟରେ ଗୁଣାତ୍ମକ ବିଜ୍ଞାନ ଶିକ୍ଷାର ପ୍ରସାର ନିମନ୍ତେ ରୌପ୍ୟ ନଗରୀ କଟକର କେନ୍ଦ୍ରସ୍ଥଳୀରେ ୧୯୪୪ ମସିହାରେ ଷ୍ଟିୱାର୍ଟ ବିଜ୍ଞାନ ମହାବିଦ୍ୟାଳୟର ସ୍ଥାପନା କରାଯାଇଥିଲା। ଏହା ଏକ ଖ୍ରୀଷ୍ଟିଆନ ଲଘୁ ସଂପ୍ରଦାୟ ଅନୁଷ୍ଠାନ। ଓଡ଼ିଶା ସରକାରଙ୍କର ଅନୁଦାନ ପ୍ରାପ୍ତ ଏବଂ କଟକ ଡାୟୋସିସ୍ ଦ୍ୱାରା ପରିଚାଳିତ ଏହି ମହାବିଦ୍ୟାଳୟଟି ଭାରତ ବର୍ଷର ସ୍ୱାଧୀନତା ପୂର୍ବରୁ ଆଜି ପର୍ଯ୍ୟନ୍ତ ଉଚ୍ଚକୋଟୀର ଶିକ୍ଷାଦାନ କରିବା ସହିତ ଉତ୍ତମ ନାଗରିକ ମାନଙ୍କୁ ଗଠନ କରିବାରେ ଏକ ଅଗ୍ରଣୀ ଭୂମିକା ଗ୍ରହଣ କରିଛି।

ଏହି ମହାବିଦ୍ୟାଳୟରେ ଯୁକ୍ତତିନ ପାଠ୍ୟକ୍ରମରେ ବିଜ୍ଞାନର ସାତୋଟି ବିଭାଗରେ ସମ୍ମାନରେ ଶିକ୍ଷାଦାନ କରାଯାଉଛି। ସେହି ବିଷୟ ଗୁଡ଼ିକ ହେଲା ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ଗଣିତ, ଉଦ୍ଭିଦ ବିଜ୍ଞାନ, ଜୀବ ବିଜ୍ଞାନ, ଭୂତତ୍ତ୍ୱ ଏବଂ କମ୍ପ୍ୟୁଟର ବିଜ୍ଞାନ। ପ୍ରତ୍ୟେକ ବିଭାଗରେ ଯୋଗ୍ୟ ଏବଂ ଅଭିଜ୍ଞ ଶିକ୍ଷକ ଓ ଡେମୋନଷ୍ଟ୍ରେଟରମାନେ ଛାତ୍ରଛାତ୍ରୀ ମାନଙ୍କୁ ଥିଓରି ଏବଂ ପ୍ରାକ୍ଟିକାଲ ଶ୍ରେଣୀରେ ଯତ୍ନର ସହିତ ଶିକ୍ଷାଦାନ କରନ୍ତି। ପାଠପଢ଼ାଇବା ସହିତ ପିଲାମାନଙ୍କର ସୁଚରିତ୍ର ଗଠନ ଦିଗରେ ମଧ୍ୟ ଧ୍ୟାନ ଦିଆଯାଏ। ମହାବିଦ୍ୟାଳୟର ବିଜ୍ଞାନଗାର ଗୁଡ଼ିକ ଖବୁ ଉଚ୍ଚକୋଟୀର। ଯୁକ୍ତତିନି ପାଠ୍ୟକ୍ରମ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ଉପକରଣ ଏବଂ ରାସାୟନିକ ଯଥେଷ୍ଟ ପରିମାଣରେ ଉପଲବ୍ଧ। ଉତ୍କଳ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ପରୀକ୍ଷା ମାନଙ୍କରେ ଏହି ମହାବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କର କୃତୀତ୍ୱରେ ଶିକ୍ଷାର ମାନ ପ୍ରତିଫଳିତ ହେଉଛି। ପ୍ରାୟ ପ୍ରତ୍ୟେକ ବର୍ଷ ବିଭିନ୍ନ ବିଭାଗରେ ଛାତ୍ରଛାତ୍ରୀମାନେ ପ୍ରଥମ ସ୍ଥାନ ତଥା ଶ୍ରେଷ୍ଠ ସ୍ନାତକ ହେବାର ଗୌରବ ଅର୍ଜନ କରୁଛନ୍ତି। ଏହାର ଯୁକ୍ତଦୁଇ ଶିକ୍ଷାଦାନ ମଧ୍ୟ ଖୁବ ଉଚ୍ଚକୋଟୀର। ଏହି ଅନୁଷ୍ଠାନରୁ ଶିକ୍ଷା ଗ୍ରହଣ କରିବା ପରେ ଛାତ୍ରଛାତ୍ରୀମାନେ



ବିଭିନ୍ନ ପ୍ରବେଶିକା ପରୀକ୍ଷାରେ ସଫଳତାର ସହ ଉତ୍ତୀର୍ଣ୍ଣ ହେଉଛନ୍ତି। ପରବର୍ତ୍ତୀ ସମୟରେ ବିଭିନ୍ନ ଉଚ୍ଚ ପଦପଦବୀରେ ସେମାନେ ଅଧିଷ୍ଠିତ। ପାଠପଢ଼ା ସହିତ ଏହି ମହାବିଦ୍ୟାଳୟର ପିଲାମାନେ ଏନସିସି, ଏନଏସଏସ ଏବଂ ୱାଇଆରସିର ବିଭିନ୍ନ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରି ରାଜ୍ୟ ତଥା ଜାତୀୟ ସ୍ତରରେ ସମ୍ମାନିତ ହୋଇଛନ୍ତି। ସଂଗୀତ, ନୃତ୍ୟ, ଯୋଗ, କୁଇଜ, ବକ୍ତୃତା ଇତ୍ୟାଦି ପ୍ରତିଯୋଗିତାରେ ମଧ୍ୟ ଛାତ୍ରଛାତ୍ରୀ ମାନଙ୍କୁ ଉଲ୍ଲେଖନୀୟ ସଫଳତା ମିଳିଛି। ଏହି ସମସ୍ତ କାର୍ଯ୍ୟକ୍ରମ ନିମନ୍ତେ ଛାତ୍ରଛାତ୍ରୀଙ୍କୁ ଅବଗତ ଏବଂ ଉତ୍ସାହିତ କରିବାରେ ଶିକ୍ଷକ, ଶିକ୍ଷୟିତ୍ରୀ ମାନଙ୍କର ଭୂମିକା ଖୁବ ଗୁରୁତ୍ୱପୂର୍ଣ୍ଣ। ଏହି କୃତୀତ୍ୱପୂର୍ଣ୍ଣ ବିଜ୍ଞାନମହାବିଦ୍ୟାଳୟରୁ ଅନେକ ପ୍ରତିଭାବାନ ମେଧାବୀ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇ ଆଜି ସମାଜର ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ଯାହାକି ସେମାନେ ଏହି ବିଦ୍ୟାଳୟର ଜଣେ ଜଣେ ପ୍ରତିଭା ଗୌରବ ବିମଣ୍ଡିତ ଆସନରେ ଆଜି ଅଧିଷ୍ଠିତ। ଆଜି ଏହି ବିଦ୍ୟାଳୟ ତାର ୭୯ତମ ବାର୍ଷିକ ଉତ୍ସବ ପାଳନ କରୁଛି। ଏ କ୍ଷେତ୍ରରେ ହଜାର ବର୍ଷର ପରିଚୟ ସମୃଦ୍ଧିରେ ପ୍ରତିଷ୍ଠିତ କଟକ ସହରର ପ୍ରତିଟି କଟକିଆଙ୍କ ସହଯୋଗ ଓ ଭୂମିକା ରହିଛି। ଆଜି ଆମେ ଅତ୍ୟନ୍ତ ଗୌରବାମହ ମନେକରୁଛୁ ଯେ ଏହି ବିଦ୍ୟାଳୟ ତାର ସୁନାମ ପ୍ରତିଷ୍ଠା କରିବାରେ ଓ ବଜାୟ ରଖିବାରେ ସଫଳ ହୋଇଛି। କେବଳ ପାଠପଢ଼ା ନୁହେଁ ଏହି ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ବିଜ୍ଞାନର ଅନ୍ୟତମ ଉତ୍କୃଷ୍ଟ ଓ ଉତ୍କର୍ଷ ଗବେଷଣା ସହ କ୍ରୀଡ଼ା ଓ ସାଂସ୍କୃତିକ ଓ ବୌଦ୍ଧିକର ବିଭିନ୍ନ ଦିଗରେ ପ୍ରତିଷ୍ଠିତ ହୋଇ ଏହି ମହାବିଦ୍ୟାଳୟର ସୁନାମ ବଢ଼ାଇଛନ୍ତି। ଅନେକ ବିଜ୍ଞାନ ଶିକ୍ଷାବିତ, ବୈଜ୍ଞାନିକ, ଡାକ୍ତର, ଇଞ୍ଜିନିୟରଙ୍କ ଠାରୁ କ୍ରୀଡ଼ାବିତ, ସୁଲେଖକଙ୍କ ଠାରୁ ସାମ୍ବାଦିକ, ମହାକାଶବିଜ୍ଞାନୀଙ୍କ ଠାରୁ ବିଜ୍ଞାନର ସମସ୍ତ ସୋପାନରେ ସେମାନେ ଯେଉଁ ଶିଖରରେ ପହଞ୍ଚି ଏହି ମହାବିଦ୍ୟାଳୟର ଗୌରବ ବଢ଼ାଇଛନ୍ତି ତାହା ଅତ୍ୟନ୍ତ ପ୍ରଶଂସନୀୟ ଓ ଏହି ମହାବିଦ୍ୟାଳୟର ସୁନାମ ବଢ଼ାଇବା ପାଇଁ ଯଥେଷ୍ଟ। ଏହି ଶିକ୍ଷାନୁଷ୍ଠାନର ଗୌରବ ବଢ଼ାଇବାରେ ମହାବିଦ୍ୟାଳୟର ମାର୍ଗଦର୍ଶନ ମଣ୍ଡଳୀ, ପ୍ରତିଷ୍ଠାତା ମଣ୍ଡଳୀ ଓ କମିଟି ମଣ୍ଡଳୀର ସହଯୋଗ, ଉଦ୍ୟମ, ନିଷ୍ଠା ଯଥେଷ୍ଟ। ଚକ, ଡଷ୍ଟର, କଳାପଟା ଯୁଗରୁ ବିଜ୍ଞାନ ଶିକ୍ଷାଦାନ ଆରମ୍ଭ କରି ଆଜି ସ୍ମାର୍ଟ ବୋର୍ଡ଼, ପ୍ରୋଜେକ୍ଟର ଓ କମ୍ପ୍ୟୁଟର ମାଧ୍ୟମରେ ଶିକ୍ଷାଦାନ କରି କୃତୀ ଛାତ୍ରଛାତ୍ରୀ ସୃଷ୍ଟି କରିବାର ଯାତ୍ରାକୁ ଆଜିବି ଏହି ମହାବିଦ୍ୟାଳୟ ବଜାଏ ରଖିଛି, ଆଗକୁ ମଧ୍ୟ ରଖିବ।

ଅଧ୍ୟକ୍ଷା, ଷ୍ଟିୱାର୍ଟ ବିଜ୍ଞାନ ମହାବିଦ୍ୟାଳୟ, ମଧୁସୂଦନ ରୋଡ଼, କଟକ, ଦୂରଭାଷ : ୯୪୩୮୩୬୫୭୦୨

# ସତପାତ୍ର

**॥ ନିରୂପମା ଭୂୟାଁ ॥**

ବମ୍ବେରୁ ଜଣେ ଧାର୍ମିକ ସେଠ ତୀର୍ଥରେ ଆସି ହରିଦ୍ୱାରରେ ପହଞ୍ଚିଲେ। ଶୀତ ଋତୁ ଆସିବା ଆଗରୁ ସେଠାକାର ସାଧୁସନ୍ଥ ମାନଙ୍କୁ ଗୋଟିଏ ଗୋଟିଏ କମ୍ବଳ ଦେବା ଲାଗି ସେ ୨୦୦ ଖଣ୍ଡ କମ୍ବଳ ସାଥିରେ ଆଣିଥିଲେ। ହରିଦ୍ୱାରର ଜଣେ ବଡ଼ ସାଧୁଙ୍କ ସହ ତାଙ୍କର ସଦଭାବ ଥିଲା ଓ ସେ ହରିଦ୍ୱାର ରହଣି ବେଳେ ତାଙ୍କରି ଆଶ୍ରମରେ ରହିବା ପାଇଁ ସ୍ଥିର କଲେ। ଆଣିଥିବା କମ୍ବଳ ଗୁଡ଼ିକର କଥା ମଧ୍ୟ ସେ ସାଧୁଙ୍କୁ କହିଲେ। ସେ କଥା ଶୁଣି ସାଧୁ କହିଲେ - ଠିକ ଅଛି, କମ୍ବଳ ଏଠି ଥାଉ, ଉପଯୁକ୍ତ ସମୟରେ ଉପଯୁକ୍ତ ଲୋକ ହାତରେ ଏ କମ୍ବଳ ଗୁଡ଼ିକ ଦିଆଯିବ। ସବୁ ଦିନ ଭଳି ସନ୍ଧ୍ୟାରେ ସାଧୁଙ୍କ ଆଶ୍ରମରେ ସତସଙ୍ଗ ସଭା ହେଲା। ଅନେକ ସାଧୁ ସନ୍ଥ ଓ ଯାତ୍ରୀମାନେ ମିଶି ରାମଧନ କଲେ। କେତେକ ମହାପୁରୁଷ ପ୍ରବଚନ ଦେଲେ ଓ ଶେଷରେ ସଭା ସାଙ୍ଗ କରାଗଲା। ଏହି ସମୟରେ ବମ୍ବେର ଧାର୍ମିକ ଲୋକଟି ସାଧୁଙ୍କୁ କମ୍ବଳ ବାଣ୍ଟିବା କଥା ମନେ ପକାଇ ଦେଲେ। ସାଧୁ କହିଲେ, ‘ଅପେକ୍ଷା କର, ସମୟ ହୋଇନାହିଁ।’

ଧାର୍ମିକ ଲୋକ ଜଣକ ଭାବିଲେ ସଭାରେ ଏତେ ସାଧୁସନ୍ଥ ଉପସ୍ଥିତ ଥିଲେ, ସେଠାରେ କମ୍ବଳ ବାଣ୍ଟିଥିଲେ ଭଲ ହୋଇଥାନ୍ତା, କିନ୍ତୁ ଏ ସାଧୁ ମୋତେ କାହିଁକି ବାରଣ କଲେ, ମନେ ମନେ ସେ ଅନେକ କଥା ଭାବୁଥାନ୍ତି। ରାତ୍ରୀ ଭୋଜନ ତଥା ଭଜନ କୀର୍ତ୍ତନର ସମୟ ହେଲା। ଏଥିରେ ଯୋଗ ଦେବାକୁ ସାଧୁ ସନ୍ଥ ଓ ମହାତ୍ମାମାନେ ଅନେକ ସଂଖ୍ୟାରେ ଆସିଲେ ଏବଂ ରାତି ଦଶଟା ବେଳକୁ ସମସ୍ତେ ନିଜ ନିଜ ସ୍ଥାନକୁ ଫେରି ଗଲେ। ଧାର୍ମିକ ଲୋକ ଜଣକ ଏ ଥରକ ପୁଣି କମ୍ବଳ ବାଣ୍ଟିବା କଥା ସାଧୁଙ୍କୁ ମନେ ପକାଇ ଦେଲେ - ଏ ଥରକ ବି ସାଧୁ ପୁଣି କହିଲେ - ‘ଉପଯୁକ୍ତ ଲୋକ ଓ ଉପଯୁକ୍ତ ସମୟ ଏ ନୁହେଁ, ଆଉ ଟିକେ ଅପେକ୍ଷା କର।’ ଏହାପରେ ସାଧୁ ନିଜ ଶୋଇବା କୁଟୀରକୁ ଗଲେ ଓ ଧାର୍ମିକ ଲୋକଟି ତାଙ୍କ ରହିବା ଜାଗାକୁ ଗଲେ।

ଧାର୍ମିକ ଲୋକ ଜଣକ ଭାବୁଥାନ୍ତି ଯେ ଏ ସାଧୁ ଏଭଳି ବିଳମ୍ବ କରିବାର କାରଣ କ’ଣ ହୋଇପାରେ। ବିଛଣାରେ ପଡ଼ି ରହି ଥିଲେ ମଧ୍ୟ ତାଙ୍କୁ ନିଦ ଆସୁନଥାଏ। ରାତି ଅଧ ବେଳକୁ ସାଧୁ ଆସି ଧାର୍ମିକ ଲୋକଟିଙ୍କୁ ଡାକିଲେ। ‘ଓ ସେଠ, ଚାହିଁଛ ନା ଶୋଇଲଣି। ଚାଲ ତୁମ କମ୍ବଳ ବାଣ୍ଟିବା।’ ସାଧୁଙ୍କ କଥା ଶୁଣି ସେଠ ବାହାରକୁ ଆସି କହିଲେ, ‘ମହାରାଜ, ଏ ରାତି ଅଧରେ ଦାନ ନେବାକୁ ଲୋକ କୋଉଠୁ ମିଳିବେ? ସାଧୁ କହିଲେ, ‘ସତପାତ୍ର ପାଇବାର ଉପଯୁକ୍ତ ସମୟ ବର୍ତ୍ତମାନ।’ ଆସ, କହି ଯେତେ କମ୍ବଳ ନିଜେ ଧରିପାରିଲେ ତାକୁ କାନ୍ଧରେ ନେଇ ଚାଲିଲେ। ସେଠ ମଧ୍ୟ ସାଧୁଙ୍କୁ ଦେଖି ଆହୁରି କିଛି କମ୍ବଳ ନିଜେ ଧରି ସାଧୁଙ୍କ ପଛେ ପଛେ ଚାଲିଲେ। ଚାଲି ଚାଲି ସେମାନେ ପହଞ୍ଚିଲେ ଗଙ୍ଗା ତୀରରେ। କେହି କେହି ଥଣ୍ଡାରେ ଥରୁଥିବା ଅବସ୍ଥାରେ, କେହି କେହି ଅଦ୍ଧରାତ୍ର ଯୋଗୁଁ ଶୋଇ ପଡ଼ିଥିବା ଅବସ୍ଥାରେ, ସାଧୁ ପ୍ରତ୍ୟେକଙ୍କୁ ଖଣ୍ଡେ ଲେଖାଏଁ କମ୍ବଳ ଘୋଡ଼ାଇ ଦେଇ ଗଲେ। ବୁଲି ବୁଲି ସେମାନେ ଦୁଇ ଶହ ଯାକ କମ୍ବଳ ବାଣ୍ଟିଲେ। ସାଧୁଙ୍କ ଉନ୍ନତ ବିଚାର ଧାର୍ମିକ ସେଠଙ୍କ ମନରେ ଅପୂର୍ବ ଆନନ୍ଦ ସଞ୍ଚାର କଲା। ବର୍ତ୍ତମାନ ସେ ବୁଝିଲେ ଯେ ତାଙ୍କ ଦାନ ଉପଯୁକ୍ତ ଲୋକଙ୍କୁ ମିଳିଲା। ପ୍ରକୃତରେ ସେମାନେ ଥିଲେ ସତପାତ୍ର। ଦେଖେଇ ହୋଇ ଦାନ କରିବା ଅପେକ୍ଷା ଏ ଦାନ ହଜାର ଗୁଣ ଶ୍ରେୟସ୍କର।

ଜିଲ୍ଲା ସଂଯୋଜିକା (ଶିକ୍ଷା) ଶ୍ରୀ ସତ୍ୟସାଇ ସେବା ସଙ୍ଗଠନ, କେନ୍ଦ୍ରାପଡ଼ା ଜିଲ୍ଲା, ପଲାଇ ବାଲିଚନ୍ଦ୍ରପୁର, ଯାଜପୁର, ଦୂରଭାଷ : ୯୯୩୭୪୭୦୯୮୦

## ରାଜକନିକାରେ ବେଲଗାମ୍ ଝାଡ଼ାବାନ୍ତି

ରାଜକନିକା, (ମହାଭାରତ) : ଯାହା ଅନୁମାନ କରାଯାଉଥିଲା, ଶେଷରେ ସେୟା ହିଁ ହେଲା। ରାଜକନିକା ଅଞ୍ଚଳରେ ଝାଡ଼ାବାନ୍ତି ଆକ୍ରାନ୍ତଙ୍କ ସଂଖ୍ୟା ଦିନକୁ ଦିନ ବଢ଼ିବଢ଼ି ଚାଲିଛି। ନା ରହିଲା ଆଗୁଆ ସତର୍କତା, ନା ଆକ୍ରାନ୍ତ ପାଉଛନ୍ତି ସଠିକ୍ ଚିକିତ୍ସା ସେବା। ରାଜ୍ୟରେ ସୃଷ୍ଟି ହୋଇଥିବା ଡାଇରିଆ ମୁକାବିଲା ପାଇଁ ମୁଖ୍ୟ ଶାସନ ସଚିବଙ୍କ କଡ଼ା ଚେତାବନୀ ପରେ ବି ରାଜକନିକାରେ ଏହାର କୌଣସି ସତର୍କତାକୁ ଆଦୌ ଗୁରୁତ୍ୱ ଦିଆଯାଉ ନଥିବାରୁ ଗତକାଲି ୨୦ରୁ ଅଧିକ ଆକ୍ରାନ୍ତ ମେଡିକାଲରେ ପହଞ୍ଚିଥିବା ବେଳେ ଆଜି ବି ଆକ୍ରାନ୍ତ ମେଡିକାଲକୁ ଆସୁଛନ୍ତି। ସେପଟେ ଏକାବେଳକେ ଏତେସଂଖ୍ୟକ ରୋଗୀ ଭର୍ତ୍ତି ହେବାରୁ ଶଯ୍ୟା ଅଭାବ ପଡ଼ିଛି। ଫଳରେ ରୋଗୀଙ୍କୁ ତଳେ ଶୁଆଇ ଚିକିତ୍ସା କରାଯାଉଛି। ସ୍ୱାସ୍ଥ୍ୟ ବିଭାଗର ବେପରୁଆ ମନୋଭାବରୁ ଗତ ୨୦ ତାରିଖ ଦିନ ଓଳାଭର ଅଞ୍ଚଳର ଗୋବିନ୍ଦପୁର ଗ୍ରାମର ଭାନୁମତୀ ସାହୁଙ୍କ ଝାଡ଼ାବାନ୍ତିରେ ମୃତ୍ୟୁ ହୋଇଥିବା କଥାକୁ ସ୍ୱାସ୍ଥ୍ୟ ବିଭାଗ ଶ୍ୱାସଜନିତ ମୃତ୍ୟୁ କହି ଟାଳିଦେବା ପରେ ଗତକାଲିଠୁ ସ୍ଥିତି ବିଗିଡ଼ିଛି।

## ଦୀର୍ଘ ୩୫ ବର୍ଷ ପରେ ଟ୍ୟାଙ୍କର ଡ୍ରାଇଭରଙ୍କ ହକ ପାଇଁ ସ୍ୱର ଉତ୍ତୋଳନ କଲା ପୂର୍ବ ଉପକୂଳ ଶ୍ରମିକ ସଙ୍ଘ

ପାରାଦୀପ, (ମହାଭାରତ) : ପାରାଦୀପ ସ୍ଥିତ ତୈଳ ଟର୍ମିନାଲ ରେ ଥିବା ବିପିସିଏଲ, ଏଚପିସିଏଲ ଓ ଆଇଓସିଏଲ ଡିପୁ ରେ ତେଲ ଟାଙ୍କିଗାଡି ଚଲାଉ ଥିବା ସମସ୍ତ ଚାଳକ ଏକାଠି ହୋଇ ଲଢୁଆ ଶ୍ରମିକ ନେତା ପ୍ରକାଶ ତ୍ରିପାଠୀ ଙ୍କ ନେତୃତ୍ୱାଧୀନ ପୂର୍ବ ଉପକୂଳ ଶ୍ରମିକ ସଂଘ ଦ୍ୱାରା ଆୟୋଜିତ ହୋଇଥିବା ସାଧାରଣ ସଭାରେ ନିଜର ହକ ପାଇଁ ପ୍ରତିବାଦ କରିଥିଲେ । ସୋମବାର ଦିନ ଟର୍ମିନାଲ ରେ ଥିବା ଆଇଓସିଏଲ ଡିପୁ ସମୁଖରେ ଆୟୋଜିତ ସଭାରେ ପୂର୍ବ ଉପକୂଳ ଶ୍ରମିକ ସଂଘର ନେତୃ ମଣ୍ଡଳୀ କହିଥିଲେ ଯେ ତୈଳ କମ୍ପାନୀ ରେ ଟ୍ୟାଙ୍କର ଚଲାଉଥିବା ସମସ୍ତ ଡ୍ରାଇଭର କେନ୍ଦ୍ର ସରକାର ଙ୍କ ନିୟମ ଅନୁଯାୟୀ ପିଏଫ ଓ ଇଏସଆଇରେ ଅନ୍ତର୍ଭୁକ୍ତ ହବା କଥା ଏବଂ କ୍ୟାଣ୍ଟିନ ସୁବିଧା ଓ ବିଶ୍ରାମ ଗୃହ ସୁବିଧା ପାଇବା କଥା । କିନ୍ତୁ ଡ୍ରାଇଭର




ମାନେ ସେମାନଙ୍କର ପାଇବାକୁ ଥିବା ହକ ପାଇଁ କେବେବି ସ୍ୱର ଉତ୍ତୋଳନ କରିନଥିଲେ । କିନ୍ତୁ ସମସ୍ତ ଡ୍ରାଇଭର ଆମ ସଂଘ ରେ ଯୋଗ ଦେବା ପରେ ସଭାପତି ପ୍ରକାଶ ତ୍ରିପାଠୀ ସେମାନଙ୍କ ସମସ୍ୟା କୁ ସମାଧାନ କରିବାକୁ ଚିନ୍ତା କରିଥିଲେ । ଯାହା ପାଇଁକି ଆଜି ଏ ସାଧାରଣ ସଭାର ଆୟୋଜନ କରାଯାଇଅଛି । ପାରାଦୀପ ପୋର୍ଟ ଅଥରିଟି ତୈଳ କମ୍ପାନୀ ମାନଙ୍କୁ ଜମି ଦେଇଛନ୍ତି ଡିପୁ ଆଗରେ ଗାଡି ପାର୍କିଙ୍ଗ କରିବା ପାଇଁ। କିନ୍ତୁ ତୈଳ କମ୍ପାନୀ ମାନେ ନେଇଥିବା ଜାଗାକୁ ପାର୍କିଂ ପାଇଁ ସ୍ଥାୟୀ ବ୍ୟବସ୍ଥା କରୁନଥିବାରୁ ଗାଡି ଚାଳକ ମାନେ ରାସ୍ତାର ଦୁଇ ପାର୍ଶ୍ୱରେ ଗାଡି ଠିଆ କରାଉଛନ୍ତି । ଯେଉଁଥି ପାଇଁ ପାରାଦୀପ ର ଏଇଭଳି ଗୁରୁତ୍ୱପୂର୍ଣ୍ଣ ରାସ୍ତାରେ ଟ୍ରାଫିକ ସମସ୍ୟା ଉପୁଜୁଛି । ସେଥିପାଇଁ ତୈଳ କମ୍ପାନୀ ମାନଙ୍କୁ ଏସବୁ ମୌଳିକ ସମସ୍ୟା କୁ ଖୁବ ଶିଘ୍ର ସମାଧାନ କରିବାକୁ ନେତୃମଣ୍ଡଳୀ ମାନେ ଜୋରଦାର ଦାବୀ କରିବା ସହ କେନ୍ଦ୍ର ଓ ରାଜ୍ୟ ସରକାର ଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ସଭାପତି ପ୍ରକାଶ ତ୍ରିପାଠୀ କହିଥିଲେ । ଉକ୍ତ ସଭାରେ ସଂଘର ସହ ସମ୍ପାଦକ ଦିଲ୍ଲୀପ ବଳିୟାର ସିଂ ସଭା ପରିଚାଳନା କରିଥିବା ବେଳେ ସଂଘର ସାଧାରଣ ସମ୍ପାଦକ ଅଭିମନ୍ୟୁ ବେହେରା, କାର୍ଯ୍ୟକାରୀ ସଭାପତି ସୁବ୍ରତ କୁମାର ପ୍ରଧାନ, ଉପଦେଷ୍ଟା ସର୍ବେଶ୍ୱର ବଳିୟାରସିଂ ଉପସଭାପତି ରତ୍ନାକର ଜେନା ପ୍ରମୁଖ ବକ୍ତବ୍ୟ ରଖିଥିଲା ବେଳେ ସନ୍ତୋଷ ନାୟକ, ବାଦଲ ମହାନ୍ତି, କୈଳାସ ନାୟକ ଓ ପ୍ରସନ୍ନ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ । ଉକ୍ତ ସଭାରେ ସହ ସହ ସଂଖ୍ୟାରେ ଡ୍ରାଇଭର ମାନେ ଉତ୍ସାହର ଯୋଗ ଦେଇଥିଲେ ।

## ମିଲେଟ ଶକ୍ତି ଟିଫିନ ସେଣ୍ଟର ଉଦଘାଟିତ

ଦଶପଲ୍ଲା, (ମହାଭାରତ ): ମହିଳା ମାନଙ୍କୁ ସ୍ୱାବଲମ୍ବୀ କରିବା ତଥା ସମାଜ ର ମୁଖ୍ୟ ସ୍ରୋତରେ ଛିଡା କରାଇବା ନିମନ୍ତେ କେନ୍ଦ୍ର ସରକାର ତଥା ରାଜ୍ୟ ସରକାର ବଦ୍ଧ ପରୀକର। ବିଗତ ସରକାର ତଥା ବିଜେଡି ସରକାର ସମୟରେ ମିଲେଟ ଶକ୍ତି ମିଶନ ପ୍ରତିଷ୍ଠା କରାଯାଇ ମହିଳା ଙ୍କୁ ସ୍ୱାବଲମ୍ବୀ କରିବାକୁ ଅନେକ ପଦକ୍ଷେପ ମାନ ଗ୍ରହଣ କରିଥିଲେ। ମାଣ୍ଡିଆରୁ ତିଆରି ବିଭିନ୍ନ ପ୍ରକାର ଖାଦ୍ୟ ପ୍ରସ୍ତୁତ କରି ମହିଳା ଗ୍ରୁପ ସଦସ୍ୟା ମାନେ କିପରି ଅର୍ଥ ଉପାର୍ଜନ କରିପାରିବେ ସେଥିପାଇଁ ସେମାନଙ୍କୁ ଟ୍ରେନିଂ ମଧ୍ୟ ଦିଆଯାଇଥିଲା। ଗ୍ରୁପ ଗୁଡିକ ଅନେକ ପ୍ରକାର ବ୍ୟବସାୟ କରି ନିଜେ ସ୍ୱାବଲମ୍ବୀ ହେବା ସହ ନିଜ ପରିବାରର ପ୍ରତିପୋଷଣ କରିପାରିବେ। ତେବେ ଏ କ୍ରମରେ ଦେଖିଲେ ସୋମବାର ଦିନ ଦଶପଲ୍ଲା ଏନଏସୀ ଅନ୍ତର୍ଗତ ତହସିଲ କାର୍ଯ୍ୟାଳୟ ସଂନିକଟରେ ମା ତାରିଣୀ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ସଦସ୍ୟାଙ୍କ ଚେଷ୍ଟା ରେ ମିଲେଟ ଶକ୍ତି ଟିଫିନ ସେଣ୍ଟର ର ଉଦଘାଟନ କରାଯାଇଛି। ସଭାନେତ୍ରୀ ସଂଯୁକ୍ତା ଦାଶଗୁପ୍ତାଙ୍କ ତତ୍ତ୍ୱବଧାନରେ ହୋଇଥିବା ଉଦଘାଟନ ଉତ୍ସବ ରେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ଦଶପଲ୍ଲା ବ୍ଲକ ଅଧକ୍ଷା ସୁନନ୍ଦା ସାହୁ, ଷ୍ଟେଟ ବ୍ୟାଙ୍କ ର ମ୍ୟାନେଜର ନୀଳମଣି ଜେନା, ପୂର୍ବତନ ଏନ ଏ ସି ଅଧକ୍ଷା ବବିତା ସାହୁ ଙ୍କ ସମେତ ଗ୍ରୁପ ସଦସ୍ୟା ଓ ଅନ୍ୟ ବରିଷ୍ଠ ବ୍ୟକ୍ତି ଉପସ୍ଥିତ ଥିଲେ।

## ଅସହାୟଙ୍କ ପାଇଁ ଦେବ ଦୂତ ସାଜିଛି 'ହେଲ୍ପ ଫର ପିପୁଲ'

ଅସ୍ତରଙ୍ଗ, (ମହାଭାରତ) : ପୁରୀଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଧିନସ୍ଥ ଡେରୁଣିଆ ସମେତ ଆଖପାଖ ଅଞ୍ଚଳର ଉଦଯୋଗୀ ଯୁବକ ମାନଙ୍କୁ ନେଇ ଗଠିତ 'ହେଲ୍ପ ଫର ପିପୁଲ ' ନାମକ ସଂଗଠନ ପକ୍ଷରୁ ଅସନ, ପାଟସୁନ୍ଦରପୁର, ଓସିହାଁ, ଡେରୁଣିଆ ଓ ବାଲିସାହି ଗ୍ରାମର ଅସହାୟ ବ୍ୟକ୍ତି ମାନଙ୍କୁ ଛତା ବଣ୍ଟନ କରାଯାଇଛି । ବିଗତ ଦିନ ମାନଙ୍କରେ ଉକ୍ତ ସଂଗଠନ ଜରିଆରେ ଦିନଦୁସ୍ଥଙ୍କ ସେବା, ଚାରାରୋପଣ, କମ୍ବଳ ବଣ୍ଟନ, ପର୍ବପର୍ବାଣୀରେ ଅସହାୟଙ୍କୁ ଉପହାର ଆଦି କାର୍ଯ୍ୟ କରି ସର୍ବଦା ପ୍ରଶଂସିତ ହୋଇପାରିଛନ୍ତି। ଏହି ସଂଗଠନ ଅସହାୟ ଓ ଆବଶ୍ୟକତା ମୂଳକ ଲୋକମାନଙ୍କ ଜୀବନ ଜୀବିକାକୁ ସହଜ କରିବା ସହିତ ଶିକ୍ଷା, ସ୍ୱାସ୍ଥ୍ୟ ଓ ପରିବେଶ ସ୍ୱଚ୍ଛତା ପ୍ରତି ଧ୍ୟାନ ଦେବ ବୋଲି ସଂଗଠନର ମୁଖ୍ୟ ଅଜିତ କୁମାର ସ୍ୱାଇଁ ପ୍ରକାଶ କରିଛନ୍ତି । ଉକ୍ତ କାର୍ଯ୍ୟକ୍ରମରେ ତପନ କୁମାର ସେଠୀ,ପ୍ରମୋଦ ବେହେରା, ବିଚିତ୍ର ମଲ୍ଲିକ, ବିଜୟ ବେହେରା, ଫିଲୁ ରାଉତ, ପ୍ରିୟବ୍ରତ ଜେନା ଓ ନିରଞ୍ଜନ ଓଝାଙ୍କ ସମେତ ୨୫ ରୁ ଉର୍ଦ୍ଧ ସଭ୍ୟ ଯୋଗଦେଇ ଅସହାୟ ଓ ନିରାଶ୍ରୟ ମାନଙ୍କୁ ଛତା ବଣ୍ଟନ କରିଥିଲେ ।ସଂଗଠନ ର ଏତାଦୃଶ କାର୍ଯ୍ୟକୁ ବୁଦ୍ଧିଜୀବୀ ମହଲରେ ଭୁୟସୀ ପ୍ରଶଂସା କରାଯାଇଛି ।

## ସମନ୍ୱିତ ଚାଷ କରି ଲାଭବାନ ହୋଇ ପାରିଛନ୍ତି ମୋହନ ପାତ୍ର

ରଜପତି, (ମହାଭାରତ) : ବଣ ପାହାଡ ଘେରା ଗଜପତି ଜିଲ୍ଲାର ଗୋଶାଣୀ ବ୍ଲକ ଅନ୍ତର୍ଗତ ମଧୁସୂଦନ ଗ୍ରାମ ପଞ୍ଚାୟତର ମଧୁସୂଦନ ଗ୍ରାମ ।ଏହି ଗ୍ରାମର ଜଣେ ଉତ୍ତମ ଚାଷୀ ହେଉଛନ୍ତି ମୋହନ ପାତ୍ର ।ପିଜୁଳି ଚାଷ ସହ ନର୍ସରି କରି ଲାଭବାନ ହୋଇପାରି ଛନ୍ତି। ପିଜୁଳି ଆମ୍ବ, ପଣସ, କାଜୁ, ଜାମୁକୋଳି, ଲବଙ୍ଗ, ଡାଲଚିନି, ମୁନିକା ପ୍ରଭୃତି ନର୍ସରିରେ ଚାରା କରି ବିକ୍ରୀ କରୁଛନ୍ତି। ମୃତ୍ତିକା ସଂରକ୍ଷଣ ବିଭାଗ, ଉଦ୍ୟାନ ବିଭାଗ, ଏନ୍ ଜୀ ଓ ଙ୍କ ସମେତ ବିଭିନ୍ନ ସ୍ଥାନରୁ ଚାଷୀ ଆସି ଚାରା କ୍ରୟ କରି ନେଉଥିବା ମୋହନ ପାତ୍ର ପ୍ରକାଶ କରିଛନ୍ତି। ବିଭିନ୍ନ ପନିପରିବା ଚାଷ,ଫୁଲ ଚାଷ,ଗୋ ପାଳନ, ପୋଖରୀରେ ମାଛ ଚାଷ କରି ଲାଭବାନ ହୋଇ ପାରିଛନ୍ତି ।ସେ ନିଜ ଜମିରେ ମୃତ୍ତିକା ସଂରକ୍ଷଣ ବିଭାଗ ପକ୍ଷରୁ କ୍ଷେତ ପୋଖରୀ ଖନନ କରି ନିଜେ ମାଛ ଚାଷ ଚାଷ କରିଛନ୍ତି। ସେ ନିଜର ବଗିଚାରେ ବାଇଗଣ, କଲରା କାଙ୍କଡ଼, କୁନ୍ଦୁରୁ,ଲଙ୍କା ପ୍ରଭୃତି ଚାଷ କରିବା ସହିତ ଗୋ ପାଳନ ମଧ୍ୟ କରିଛନ୍ତି। ମୋହନ ପାତ୍ର ଉଦ୍ୟାନ ବିଭାଗ, ମୃତ୍ତିକା ସଂରକ୍ଷଣ ବିଭାଗ ଓ ଏଗ୍ରୋ ବିଭାଗ ପକ୍ଷରୁ ସହାୟତା ପାଇଥିବାର ପ୍ରକାଶ କରିଛନ୍ତି ।ଏଗ୍ରୋ ବିଭାଗ ପକ୍ଷରୁ ସୋଲାର ମଟର ଦ୍ୱାରା ନିଜ କ୍ଷେତକୁ ଜଳ ଯୋଗାଇ ପାରିଛନ୍ତି। ବିଭିନ୍ନ ଯୋଜନାରେ ଅନ୍ତର୍ଭୁକ୍ତ ହୋଇ ପାରିଛନ୍ତି ।ଉଦ୍ୟାନ ବିଭାଗ, ମୃତ୍ତିକା ସଂରକ୍ଷଣ ବିଭାଗ ଓ ଏଗ୍ରୋ ବିଭାଗ ଦ୍ୱାରା ଉପକୃତ ହୋଇପାରିଛନ୍ତି।

## ହରିଚନ୍ଦନପୁର ପ୍ରେସ କ୍ଲବର ଚତୁର୍ଥ ବାର୍ଷିକ ଉତ୍ସବ ପାଳିତ



ପାଟଣା, (ମହାଭାରତ) : କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ପ୍ରେସ୍ କ୍ଲବର ଚତୁର୍ଥ ବାର୍ଷିକ ଉତ୍ସବ ହରିଚନ୍ଦନପୁର ସ୍ଥିତ ବ୍ରଜବନ୍ଧୁ ମହାବିଦ୍ୟାଳୟ ଠାରେ ରବିବାର ପାଳିତ ହୋଇଯାଇଛି । ପ୍ରେସ କ୍ଲବର ସଭାପତି ଶ୍ରୀନିବାସ ପାଇକରାୟଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଫୋକସ୍ ପ୍ଲସ୍ ର ପ୍ରତିଷ୍ଠାତା ତଥା ନିର୍ଦ୍ଦେଶକ ସୁଧାଂଶୁ ଶେଖର ରାଉତ୍ ଯୋଗଦେଇ କହିଥିଲେ ଯେ, ସାମ୍ବାଦିକମାନଙ୍କର ନାର୍ଯ୍ୟ ଦାବି ପୂରଣ ପାଇଁ ସେମାନେ ସଂଗଠିତ ହେବାର ଆବଶ୍ୟକତା ରହିଛି । ସଂଗଠନ ଏ ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ। ଏପରିକି କୌଣସି ସାମ୍ବାଦିକ ଅସୁବିଧାରେ ପଡ଼ିଥିବା ସମୟରେ ସଂଗଠନ କାମରେ ଆସୁଥିବାର ନଜିର ରହିଛି । ମୁଖ୍ୟବକ୍ତା ଭାବେ ଯୋଗଦେଇ କେନ୍ଦୁଝର ଜିଲ୍ଲାର ବରିଷ୍ଠ ସାମ୍ବାଦିକ ତଥା ଶିକ୍ଷାବିତ ମଳୟ ମହାପାତ୍ର କହିଥିଲେ ଯେ, ଗଣମାଧ୍ୟମ କୌଣସି ଦଳର କିମ୍ବା ବ୍ୟକ୍ତିର ଅଧିନରେ ନରହୁ, ବିଜ୍ଞାପନ ଭିତ୍ତିକ ହୋଇ ନ ପଡୁ । ସାମାଜିକ କର୍ମୀ ଭକ୍ତ ବତ୍ସଳ ମହାନ୍ତି ନିଜର ବକ୍ତବ୍ୟରେ କହିଥିଲେ, ସୀମାରେଖା ଭିତରେ ରହି ଗଣମାଧ୍ୟମ ଖବର ପରିବେଷଣ କରିବାର ଆବଶ୍ୟକତା ରହିଛି । ହିନ୍ଦୁସ୍ଥାନ ସମାଚାର ର ବରିଷ୍ଠ ସହ ସମ୍ପାଦକ ପ୍ରଦୀପ୍ତ କୁମାର ସାହୁ କହିଥିଲେ ଯେ, ସେବା ଓ ସମର୍ପଣର ମାଟି ଓଡ଼ିଶା, ଭକ୍ତି ଓ ଭାଇଚାରାର ମାଟି ଓଡ଼ିଶା । ତେଣୁ ସାମ୍ବାଦିକମାନେ ସେବାରେ ବ୍ରତୀ ହୁଅନ୍ତୁ, ସର୍ବଦା ସତ୍ୟ ଓ ନିରପେକ୍ଷ ଖବର ପରିବେଷଣ ଜାରି ରଖନ୍ତୁ । ସାଧାରଣ ଜନତାଙ୍କ ସ୍ୱର ହେଉ ଗଣମାଧ୍ୟମ । କାର୍ଯ୍ୟକ୍ରମରେ ରୋଟାରୀଆନ ବସନ୍ତ କୁମାର ପୃଷ୍ଟି ମଧ୍ୟ ଉପସ୍ଥିତ ଥିଲେ । ଏଥିସହ ମଞ୍ଚାସିନ ଅତିଥି ଭାବେ ବ୍ରଜବନ୍ଧୁ ମହାବିଦ୍ୟାଳୟର ଅଧକ୍ଷ ଭୋଳାନାଥ ଜେନା, ପ୍ରେସ କ୍ଲବର ସଭାପତି ଶ୍ରୀନିବାସ ପାଇକରାୟ କହିଥିଲେ ଯେ, ସାମ୍ବାଦିକତା ଜୀବନ ଚାଲେଞ୍ଜପୂର୍ଣ୍ଣ ସମ୍ପାଦକ ପ୍ରଶାନ୍ତ ନାୟକ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଆଗେଇ ନେଇଥିଲେ। ଏହି ଅବସରରେ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟରୁ ସମାଜ ଶାସ୍ତ୍ରରେ ସ୍ୱର୍ଣ୍ଣ ପଦକ ବିଜୟିନୀ ଅଞ୍ଜଳି ସାହୁଙ୍କୁ 'ଶ୍ରେଷ୍ଠ ବିଦ୍ୟାର୍ଥୀ', ସଫଳ ମହିଳା ଚାଷୀ ସରସ୍ୱତୀ ବେହେରାଙ୍କୁ'ମା ମାଟିର ସେବିକା', ଯୁବ ସାମ୍ବାଦିକ ତପନ କୁମାର ବେହେରା, ଲକ୍ଷ୍ମଣ କୁମାର ମହାନ୍ତ, କୃଷ୍ଣଚନ୍ଦ୍ର ବେହେରା, ଭବାନୀ ପ୍ରସାଦ ମହାନ୍ତ ଓ ମାଓ ଯୋଦ୍ଧା ଭାବେ ମାଲକାନଗିରିର ଶିବବ୍ରତ ଦାଶଙ୍କୁ ପ୍ରେସ କ୍ଲବ୍ ପକ୍ଷରୁ 'ସାମ୍ବାଦିକ ଗୌରବ' ସମ୍ମାନରେ ସମ୍ମାନୀତ କରାଯାଇ ମାନପତ୍ର ପ୍ରଦାନ । କାର୍ଯ୍ୟକ୍ରମରେ ପରେଶ ? କୁମାର ସେଠୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ କ୍ଲବର ସମ୍ପାଦକ ପ୍ରଶାନ୍ତ ନାୟକ ବିବରଣୀ ପାଠ କରିଥିଲେ । ପରିଶେଷରେ କ୍ଲବର ସଦସ୍ୟ ତନ୍ମୟ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରେସ କ୍ଲବର ଉପସଭାପତି ପ୍ରେମାନନ୍ଦ ଦାସ, ଘନଶ୍ୟାମ ଜେନା, ରାମଚନ୍ଦ୍ର ନାଏକ, ଚନ୍ଦନ ନାୟକ, ଜଗବନ୍ଧୁ ବାରିକ, ସନ୍ତୋଷ ମହାନ୍ତ, ତନ୍ମୟ କୁମାର ସାହୁ, ଲକ୍ଷ୍ମଣ କୁମାର ମହାନ୍ତ, ଉତ୍ତମ ଗିରି, ହିମାଂଶୁ ଶେଖର ଦାସ, କୃଷ୍ଣଚନ୍ଦ୍ର ବେହେରା, ଅନିଲ କୁମାର ସାହୁ, ଜୀବନଜ୍ୟୋତି ବେଜ, ଉଦୟନାଥ ପାତ୍ର, ଭବାନୀ ପ୍ରସାଦ ମହାନ୍ତ, ପ୍ରଶନ୍ନ ନାଏକ ପ୍ରମୁଖ ଉପସ୍ଥିତ ରହିଥିଲେ ।

## କଡା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଖଣ୍ଡପଡା ଏନ୍ଏସି ରେ ବିଧାୟକ ଓ ସାଂସଦଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପ ଉଦଘାଟନ

ଖଣ୍ଡପଡ଼ା, (ମହାଭାରତ) : କଡା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ନୟାଗଡ଼ ଜିଲ୍ଲା ଖଣ୍ଡପଡା ଏନ୍ଏସି ରେ ସ୍ଥାନୀୟ ବିଧାୟକ ଏବଂ ସାଂସଦଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପ ଶୁଭ ଉଦଘାଟନ ହୋଇଛି। ଏକ କୋଟି ଦୁଇ ଲକ୍ଷ ଟଙ୍କା ବ୍ୟୟରେ ତିନି ଟି ପ୍ରକଳ୍ପର ଶୁଭ ଉଦଘାଟନ କରିଛନ୍ତି ସ୍ଥାନୀୟ ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ଏବଂ କଟକ ସାଂସଦ ଭର୍ତ୍ତୃହରୀ ମହତାବ। ଖଣ୍ଡପଡ଼ା ଏନ୍ଏସି ର ଏକ ନମ୍ବର ୱାର୍ଡ ରେ ୭୫ ଲକ୍ଷ ଟଙ୍କା ବ୍ୟୟରେ ଆର୍ଦଶ ଶ୍ମଶାନ ଘାଟ ଏବଂ ଆଠ ନମ୍ବର ୱାର୍ଡ ର ବାକୁଙ୍କେଶ୍ୱର ମନ୍ଦିରଙ୍କୁ ୨୦ଲକ୍ଷ ଟଙ୍କା ବ୍ୟୟରେ ଫେବର୍ ଲକ୍ ରାସ୍ତା ନିର୍ମାଣ ଏବଂ ତେର ନମ୍ବର ୱାର୍ଡ ର ଗିରି ହନୁମାନ ମନ୍ଦିର ପରିସରରେ ସାତ ଲକ୍ଷ



ଟଙ୍କା ବ୍ୟୟରେ ଶୌଚାଳୟ ନିର୍ମାଣ ଭଳି ମାରାଥନ ଶୁଭ ଉଦ୍ ?ଘାଟନ କାର୍ଯ୍ୟକ୍ରମ କରି ଏହିସବୁ ପ୍ରକଳ୍ପକୁ ବିଧାୟକ ଏବଂ ସାଂସଦ ଉଦଘାଟନ ଏବଂ ଲୋକାର୍ପଣ କରିଛନ୍ତି। ଏହା ପରେ ଏନ୍ଏସି କାର୍ଯ୍ୟାଳୟ ନିକଟସ୍ଥ କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ଶୁଭ ଉଦଘାଟନ ସଭାରେ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ଓ କଟକ ସାଂସଦ ଭର୍ତ୍ତୃହରୀ ମହତାବ ଙ୍କ ସହ ଏନ୍ଏସି ଅଧକ୍ଷା ଆରତୀ ପ୍ରଧାନଙ୍କ ପ୍ରତିନିଧି ବିଧାନ ପ୍ରଧାନ ଏବଂ ଏନ୍ଏସି ର କାର୍ଯ୍ୟ ନିର୍ବାହୀ ଅଧିକାରୀ ଯୋଗ ଦେଇ ସରକାରଙ୍କ ଜନ ହିତକାରୀ ବିକାଶ କାର୍ଯ୍ୟ ସମ୍ପର୍କରେ ସ୍ଥାନୀୟ ବାସିନ୍ଦାଙ୍କୁ ସୂଚନା ଦେଇଥିଲେ।

## କେନାଲ ଖନନ ଅନିୟମିତତା ପ୍ରସଙ୍ଗ, ଚାଷୀଙ୍କ ଅଭିଯୋଗକୁ ଫୁଁ କଲେ ଅଧିକାରୀ

ଅସ୍ତରଙ୍ଗ, (ମହାଭାରତ) : କାକଟପୁର ଜଳସେଚନ ବିଭାଗ ଦ୍ୱାରା ଅସ୍ତରଙ୍ଗ ରେ କେନାଲ ସଫେଇ ରେ ହୋଇଥିବା ବ୍ୟାପକ ଅନିୟମିତତା ପ୍ରସଙ୍ଗ, ବିଭିନ୍ନ ଗଣମାଧ୍ୟମ ରେ ଖବର ପ୍ରସାରଣ ପରେ ଘଟଣା ସ୍ଥଳରେ ପହଞ୍ଚିଲେ ବିଭାଗୀୟ ଅଧିକାରୀ କିନ୍ତୁ ଦୁଃଖ ର କଥା ଉକ୍ତ କେନାଲ ସଫେଇ କାର୍ଯ୍ୟ କରୁଥିବା ଠିକାଦାର କୁ ଘଣ୍ଟ ଘୋଡାଇ ଚାଷୀ ଙ୍କ ଅଭିଯୋଗ କୁ ଫୁ କଲେ ବିଭାଗୀୟ ଅଧିକାରୀ ।ଅଧିକାରୀ ଙ୍କ ପ୍ରତିକ୍ରିୟା ରେ ଥିଲା କେବଳ ଠିକା ସଂସ୍ଥା ର କଥା ଏବଂ କୌଣସି ପରିସ୍ଥିତି ରେ କେନାଲ ଖନନ ର ଅନିୟମିତତା ଆଡକୁ ଦୃଷ୍ଟି ନିକ୍ଷେପ କରିବାକୁ ଇଚ୍ଛା ପ୍ରକାଶ କରିନଥିଲେ ସମ୍ପୃକ୍ତ ସହକାରୀ ଇଞ୍ଜିନିୟର ଓ ଜୁନିଅର ଇଞ୍ଜିନିୟର ଘଟଣା ସ୍ଥଳରେ ଜଣେ ଚାଷୀ ଦେଇଥିବା ଭିଡ଼ିଓ ବୟାନ କୁ ଅଧିକାରୀ ଙ୍କ ଗୋଚର କୁ ଅଣାଯାଇଥିଲା ମାତ୍ର ଅଧିକାରୀ କହିଲେ ଏହି ଭିଡ଼ିଓ ସଫେଇ ପୂର୍ବର କହି ଏଡେଇ ଦେଇଥିଲେ, କିନ୍ତୁ ଅଧିକାରୀ ଭୁଲିଯାଇଛନ୍ତି ଉକ୍ତ ବୟାନ ରେକର୍ଡ ରେ ସମୟ ତାରିଖ ଉଲ୍ଲେଖ ରହିଛି କୌଣସି ପରିସ୍ଥିତି ରେ ଚାଷୀ ଙ୍କ ଅଭିଯୋଗ ଓ ଅସନ୍ତୋଷ କୁ ଅଧିକାରୀ ଗୁରୁତ୍ୱ ଦେବା ବଦଳରେ ପ୍ରସଙ୍ଗ କୁ ଏଡେଇବା ଥିଲା ମୁଖ୍ୟ ଇଚ୍ଛା। କେବଳ ଗୋଟେ କଥା ତାଙ୍କ ମୁହଁରେ ଥିଲା କାର୍ଯ୍ୟ ସୁଚାରୁ ରୂପେ ଚାଲୁଛି। କେବଳ ମେସିନ କାମ କରୁଛି ଯେଉଁଠି ଶ୍ରମିକ ଙ୍କ କାର୍ଯ୍ୟ ରହୁଛି ସେଠି କେବେ କେତେବେଳେ ଶ୍ରମିକ ନିୟୋଜିତ ହେଉଛନ୍ତି ସେ ପ୍ରଶ୍ନ ର ଉତ୍ତର ଗଣମାଧ୍ୟମ ସାମ୍ନା ରେ ଆଦୌ ରଖିଲେ



ନାହିଁ ଜଳସମ୍ପଦ ଅଧିକାରୀ,ବରଂ କହିଲେ ଉପର ମୁଣ୍ଡ ରୁ ପାଣି ନଆସିଲେ କେମିତି କେନାଲ ରେ ପାଣି ଆସିବ ? ସ୍ଥାନୀୟ ଅଞ୍ଚଳ ରେ ଦିଗବନ୍ତ ନେତା ସ୍ୱର୍ଗୀୟ ସୁରେନ୍ଦ୍ର ନାଥ ନାୟକ ଙ୍କ କଥା କୁ କିଛି ବୁଦ୍ଧିଜୀବୀ ଆଲୋଚନା କରିଥିଲେ, ଯେତେବେଳେ ଏହି ବ୍ୟକ୍ତି ମନ୍ତ୍ରୀ ଥିଲେ ନିଜେ ଆସି କେନାଲ ଖନନ ଆଉ ଏହାର ନିରାପତ୍ତା କୁ ସଦା ସର୍ବଦା ଦୃଷ୍ଟି ଦେଉଥିଲେ ମାତ୍ର ବର୍ତ୍ତମାନ ସେହିଭଳି ନେତା ନାହାନ୍ତି, ଆଉ କିଛି ଚାଷୀ କହୁଛନ୍ତି ଅଧିକାରୀ ଏବେ ଠିକାସଂସ୍ଥା ଅଧୀନରେ ଲୋକ ଙ୍କ ସମସ୍ୟା କେମିତି ଦୂରୀକରଣ ହେବ ? ସ୍ଥାନୀୟ ଅଞ୍ଚଳ ରେ କିଛି ବୁଦ୍ଧିଜୀବୀ ଆଜିର ଅଧିକାରୀ ଙ୍କ ତଦନ୍ତ କୁ ନେଇ କ୍ଷୋଭ ପ୍ରକାଶ କରିଥିବା ବେଳେ ଏହାର ଉଚ୍ଚ ସ୍ତରୀୟ ତଦନ୍ତ କରିବାକୁ ଦାବି କରିଥିଲେ। ହୋଇଥିବା ସ୍ଥାନୀୟ ଅଧିକାରୀ ଙ୍କ ଯାଞ୍ଚ କୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିବା ବେଳେ ଜିଲ୍ଲା ପ୍ରଶାସନ ର ହସ୍ତକ୍ଷେପ ପାଇଁ ଦାବୀ କରିଥିଲେ,ଏଠାରେ ସୂଚନା ଥାଉ କି ଯେଉଁ ଠିକା ସଂସ୍ଥା ସଫେଇ କାର୍ଯ୍ୟ ରେ ଅନିୟମ କରୁଚି ତଦନ୍ତ ସମୟରେ ଅଧିକାରୀ ତାଙ୍କରି ନିକଟରେ ଉପସ୍ଥିତ ରହିଥିଲେ, ଯାହା ଫଳରେ ଉକ୍ତ ସ୍ଥାନରେ ଜୈନିକ ଖବରଦାତା ଠିକାଦାର ଙ୍କ ଆକ୍ରୋଶ ର ଶିକାର ହୋଇଥିବା ନେଇ ସାମ୍ବାଦିକ ଜଣକ ଗମ୍ଭୀର ଦୁଃଖ ପ୍ରକାଶ କରିଥିଲେ। ଦେଖାଯାଉ ଏହି ଘଟଣା ଉପରେ ଉଚ୍ଚ ପଦସ୍ଥ ଅଧିକାରୀ କଣ ପଦକ୍ଷେପ ନେଉଛନ୍ତି।

## ୧୬ରୁ କେନ୍ଦୁଝରରେ ସାହାଣୀ କପ ଫୁଟବଲ ଟୁର୍ଣ୍ଣାମେଣ୍ଟ

କେନ୍ଦୁଝର, (ମହାଭାରତ) : କେନ୍ଦୁଝର ଜିଲ୍ଲା କ୍ରୀଡାସଂସ୍ଥା ଆନୁକୂଲ୍ୟରେ ଏବଂ ଫୁଟବଲ ଆସୋସିଏସନ ଅଫ ଓଡିଶା ଓ ରାଜ୍ୟ କ୍ରୀଡା, ଯୁବସେବା ବିଭାଗ ସହାୟତାରେ ରାଜ୍ୟର ମର୍ଯ୍ୟାଦାପୂର୍ଣ୍ଣ ତଥା ସମ୍ମାନଜନକ ୬୪ତମ ସାହାଣୀ କପ ସିନିଅର ପୁରୁଷ ଆନ୍ତଃ ଜିଲ୍ଲା ଫୁଟବଲ ପ୍ରତିଯୋଗିତା ଆସନ୍ତା ୧୬ ତାରିଖ ବୁଧବାର ଠାରୁ କେନ୍ଦୁଝର ଷ୍ଟାଡିୟମ ଠାରେ ଅନୁଷ୍ଠିତ ହେବାକୁ ଯାଉଛି । ଲିଗ କମ ନକ ଆଉଟ ପଦ୍ଧତିରେ ଅନୁଷ୍ଠିତ ହେବାକୁ ଯାଉଥିବା ଏହି ଟୁର୍ନାମେଣ୍ଟ ଏକାଦିକ୍ରମେ କେନ୍ଦୁଝର, କେନ୍ଦ୍ରାପଡ଼ା, ବୌଦ୍ଧ ଓ ବ୍ରହ୍ମପୁର ଠାରେ ଚାରୋଟି ସ୍ଥାନରେ ୧୬ ତାରିଖ ଠାରୁ ୨୩ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ଏନେଇ ଗତକାଲି ସନ୍ଧ୍ୟାରେ କେନ୍ଦୁଝର ସେଣ୍ଟ୍ରାଲ କୋପେରେଟିଭ ବ୍ୟାଙ୍କ ସମ୍ମିଳନୀ କକ୍ଷରେ ଆୟୋଜକ କେନ୍ଦୁଝର ଜିଲ୍ଲା କ୍ରୀଡା ସଂସ୍ଥା ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । କେନ୍ଦୁଝର ଜୋନରେ ଗ୍ରୁପ 'ଏ ' ରେ ସୁନ୍ଦରଗଡ଼, ସୁବର୍ଣ୍ଣପୁର, ବାଲେଶ୍ୱର ଏବଂ ଢେଙ୍କାନାଳ ସ୍ଥାନ ପାଇଥିବା ବେଳେ ଗ୍ରୁପ 'ବି ' ରେ ଘରୋଇ କେନ୍ଦୁଝର ର ସହ ଯାଜପୁର, ରାଉରକେଲା ଷ୍ଟିଲପ୍ଲାଣ୍ଟ ଏବଂ ଅନୁଗୋଳ ଦଳ ସ୍ଥାନ ପାଇଛନ୍ତି । ପ୍ରତ୍ୟେକ ଦିନ ଦୁଇଟି ଲେଖାଏଁ ଖେଳ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି । ପ୍ରଥମ ମ୍ୟାଚଟି ଅପରାହ୍ନ ୨ଟା ରେ ଅନୁଷ୍ଠିତ ହେବାକୁ ଥିବା ବେଳେ ଦ୍ୱିତୀୟ ମ୍ୟାଚଟି ଅପରାହ୍ନ ୪ଟା ରେ ଅନୁଷ୍ଠିତ ହେବ । ଆସନ୍ତା ୨୩ ତାରିଖରେ ଅପରାହ୍ନ ୪ଟା ରେ ଜୋନାଲ ଫାଇନାଲ ରାଉଣ୍ଡରେ ଗ୍ରୁପ 'ଏ ' ର ବିଜେତା ଗ୍ରୁପ 'ବି ' ର ବିଜେତାକୁ ଭେଟିବ ।

## ୪୨ତମ ଖଣି ସୁରକ୍ଷା ସପ୍ତାହ ସମାରୋହ

ଯୋଡ଼ା / ବଡ଼ବିଲ, (ମହାଭାରତ) : କେନ୍ଦୁଝର ଜିଲ୍ଲା ଯୋଡା ଜିନ୍ଦଲ ଷ୍ଟିଲ୍ ତରଫରୁ ୪୨ ତମ ସୁରକ୍ଷା ସପ୍ତାହ ପାଳିତ ହୋଇ ଯାଇଛି । ଏହି କାର୍ଯ୍ୟକ୍ଷେତ୍ରରେ ସର୍ବୋଚ୍ଚ ନିରାପତ୍ତା ପାଇଁ ସୁପରିଚିତ ଜିନ୍ଦଲ ଷ୍ଟିଲର କାଶିଆ ଓ ଟେନ୍ସା ମାଇନ୍ସକୁ ୪୨ତମ ଧାତୁ ସମ୍ପନ୍ନ ଖଣି ସୁରକ୍ଷା ସପ୍ତାହ ସମାରୋହ- ୨୦୨୪ରେ ଏକାଧିକ ପୁରସ୍କାର ମିଳିବା, ପୁଣି ଥରେ ସୁରକ୍ଷା ପ୍ରତି ଜିନ୍ଦଲ ଷ୍ଟିଲର ପ୍ରତିବଦ୍ଧତାକୁ ପ୍ରମାଣିତ କରିଛି ।ଖଣି ନିରାପତ୍ତା ନିର୍ଦ୍ଦେଶାଳୟ (ଡିଜିଏମଏସ) ପକ୍ଷରୁ ବଡ଼ବିଲରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଦେଶର ମୋଟ ୧୧୩ଟି ଖଣି ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ଷେତ୍ରରେ ଉଚ୍ଚ ନିରାପତ୍ତା ମାନକକୁ ବଜାୟ ରଖିବା ଏବଂ ଏବଂ ନିରାପଦ କାର୍ଯ୍ୟ ପରିବେଶ




ସୁନିଶ୍ଚିତ କରିବା ପାଇଁ ଜିନ୍ଦଲ ଷ୍ଟିଲର ନିରନ୍ତର ଉଦ୍ୟମକୁ ଏହି ପୁରସ୍କାର ଦ୍ୱାରା ସ୍ୱୀକୃତି ମିଳିଛି। ଏହି ସମ୍ମାନ କମ୍ପାନିର ମୂଲ୍ୟବୋଧକୁ ସଶକ୍ତ କରିବା ଏବଂ ନିୟମର ଅନୁପାଳନ ପ୍ରତି ପ୍ରତିବଦ୍ଧତାକୁ ଆହୁରି ମଜଭୁତ କରିଛି ।ଗ୍ରୁପ୍ ଏ- ୨ରେ କାଶିଆ ମାଇନ୍ସକୁ ଏକାଧିକ ବର୍ଗରେ ପୁରସ୍କାର ମିଳିଛି। ସାମଗ୍ରିକ ପ୍ରଦର୍ଶନ ପାଇଁ ପ୍ରଥମ ପୁରସ୍କାର, ତାଲିମ, ସ୍ୱାସ୍ଥ୍ୟ ଓ କଲ୍ୟାଣ ବର୍ଗରେ ପ୍ରଥମ ପୁରସ୍କାର, ସାଧାରଣ ଧନ୍ଦାମୂଳକ ପ୍ରଶିକ୍ଷଣ କେନ୍ଦ୍ର ( କାଶିଆ ମାଇନ୍ସ ଅଧୀନ ଏମଡିଓ) ପାଇଁ ଦ୍ୱିତୀୟ ପୁରସ୍କାର ଏବଂ ସୁରକ୍ଷା ପରିଚାଳନା ଯୋଜନା, ନିରାପତ୍ତା ଓ ବୈଧାନିକ ନିୟମ ଅନୁପାଳନ ବର୍ଗରେ ମଧ୍ୟ ଦ୍ୱିତୀୟ ପୁରସ୍କାର ମିଳିଛି। ସେହିପରି ବୃତ୍ତିଗତ ସ୍ୱାସ୍ଥ୍ୟ କେନ୍ଦ୍ର ପାଇଁ ତୃତୀୟ ପୁରସ୍କାର ଏବଂ ଆଗୁଆ ସୂଚନା ବ୍ୟବସ୍ଥା, ଆପତକାଳୀନ ପ୍ରସ୍ତୁତି, ଆପତକାଳୀନ ଅଭ୍ୟାସ ବ୍ୟବସ୍ଥା ଓ ଦୁର୍ଘଟଣା ପରିସଂଖ୍ୟାନ ବର୍ଗରେ ମଧ୍ୟ ତୃତୀୟ ପୁରସ୍କାର ମିଳିଛି ।ଗ୍ରୁପ ବି- ୧ ଅଧୀନରେ ଟେନ୍ସା ମାଇନ୍ସକୁ ମଧ୍ୟ ଏକାଧିକ ବର୍ଗରେ ପୁରସ୍କାର ମିଳିଛି। ତାଲିମ, ସ୍ୱାସ୍ଥ୍ୟ ଓ କଲ୍ୟାଣ ବର୍ଗରେ ଟେନ୍ସା ମାଇନ୍ସକୁ ପ୍ରଥମ ପୁରସ୍କାର ମିଳିଥିବା ବେଳେ, ଅନ୍ୟ ୩ଟି ବର୍ଗ ଯଥା ବାରୁଦର ନିରାପଦ ବ୍ୟବହାର, ଖଣି ନିରାପତ୍ତାର ଡିଜିଟାଇଜେସନ, ଶ୍ରେଷ୍ଠ କଣ୍ଟ୍ରାକ୍ଟର(ଏମ/ଏସ ମା ସାରଳା ପ୍ରାଇଭେଟ ୱାର୍କ୍ସ) ବର୍ଗରେ ଦ୍ୱିତୀୟ ପୁରସ୍କାର ମିଳିଛି ।ଏହି ସଫଳତା ପାଇଁ କାଶିଆ ଓ ଟେନ୍ସା ଟିମକୁ ଅଭିନନ୍ଦନ ଜଣାଇବା ଅବସରରେ ଜିନ୍ଦଲ ଷ୍ଟିଲର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଇଡି) ଶ୍ରୀ ପଙ୍କଜ ମହ୍ଲାନ କହିଛନ୍ତି, " ଆମେ ଡିଜିଏମସଙ୍କ ପକ୍ଷରୁ ଏହି ସମ୍ମାନଜନକ ସ୍ୱୀକୃତି ପ୍ରାପ୍ତ କରି ଗର୍ବିତ ଅନୁଭବ କରୁଛୁ। ଏକ ସୁରକ୍ଷିତ ଓ ସୁସ୍ଥ କାର୍ଯ୍ୟକ୍ଷେତ୍ର ପ୍ରତିଷ୍ଠା କରିବା କ୍ଷେତ୍ରରେ ଆମ ବରିଷ୍ଠ ଅଧିକାରୀ ଓ କର୍ମଚାରୀଙ୍କ ନିରନ୍ତର ଉଦ୍ୟମ ଏହି ପୁରସ୍କାରରେ ପ୍ରତିଫଳିତ ହେଉଛି। ନିରାପଦ କର୍ମସଂସ୍କୃତିର ବିକାଶ ସହ ଆମର ସମସ୍ତ କାର୍ଯ୍ୟରେ ସୁରକ୍ଷାର ଉଚ୍ଚମାନକକୁ ବଜାୟ ରଖିବା ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ" ।ଏହି ସଫଳତା ନିରାପତ୍ତା ଓ ସ୍ୱାସ୍ଥ୍ୟ ପ୍ରତି ଗୁରୁତ୍ୱ ତଥା ଏଥିରେ କ୍ରମାଗତ ଉନ୍ନତି ପାଇଁ ଜିନ୍ଦଲ ଷ୍ଟିଲର ଉଦ୍ୟମକୁ ପ୍ରମାଣିତ କରୁଛି।

## ବିଭିନ୍ନ ଶୈବପୀଠରେ କାଉଡ଼ିଆ ଓ ଭକ୍ତଙ୍କ ସମାଗମ

ଗଜପତି, (ମହାଭାରତ) : ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡିର ବିଭିନ୍ନ ଶୈବପୀଠରେ କାଉଡ଼ିଆ ଓ ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଛି। ପାରଳାଖେମୁଣ୍ଡି ଉପକଣ୍ଠରେ ଥିବା ରାମ ଲିଙ୍ଗେଶ୍ୱର ମନ୍ଦିରରେ ଭକ୍ତଙ୍କ ସମାଗମ ହୋଇଛି। କାଉଡ଼ିଆମାନେ ପବିତ୍ର ମହେନ୍ଦ୍ରତନୟା ନଦୀରୁ ପୂଜାର୍ଚ୍ଚନା କରି କାନ୍ଧରେ ଜଳ ଆଣି ପ୍ରଭୁ ମହାଦେବଙ୍କୁ ଅଭିଷେକ କରିଥିଲେ। କାଉଡିରେ ପାଣି ଆଣି ଶିବଙ୍କୁ ଅଭିଷେକ କଲେ ନିଜର ମନସ୍କାମନା ପୂର୍ଣ୍ଣ ହୁଏ ବୋଲି ଲୋକଙ୍କ ମନରେ ବିଶ୍ୱାସ ରହିଛି। ଭକ୍ତମାନେ ନଡ଼ିଆ କଦଳୀ,ଧୂପ ଦୀପ ବେଲପତ୍ର କ୍ଷୀର ଦହି ମହୁ, ପଇଡ଼ ସାଙ୍ଗରେ ଆଣି ଠାକୁରଙ୍କ ଅଭିଷେକ କରି ପୂଜାର୍ଚ୍ଚନା କରିଥିଲେ। ଶ୍ରାବଣ ମାସରେ ଠାକୁରଙ୍କୁ ଅଭିଷେକ କଲେ ନିଜର ମନସ୍କାମନା ପୂର୍ଣ୍ଣ ହେବା ସହ ମନରେ ଶାନ୍ତି ଆସେ ବୋଲି ବିଶ୍ୱାସ ରହିଛି ।ମନ୍ଦିର ପରିସରରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି।

## ପ୍ରେମିକ ସହ ମନମଳିନ, ବିବାହିତା ମହିଳା ବିସକ୍ରିୟା: ଆସିକା ମେଡିକାଲରେ ମୃତ୍ୟୁ

ଆସିକା, (ମହାଭାରତ) : ପରକ୍ରିୟା ପ୍ରୀତି ନେଲା ବିବାହିତା ମହିଳା ଙ୍କ ଜୀବନ କ୍ଷ ପୂର୍ବରୁ ଜଣେ ବ୍ୟକ୍ତି କୁ ବିବାହ କରିଥିଲେ । ପରେ ଆଉ ଜଣଙ୍କୁ ପ୍ରେମ କରି କିଛି ଦିନ ମିଳିମିଶି ରହି ମନମଳିନ ହେବାରୁ ବିଷ କ୍ରିୟା କରି ଚାଲିଗଲା ଜୀବନ। ଏହି ଭଳି ଘଟଣା ଦେଖିବାକୁ ମିଳିଛି କନ୍ଧମାଳ ଜିଲ୍ଲା ସାରଙ୍ଗଗଡ଼ ଥାନା ସଲିଗୁଡା ଗ୍ରାମରେ । ଗ୍ରାମର ରେଣୁକା ବିଷୋୟୀ ଙ୍କ ବଡ଼ ଝିଅ ସନ୍ତୋଷିନୀ ବିଷୋୟୀ ପାଞ୍ଚ ବର୍ଷ ପୂର୍ବେ ସେହି ଗ୍ରାମର ଜଣେ ଯୁବକ କୁ ବିବାହ କରିଥିଲେ । ଉଭୟ ଙ୍କ ମଧ୍ୟରେ ବୈବାହିକ ଜୀବନ ହସ ଖୁସି ରେ ଚାଲିଥିଲା ପରେ ଗତ ସପ୍ତାହ ରେ ସେ ମୁଦାଗୁଡା ଗ୍ରାମର ଉଦୟ ରଣା ଙ୍କ ସହ ପ୍ରେମ ସମ୍ପର୍କ ଗଢିବା ସହ ଘରୁ ଫେରାର ହୋଇଯାଇଥିଲେ । ଘଟଣା ନେଇ ଉଭୟ ପରିବାର ମଧ୍ୟରେ ଅସନ୍ତୋଷ ଲାଗିରହିଥିବା ବେଳେ ଗତକାଲି ସନ୍ତୋଷୀନି ପ୍ରେମିକ ଙ୍କ ପାଖରେ କୌଣସି କାରଣକୁ ନେଇ ବିଷକ୍ରିୟା କରି ବାଲିଗୁଡା ମେଡିକାଲ ରେ ଭର୍ତି ହୋଇଥିଲେ । ଖବରପାଇ ସନ୍ତୋଷିନୀ ଙ୍କ ପରିବାର ସଦସ୍ୟ ପହଞ୍ଚି ତାଙ୍କୁ ସେଠାରୁ ଫୁଲବାଣୀ ଜିଲ୍ଲା ମେଡିକାଲ ରେ ଭର୍ତି କରିଥିଲେ । ଏଠାରେ ସନ୍ତୋଷିନୀ ଙ୍କ ସ୍ୱାସ୍ଥବସ୍ଥା ରେ ସୁଧାର ନଆସିବାରୁ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ସ୍ଥିତ ଏମ କେ ସିଜି ମେଡିକାଲ କୁ ସ୍ଥାନାନ୍ତର ବେଳେ ଆସିକା ନିକଟ ରେ ସେ ନିସ୍ତେଜ ହେବା କାରଣରୁ ଆମ୍ବୁଲାନ୍ସ କର୍ତୃପକ୍ଷ ଆସିକା ଉପଖଣ୍ଡ ଚିକିତ୍ସାଳୟ ରେ ଭର୍ତି କରିଥିବା ବେଳେ ଏଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଛନ୍ତି । ତେବେ ପ୍ରେମିକ ସହ ମନମାଳୀନ ଯୋଗୁଁ ଝିଅ ବିସକ୍ରିୟା କରିଥିବା ସନ୍ଦେହ କରି ଏନେଇ ମୃତକ ଙ୍କ ମା ରେଣୁକା ଆସିକା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗ କୁ ଭିତିକରି ଥାନା କେସ ନମ୍ବର ୮ / ୨୫ ରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ମୃତଦେହ ଜବତ କରିବା ସହ ସନ୍ଧ୍ୟା ୫ ଟା ସମୟରେ ମୃତଦେହ ବ୍ୟବଛେଦ ଗୃହରେ ରହିଥିବା ଦେଖିବାକୁ ମିଳିଛି।

## ଠେଲାକୋଲୋଇ ଉଚ୍ଚ ବିଦ୍ୟାଳୟରେ ସ୍କୁଲବସ୍ ସେବା ଆରମ୍ଭ

ସମ୍ବଲପୁର/ରେଙ୍ଗାଲି, (ମହାଭାରତ): ରେଙ୍ଗାଲି ବ୍ଲକ ଅନ୍ତର୍ଗତ ଠେଲାକୋଲୋଇ ଗ୍ରାମ ପଂଚାୟତ ରେ ଗୋଟିଏ ମାତ୍ର ଉଚ୍ଚ ବିଦ୍ୟାଳୟ ରହିଛି, ଠେଲାକୋଲୋଇ ଉଚ୍ଚ ବିଦ୍ୟାଳୟ । ଯାହା ଉପରେ ନିର୍ଭର କରନ୍ତି, ଆଖପାଖ ଗ୍ରାମ ର ଶତାଧିକ ଛାତ୍ର ଛାତ୍ରୀ । ଏହି ବିଦ୍ୟାଳୟ କୁ ଆସିବାକୁ ହେଲେ, ଅନେକ ଛାତ୍ର ଛାତ୍ରୀ ମାନଙ୍କୁ ନିକଟରେ ଥିବା ଦଶ ନମ୍ବର ରାଜ୍ୟ ରାଜପଥ କୁ ଅତିକ୍ରମ କରିବାକୁ ପଡ଼ିଥାଏ । ଯୋଉଥିରେ କି ନିକଟସ୍ଥ କମ୍ପାନୀ ଗୁଡ଼ିକର, ଭାରି ଯାନ ଗୁଡ଼ିକ ଅନବ୍ରତ ଯିବା ଆସିବା କରୁଛନ୍ତି । ଏହା ଫଳରେ ଛାତ୍ର ଛାତ୍ରୀ ମାନଂକୁ ନାହିଁ ନଥିବା ଅସୁବିଧା ର ସମ୍ମୁଖୀନ ହେବାକୁ ପଡୁଛି । ଦୁର୍ଘଟଣା ଭୟରେ ପରିବାର ଲୋକେ ମଧ୍ୟ ଶିଶୁକୁ ବିଦ୍ୟାଳୟ କୁ ପଠାଇବାପାଇଁ କୁଣ୍ଠାବୋଧ କରୁଛନ୍ତିକ୍ଷ ଯାହା ଫଳରେ ବିଦ୍ୟାଳୟ ରେ ଛାତ୍ର ଛାତ୍ରୀ ସଂଖ୍ୟା ଧିରେ ଧିରେ କମିବାରେ ଲାଗିଛି । ପରିଶେଷରେ ଅନେକ ଅନୁରୋଧ ପରେ ,ଏହି ବିଦ୍ୟାଳୟ କୁ ଘଖଉ କମ୍ପାନୀ ତରଫରୁ ଏକ ସ୍କୁଲବସ ଯୋଗାଇ ଦିଆ ଯାଇଛି। ଆଜି ଏହି ବସ ର ଉଦ୍ଘାଟଣି ଉତ୍ସବ ରେ, ମୁଖ୍ୟ ଅତିଥି ଭାବେ ପୂର୍ବତନ ରେଙ୍ଗାଲୀ ବିଧାୟକ ତଥା, ବିଜେପି ରାଜ୍ୟ ଉପ ସଭାପତି ଶ୍ରୀ ନାଉରୀ ନାଏକ ଯୋଗଦେଇଥିବା ବେଳେ, ସମ୍ମାନିତ ଅତିଥିଭାବେ ରେଙ୍ଗାଲୀ ବ୍ଲକ ଅଧ୍ୟକ୍ଷ ଶ୍ରୀ ସତ୍ୟନାରାୟଣ ଅଗ୍ରୱାଲ,ଠେଲାକୋଲୋଇ ସରପଞ୍ଚ ଶ୍ରୀମତୀ ଅବନ୍ତି ନାୟକ, ସମ୍ବଲପୁର ସାଂସଦ ପ୍ରତିନିଧି ଶ୍ରୀ ନବୀନ ପଧାନ, ବିଦ୍ୟାଳୟ ପରିଚାଳନା କମିଟି ର ସଭାପତି ଶ୍ରୀ ଗୋଲବଦନ ପଧାନ, ସମ୍ପାଦକ ଶ୍ରୀ ବିରଞ୍ଚି କୁମାର ନାଥ, ପୂର୍ବତନ ତଥା ବର୍ତ୍ତମାନ ଉପଦେଷ୍ଟା କମିଟି ସଦସ୍ୟ, ଶ୍ରୀ ସନ୍ତୋଷ ନାଥ, ଶ୍ରୀ ଶୁକଦେବ ନାୟକ, ଶ୍ରୀ ଦୁର୍ଗା ପ୍ରସାଦ ସାହୁ, ଶ୍ରୀ ଲକ୍ଷ୍ମୀନାରାୟଣ ତ୍ରିପାଠୀ, ଠେଲାକୋଲୋଇ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀ ପଦ୍ମନାଭ ନାଏକ, ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଶ୍ରୀ ଦେବେନ୍ଦ୍ର ପଧାନ, ଶିକ୍ଷକ ଶ୍ରୀ ଦୁର୍ଯୋଧନ ପ୍ରଧାନ, ଶ୍ରୀ ଦେବେନ୍ଦ୍ର ସାହୁ, ଶ୍ରୀ ଅଶ୍ୱିନୀ ସାହୁ, ଶ୍ରୀ ପ୍ରାଣବନ୍ଧୁ ରାଉତ,ଶ୍ରୀ ସୁଧାଂଶୁ ପଣ୍ଡା, ଶିକ୍ଷୟିତ୍ରୀ ମିନା ଦାସ, ଦିପ୍ତିମୟୀ ମଲ୍ଲିକ, ରୋଜି ନାଏକ,ସହ ଗ୍ରାମର ଅନେକ ବୁଦ୍ଧିଜୀବୀ ମାନେ ଯୋଗ ଦେଇଥିଲେ । ଏହା ପରେ ଅତିଥି ମାନେ ପତାକା ଦେଖାଇ ବସ ର ଶୁଭାରମ୍ଭ କରିଥିଲେ । ଛାତ୍ରଛାତ୍ରୀ ମାନଙ୍କ ମୁହଁ ରେ ଖୁସିର ଲହରି ଦେଖିବାକୁ ମିଳିଥିଲା।

## ବାଲିପାଟଣାରେ ଜିଲ୍ଲାପାଳଙ୍କ ଜନ ଶୁଣାଣି



ବାଲିପାଟଣା,(ମହାଭାରତ) : ବାଲିପାଟଣା ବ୍ଲକ ଅନ୍ତର୍ଗତ ତୁରିନ୍ତିରା ଗ୍ରାମ ପଞ୍ଚାୟତ କଲ୍ୟାଣ ମଣ୍ଡପ ପରିସରରେ ଆଜି ଖୋର୍ଦ୍ଧା ଅତିରିକ୍ତ ଜିଲ୍ଲାପାଳ ରୁଦ୍ର ନାରାୟଣ ମହାନ୍ତି ଜନ ଅଭିଯୋଗ ଶୁଣାଣୀ କରିଛନ୍ତି। ଆଜିର ଏହି ଶିବିରରେ ମୋଟ ୧ ୨ ୩ ଟି ଅଭିଯୋଗ ଶୁଣାଣି ପାଇଁ ଆସିଥିଲା। ସେଥିମଧ୍ୟରୁ ୧ ୦ ୩ ଟି ବ୍ୟକ୍ତିଗତ ଓ ୨ ୦ ଗୋଟି ସାମୁହିକ ସମସ୍ୟା ରହିଥିବା ବେଳେ ୩ ଜଣଙ୍କର ସମସ୍ୟାର ତୁରନ୍ତ ସମାଧାନ କରାଯାଇଥିଲା। ଜିଲ୍ଲାପାଳଙ୍କ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶିକା କସ୍ତୁରୀବାଳା ସ୍ୱାଇଁ,ଉପ ଜିଲ୍ଲାପାଳ, ବିଡ଼ିଓ ତଥା ତହସିଲଦାର କଳ୍ପନା ଦାସ,ସରପଞ୍ଚ ମିତାରାଣୀ ମଲ୍ଲିକ, ସମିତି ସଭ୍ୟ ସନାତନ ସେଠୀ, ସାଂସଦଙ୍କ ପ୍ରତିନିଧି ନାରାୟଣ ଖୁଣ୍ଟିଆ, ବାଲିପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଶ୍ରୀକାନ୍ତ କୁମାର ବେହେରା ପ୍ରମୁଖଙ୍କ ସହିତ ସମସ୍ତ ବିଭାଗୀୟ ଅଧିକାରୀ ଓ ଲୋକ ପ୍ରତିନିଧି ସହଯୋଗ କରିଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦିବ୍ୟଜ୍ୟୋତି ଭୁତିଆ ଓ ସହଯୋଗୀ ସଂଗ୍ରାମ କେଶରୀ ଦାସ ଶିବିର ପରିଚାଳନା କରିଥିଲେ।

## ମାଲକାନଗିରି ସାମ୍ବାଦିକଙ୍କ ହତ୍ୟା ଘଟଣାକୁ ଲାଞ୍ଜିଗଡ଼ ପିଇଡବ୍ଲୁ ମିଡ଼ିଆ ଏସୋସିଏସନ ର ଦୃଢ଼ ନିନ୍ଦା

ଲାଞ୍ଜିଗଡ, (ମହାଭାରତ) : ମାଲକାନଗିରି ଜିଲ୍ଲାର ଜଣେ ଯୁବ ସାମ୍ବାଦିକ ନରେଶ କୁମାରଙ୍କୁ ଅଜଣା ଦୁର୍ବୃତ୍ତମାନେ ଆକ୍ରମଣ କରି ହତ୍ୟା ଘଟଣାକୁ ଦୃଢ଼ନିନ୍ଦା କରିଛି ଲାଞ୍ଜିଗଡ ବ୍ଲକ ପିଇଡବ୍ଲୁ ମିଡ଼ିଆ ଏସୋସିଏସନ ସାମ୍ବାଦିକ ସଂଗଠନ । ଆଜି ପିଇ ଡବ୍ଲୁ ମିଡ଼ିଆ ଏସୋସିଏ ସନ ତରଫରୁ ଏନେଇ ଏକ ଶୋକ ପ୍ରସ୍ତାବ ଆଗତ କରିବା ସହିତ ମୃତ ସାମ୍ବାଦିକଙ୍କ ହତ୍ୟାକାରୀଙ୍କୁ ଚିହ୍ନଟ କରି ଗିରଫ କରିବା ପାଇଁ ଦାବି କରାଯାଇଛି। ସେହିପରି ପରିବାରବର୍ଗଙ୍କୁ ତୁରନ୍ତ କ୍ଷତିପୂରଣ ରାଶି ପ୍ରଦାନ ପାଇଁ ପିଇଡବ୍ଲୁ ମିଡ଼ିଆ ଏସୋସିଏସନ ତରଫରୁ ଦାବି କରାଯାଇଛି। ଏପରିକି ଗ୍ରାମାଞ୍ଚଳରେ କାର୍ଯ୍ୟରତ ସାମ୍ବାଦିକମାନଙ୍କୁ ସୁରକ୍ଷା ଯୋଗାଇଦେବା ସହିତ ସାମ୍ବାଦିକ ମାନଙ୍କ ପାଇଁ ମୃତ୍ୟୁ ଓ ଆକସ୍ମିକ ମୃତ୍ୟୁ ଘଟଣାରେ ବୀମାରାଶି ବୃଦ୍ଧି କରିବାକୁ ଦାବି କରିଛି ଲାଞ୍ଜିଗଡ ପିଇ ଡବ୍ଲୁ ମିଡ଼ିଆ ଏସୋସିଏସନ। ଏନେଇ ଲାଞ୍ଜିଗଡ ପିଇ ଡବ୍ଲୁ ମିଡ଼ିଆ ଏସୋସିଏସନ ସଭାପତି ବି. ତିରୁପତି ପତ୍ର , ସାଧାରଣ ସଂପାଦକ ଗୋପାଳ ଦାସ ମହାନନ୍ଦ, ସହ ସମ୍ପାଦକ ମନୋଜ ଦୋରା, କୋଷାଧ୍ୟକ୍ଷ ନୀଲେଶ ନାଗ ,ତୁଳସୀ ରାମ ପ୍ରଧାନୀ, ମଳୟ ବେନୂଆଁ, ଦିଲ୍ଲୀପ ପଟନାୟକ,ସାଗର ବେନାଲ, ଦେବାନନ୍ଦ ମାଝୀ, ସୁଶାନ୍ତ ମାଝୀ, ଜଗତ ପାତ୍ର ପ୍ରମୁଖ ଦାବି କରିଛନ୍ତି।

# ଜୁନାଗଡ ବ୍ଲକସ୍ତରୀୟ ଯୁଗ୍ମ ଜନଶୁଣାଣୀ ଶିବିର



ଜୁନାଗଡ଼/ ମହାଭାରତ/: ତା,୧୪.୦୭.କଳାହାଣ୍ଡି ଜିଲ୍ଲା ଜୁନାଗଡ ବ୍ଲକସ୍ତରୀୟ କଳାହାଣ୍ଡି ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକ ଙ୍କ ଯୁଗ୍ମ ଜନଶୁଣାଣୀ ଓ ସମାଧାନ ଶିବିର ବ୍ଲକ କାର୍ଯ୍ୟାଳୟ ସଭାଗୃହ ଠାରେ ଅନୁଷ୍ଠିତ ହୋଇଥିଲା । ଏହି ଯୁଗ୍ମ ଅଭିଯୋଗ ଶୁଣାଣୀ ଓ ସମାଧାନ ଶିବିରରେ ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ ଓ ଆରକ୍ଷୀ ଅଧିକ୍ଷକ ନାଗରାଜ ଦେବରକୋଣ୍ଡା ଯୋଗଦେଇ ଲୋକଙ୍କର ଆପତ୍ତି ଅଭିଯୋଗର ଶୁଣାଣୀ କରିଥିଲେ । ଏହି ଶିବିରରେ ବ୍ଲକର ବିଭିନ୍ନ ଅଞ୍ଚଳରୁ ଆସିଥିବା ୪୩ ଗୋଟି ଆପତ୍ତି ଅଭିଯୋଗର ପଞ୍ଜୀକରଣ କରାଯାଇଥିଲା ସେଥି ମଧ୍ୟରୁ ବ୍ୟକ୍ତିଗତ ୨୭ ଗୋଟି ଓ ସାମୂହିକ ୧୩ ଗୋଟି ରହିଥିବା ବେଳେ ୦୬ ଗୋଟି ଆପତ୍ତି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା ।ଏଥିରେ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୩ ଜଣଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା । ଏହି ଶିବିରରେ ଭତ୍ତା, ପାନୀୟଜଳ, ଜମିବିବାଦ, ରେଶନ କାର୍ଡ, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ବେସାମରିକ ଯୋଗାଣ, ଜଳସେଚନ, ସାମାଜିକ ସୁରକ୍ଷା, ଅବକାରୀ,ସମାଜ କଲ୍ୟାଣ,ଶିଶୁ ସୁରକ୍ଷା, ପୂର୍ତ୍ତ ବିଭାଗ, ଗ୍ରାମ୍ୟ ଉନ୍ନୟନ, ତହସିଲ, ବ୍ଲକ ଇତ୍ୟାଦି ବିଭାଗୀୟ ଅଧୀନରେ କାର୍ଯ୍ୟକାରୀ ହେବାକୁ ଥିବା ସମ୍ପର୍କିତ ସମସ୍ତ ଆପତ୍ତି ଅଭିଯୋଗର ଶୁଣାଣି କରି ଏହି ସବୁ ସମସ୍ୟାର ତୁରନ୍ତ ସମାଧାନ କରିବା ନିମନ୍ତେ ଆବଶ୍ୟକ ପଦକ୍ଷେପ ନେବା ପାଇଁ ଏଥି ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଏହି ଶିବିରରେ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଦୟାମୟ ପାଢ଼ୀ, ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ( ପ୍ରବେଶନ) ଅନିମେସ ପ୍ରଧାନ, ଭାରପ୍ରାପ୍ତ ଉପ ଜିଲ୍ଲାପାଳ ଧର୍ମଗଡ଼, ଅଜୟ କୁମାର ତିର୍କୀ,ବ୍ଲକ ଅଧକ୍ଷକ୍ଷ ସବିତା ମେହେର, ବିଡିଓ,ଦେବାଶିଷ କର, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା କିଶୋର କୁମାର ପୃଷ୍ଟି, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ମଳୟ କୁମାର ପରିଡା,ଜିଲ୍ଲା ଅବକାରୀ ଅଧିକ୍ଷକ ରଞ୍ଜନ କୁମାର ନାୟକ, ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ମୁଜିବୁନ ନିଶା, ଜିଲ୍ଲା ମଙ୍ଗଳ ଅଧିକାରୀ ଅନ୍ତର୍ଯ୍ୟାମୀ କହଁର, ସହ ନିର୍ଦ୍ଦେଶକ ଜିଲ୍ଲା ସ୍ୱଚ୍ଛ ସଞ୍ଚୟ ଓ ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ,ଜିଲ୍ଲା ପଞ୍ଚାୟତ ଅଧିକାରୀ ନୃସିଂହ ଚରଣ ପଟ୍ଟନାୟକ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦ୍ର ମହାପାତ୍ର ଙ୍କ ସମେତ ବିଭିନ୍ନ ବିଭାଗୀୟ ଜିଲ୍ଲାସ୍ତରୀୟ ଓ ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ ।

## ବିଦ୍ୟୁତ ଆଘାତରେ ଶ୍ରମିକ ମୃତ

ଅସ୍ତରଙ୍ଗ, (ମହାଭାରତ) : ଆଜି ଅସ୍ତରଙ୍ଗ ଅଞ୍ଚଳ ରେ ଘଟିଯାଇଛି ଏକ ଅଭାବନୀୟ ଘଟଣା, ସୁଦୂର ସୁନ୍ଦରଗଡ଼ ଜିଲ୍ଲା ରାଉରକେଲା ଅଞ୍ଚଳ ରୁ ଜଣେ ଶ୍ରମିକ ଛୁରିଆନା ପଞ୍ଚାୟତ ଆଇଁସିଣିଆ ଗ୍ରାମ ର ଜୁଲୁ ବିଶ୍ୱାଳ ନାମକ ଜଣେ ମାଲିକ ଙ୍କ ଚିଙ୍ଗୁଡ଼ି ଘେରି ରେ କାମ କରୁଥିଲା, ଆଜି ମଧ୍ୟାହ୍ନ ସମୟ ରେ ଉକ୍ତ ଶ୍ରମିକ ଜଣଙ୍କ ମାଲିକ ଙ୍କ ଧାନ କିଆରୀ ରେ ପାଣି ମଟର ରେ ପାଣି ମାଡ଼ଉଥିବା ବେଳେ ବିଦ୍ୟୁତ ଆଘାତ ରେ ମୃତ୍ୟୁ ବରଣ କରିଥିଲେ, ଅପରାହ୍ନ ୩ ଘଟିକା ସୁଦ୍ଧା କିଛି ସ୍ଥାନୀୟ ଲୋକ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କୁ ଆଣିବା ପରେ ଡ୍ୟୁଟି ରେ ଥିବା ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରି ଅସ୍ତରଙ୍ଗ ପୋଲିସ କୁ ସୂଚନା ଦେଇଥିଲେ, ମାତ୍ର ଘଟଣା ଘଟିବାର ୨ ଘଣ୍ଟା ପରେ ଅସ୍ତରଙ୍ଗ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ପ୍ରାରମ୍ଭିକ କାର୍ଯ୍ୟ ଆରମ୍ଭ କରିଥିଲା।

# ହୋ, କୋହ୍ଲ ଜାତିକୁ ଗୋଟିଏ ଜାତିର ମାନ୍ୟତା ଦାବି

## ରଘୁବୀର, ମାଣ୍ଡୋଙ୍କ ଗାଁକୁ ଐତିହ୍ୟ ଗ୍ରାମ୍ୟ ଘୋଷଣା ଦାବି କଲା ହୋ ମହାସଭା



ରାଇରଙ୍ଗପୁର, (ମହାଭାରତ): ମୟୂରଭଞ୍ଜ ଜିଲ୍ଲାରେ 'ହୋ' ଜାତିର ଗୌରବମୟ ଇତିହାସ ରହିଅଛି । ସେମାନଙ୍କୁ ଓଡ଼ିଶାରେ ସରକାରୀ ସ୍ତରରେ 'ହୋ' ଓ 'କୋହ୍ଲ' ଜାତି ଭାବରେ ବିଭାଜନ କରା ଯାଇଅଛି। ଏହି ବିଭାଜନକୁ ପ୍ରତ୍ୟାହାର କରି 'ହୋ' ଓ 'କୋହ୍ଲ' ଜାତିକୁ ଗୋଟିଏ 'ହୋ' ଜାତି ଭାବରେ ମାନ୍ୟତା ଦେବାକୁ ରାଇରଙ୍ଗପୁରଠାରେ ଅନୁଷ୍ଠିତ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣୀରେ ମୟୂରଭଂଜ ଜିଲ୍ଲାପାଳ ହେମକାନ୍ତ ସଏଙ୍କୁ ଆଦିବାସୀ ହୋ ସମାଜ ମହାସଭା ସଙ୍ଗଠନ ତରଫରୁ ଅନୁରୋଧ କରାଯାଇଛି। ଏହା ସହିତ, ୧୮୫୭ ସିପାହୀ ବିଦ୍ରୋହ ପୂର୍ବରୁ ବାମନଘାଟୀ ଅଞ୍ଚଳରେ ହୋଇଥିବା ଆଦିବାସୀ ବିଦ୍ରୋହର ମହାନ୍ ବୀର ରଘୁବୀର କଣ୍ଡାକେଲ ଓ ମାଣ୍ଡୋ ସରଦାରଙ୍କୁ ଇତିହାସରେ ସ୍ଥାନ ଦେବା ସହିତ ଏବଂ ସେମାନଙ୍କର ପୈତୃକ ଗ୍ରାମ ବସନ୍ତପୁର ଓ ମାନବୀରକୁ ଐତିହ୍ୟ ଗ୍ରାମର ମାନ୍ୟତା ଦେବାକୁ ଦାବି କରାଯାଇଛି। ଏହା ବ୍ୟତୀତ ରାଇରଙ୍ଗପୁରର ପ୍ରଥମ ବିଧାୟକ ହାରଦେବ ସିଂ ତିରିଆଙ୍କ ପୈତୃକ ଗ୍ରାମ କୁସୁମୀ ବ୍ଲକର ବଡ଼ହାନାବେଡ଼ାକୁ ମଧ୍ୟ ଐତିହ୍ୟ ଗ୍ରାମର ମାନ୍ୟତା ଦେବାକୁ ଆଦିବାସୀ ହୋ ସମାଜ ମହାସଭାର ସଭାପତି ମନୋରଞ୍ଜନ ତିରିଆ ଏବଂ ଉପଦେଷ୍ଟା ବିର୍ସା କଣ୍ଡାଙ୍କେଲ ଜିଲାପାଳଙ୍କୁ ଅନୁରୋଧ କରିଥିବା ଜଣା ପଡ଼ିଛି । ଉକ୍ତ ଦାବୀ ଉପରେ ଅଧ୍ୟୟନ କରି ରାଜ୍ୟ ସରକାରଙ୍କୁ ରିପୋର୍ଟ ପ୍ରଦାନ କରିବାକୁ ଜିଲ୍ଲାପାଳ ମହୋଦୟ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣା ପଡ଼ିଛି ।

## ରାଜ୍ୟସ୍ତରୀୟ ୱାକୋ କିକ ବକ୍ସିଙ୍ଗ ପ୍ରତିଯୋଗିତାରେ ଜଗତସିଂହପୁର ଜିଲ୍ଲାକୁ ୨୦ ସ୍ୱର୍ଣ୍ଣ ସହ ୫୦ ପଦକ ଅର୍ଜନ




ପାରାଦୀପ, (ମହାଭାରତ) : ଓଡିଶା ସରକାରଙ୍କ କ୍ରୀଡା ଯୁବ ସେବା ବିଭାଗ ଏବଂ ୱାକୋ ଓଡିଶା ତରଫ ରୁ ଆୟୋଜିତ ରାଜ୍ୟ ସ୍ତରୀୟ କିକ ବକ୍ସିଙ୍ଗ ପ୍ରତିଯୋଗିତାରେ ଜଗତସିଂହପୁର ଜିଲ୍ଲା ସଭାପତି ଅମର ଜ୍ୟୋତି ରାଉତଙ୍କ ନେତୃତ୍ୱ ରେ ୩୭ ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରି ବିଭିନ୍ନ ବିଭାଗରୁ ୫୦ଟି ପଦକ ଅର୍ଜନ କରିଛନ୍ତି । ସେଥିରୁ ୨୦ ଟି ସ୍ୱର୍ଣ ପଦକ ଏବଂ ୧୬ ଟି ରୌପ୍ୟ ପଦକ ରହିଛି । ପ୍ରତିଯୋଗୀ ମାନଙ୍କ ସଫଳତା ପାଇଁ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ନୂଆଗଡ଼ ସରପଞ୍ଚ ଦେବେନ୍ଦ୍ର ରାଉତ, ଆଇନଜୀବୀ ସଞ୍ଜୟ ବେହରା ପ୍ରମୁଖ ଶୁଭେଚ୍ଛା ଜଣେଇଛନ୍ତି । ସୂଚନା ଥାଉକି ଜିଲ୍ଲାର ଏହି ଟିମ ରେଫେରୀ କାହ୍ନୁ ମଲିକ ଏବଂ ମ୍ୟାନେଜେର ମୋନାଲିସା ସ୍ୱାଇଁ ଙ୍କ ନେତୃତ୍ୱରେ ଏହି କ୍ରୀଡ଼ାବିତ ମାନେ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ଏହି ପ୍ରତିଯୋଗିତାରେ ବର୍ଷା ପ୍ରିୟଦର୍ଶନୀ ରାଉତ ୨ ଟି ସ୍ୱର୍ଣ୍ଣ, ଲବିତ୍ରା ଦାସ ୨ ସ୍ୱର୍ଣ୍ଣ, ଆୟୁଷ ସାହୁ ୨ ସ୍ୱର୍ଣ୍ଣ , ମାନସ ଦୋରା ୧ ସ୍ୱର୍ଣ୍ଣ, ଶୁଭଶ୍ରୀ ପ୍ରଧାନ ୧ ସ୍ୱର୍ଣ୍ଣ, ଅର୍ଚିତା ସେଠି ୧ ସ୍ୱର୍ଣ୍ଣ,୧ ରୌପ୍ୟ , ଇଶନ ମହାନ୍ତି ୧ ସ୍ୱର୍ଣ୍ଣ, ୧ ରୌପ୍ୟ, ସୌମ୍ୟା ରାଉତ ୧ ସ୍ୱର୍ଣ୍ଣ, ଆକାଂକ୍ଷା ସାହୁ ୧ ସ୍ୱର୍ଣ୍ଣ, ହାର୍ଦିକ ମହାନ୍ତି ୧ ସ୍ୱର୍ଣ୍ଣ, ଅମିତ ୧ ସ୍ୱର୍ଣ୍ଣ, ସୁମେଶ ଦୋରା ୧ ସ୍ୱର୍ଣ୍ଣ, ଶୁଭଙ୍କର ୧ ସ୍ୱର୍ଣ୍ଣ,ଅରିଆ ଅମୃତା ୨ ରୌପ୍ୟ, ସୋମାଳିନ ୨ ରୌପ୍ୟ,ସୋନାକ୍ଷୀ ୧ ରୌପ୍ୟ, ପ୍ରଭାତ ୧ ରୌପ୍ୟ, ବ୍ରୋଞ୍ଜ, ଶୁଭମ ୧ ରୌପ୍ୟ, ସାଇ ସ୍ୱରୂପ ୧ ରୌପ୍ୟ, ବ୍ରୋଞ୍ଜ, ସୋହନଦୀପ ୧ ରୌପ୍ୟ, କହ୍ନେଇ ବେହେରା ୧ ରୌପ୍ୟ, ସୁବାଶିଷ ୧ ରୌପ୍ୟ, ମନସ୍ୱିନି ରାଉତ ୧ ରୌପ୍ୟ, ଜଗଦୀଶ ୧ ରୌପ୍ୟ, ସିଦ୍ଧାର୍ଥ ୨ ବ୍ରୋଞ୍ଜ, ତାରିଣୀ ୨ ବ୍ରୋଞ୍ଜ, ଅସୀମି ଆଦ୍ୟାଶା, ବିସ୍ମୟ ପରିଡା, ଅର୍ପିତରାଜ, ପ୍ରିୟାଂଶୁ, ସୌମ୍ୟ ରଞ୍ଜନ, ସୋହାଗ, ପ୍ରଜ୍ଞା ମଲିକ, ସନ୍ତୋଷ ପଟନାୟକ, ଶଶିକାନ୍ତ ସୁତାର ଗୋଟିଏ ଲେଖାଏଁ ବ୍ରୋଞ୍ଜ ପଦକ ପାଇ ଜଗତସିଂହପୁର ଜିଲ୍ଲା ପାଇଁ ଗୌରବ ଆଣିଦେଇଛନ୍ତି ।

# ପାରାଦୀପ ବଡ଼ପଡ଼ିଆ ପରିବା ମାର୍କେଟରେ ଅଗ୍ନିକାଣ୍ଡ



ପାରାଦୀପ, (ମହାଭାରତ) : ବନ୍ଦର ସହର ପାରାଦୀପର ବଡପଡିଆରେ ଥିବା ଅସ୍ଥାୟୀ ପରିବା ମାର୍କେଟ୍‌ରେ ଅଗ୍ନିକାଣ୍ଡ ଘଟି ୫ଟି ଦୋକାନ ପୋଡ଼ି ପାଉଁଶ ହୋଇଯାଇଛି। ରବିବାର ବିଳମ୍ବିତ ରାତି ସାଢେ ୩ଟାରେ କୌଣସି କାରଣରୁ ନିଆଁ ଲାଗିଯାଇଥିଲା। ଖବର ପାଇ ପାରାଦୀପ ବନ୍ଦର ଓ କୁଜଙ୍ଗ ଅଗ୍ନିଶମ ବିଭାଗ ର ଗାଡି ଓ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଛନ୍ତି। ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଥିବା ବେଳେ ଏହି ଅଗ୍ନିକାଣ୍ଡ ଯୋଗୁଁ ୫ ଲକ୍ଷ ଟଙ୍କାର ସମ୍ପତ୍ତି ଜଳିଯାଇଥିବା କୁହାଯାଉଛି । ପାରାଦୀପ ବନ୍ଦର ତରଫରୁ ପରିବା ଦୋକାନ ପାଇଁ ଅସ୍ଥାୟୀ ପିଣ୍ଡି ଯୋଗାଇ ଦିଆଯାଇଥିବା ବେଳେ ପ୍ରତ୍ୟେକ ବ୍ୟବସାୟୀ ପଲିଥିନ ଓ ପାଲ ବାନ୍ଧି ପରିବା ବ୍ୟବସାୟ କରିଥାନ୍ତି। ରବିବାର ବିଳମ୍ବିତ ରାତିରେ କୌଣସି କାରଣରୁ ପଲିଥିନ ପାଲରେ ନିଆଁ ଲାଗି ୫ଟି ଦୋକାନ ଜଳି ଯାଇଛି। ଦୋକାନୀ ବାବୁନି ସାହୁ, ଚାବୁନି ସାହୁ, ଜୟଦେବ ମହାପାତ୍ର, ମଣ୍ଟୁ ନାୟକ,ସୁରେନ୍ଦ୍ର ସାହୁଙ୍କ ଦୋକାନ ପୋଡ଼ି ଯାଇଥିବା ଜଣାପଡିଛି। ଦୋକାନରେ ଥିବା ପନିପରିବା, କ୍ୟାସ ବାକ୍ସ, ଇଲେକଟ୍ରୋନିକ୍ସ କମ୍ପ୍ୟୁଟର କଣ୍ଟା, ପରିବା, ଫ୍ୟାନ ଆଦି ପୋଡ଼ି ପାଉଁଶ ହୋଇଯାଇଛି। ତେବେ ଅସ୍ଥାୟୀ ପରିବା ଦୋକାନ ପିଣ୍ଡିରେ କୌଣସି ବିଦ୍ୟୁତ ସଂଯୋଗ ନଥିବା ବେଳେ କେଉଁ କାରଣରୁ ନିଆଁ ଲାଗଛି ତାହା ସ୍ପଷ୍ଟ ହୋଇ ପାରିନାହିଁ। ମଶା ଧୂପରୁ ନିଆଁ ଲାଗିଥିବା ସନ୍ଦେହ କରାଯାଉଛି। ସକାଳେ ପାରାଦୀପ ବନ୍ଦର ବଣିକ ସଂଘ ସଭାପତି କ୍ଷୀରୋଦ ଚନ୍ଦ୍ର ସ୍ୱାଇଁ ପହଞ୍ଚି ସ୍ଥିତି ସମୀକ୍ଷା କରି ଏହି ମାର୍କେଟ ରେ ସ୍ଥାୟୀ ପିଣ୍ଡି ନିର୍ମାଣ ପାଇଁ ବନ୍ଦର ପ୍ରଶାସନ ର ଦୃଷ୍ଟି ଆକର୍ଷଣ କରିଛନ୍ତି। ସେହିପରି ବଣିକ ସଂଘର ଉପଦେଷ୍ଟା ତଥା ଶ୍ରମିକ ନେତା ପ୍ରକାଶ ତ୍ରିପାଠୀ ଘଟଣା ସ୍ଥଳରେ ପହଞ୍ଚି ସ୍ଥିତି ସମୀକ୍ଷା କରିଥିଲେ । ପ୍ରକାଶ ଥାଉକି, ବଡ଼ପଡିଆ ପରିବା ମାର୍କେଟରେ ସବୁ ଜିନିଷ ମିଳିଥାଏ। ପାରାଦୀପ ସହରର ପ୍ରାୟ ସମସ୍ତ ଲୋକେ ଏହି ପରିବା ମାର୍କେଟ ଉପରେ ନିର୍ଭରଶୀଳ।

## ମେଡିକାଲ ଛାତରୁ ଡେଇଁ ରୋଗୀ ଗୁରୁତର

ବଲାଙ୍ଗୀର, (ମହାଭାରତ) : ହସ୍ପିଟାଲ ଛାତରୁ ଡେଇଁ ରୋଗୀ ଗୁରୁତର। ଏଭଳି ଅଭାବନୀୟ ଘଟଣା ଦେଖିବାକ ମିଳିଛି ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲରେ। ମେଡିସିନ୍ ୱାର୍ଡର ଦ୍ୱିତୀୟ ମହଲାରୁ ଡେଇଁ ରୋଗୀ ଜଣକ ଗୁରୁତର ହୋଇଛନ୍ତି। ତୁରନ୍ତ ତାଙ୍କୁ ଉଦ୍ଧାର କରାଯାଇ ସର୍ଜରୀ ୱାର୍ଡରେ ଭର୍ତ୍ତି କରାଯାଇଛି। ଗୁରୁତର ରୋଗୀ ଜଣକ ପୂର୍ଣ୍ଣଚନ୍ଦ୍ର ସାହୁ ବୋଲି ଜଣାପଡିଛି। ପୂର୍ଣ୍ଣଚନ୍ଦ୍ର ଗତ ୧ ୨ ତାରିଖ ଦିନ ମେଡିସିନ୍ ୱାର୍ଡରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଥିଲେ। ତେବେ ପୂର୍ଣ୍ଣଚନ୍ଦ୍ର କେଉଁ କାରଣରୁ ଛାତରୁ ଡେଇଁଲେ , ସେ ନେଇ କୌଣସି ସ୍ପଷ୍ଟ ସୂଚନା ମିଳିନି। ଘଟଣା ନେଇ ହସ୍ପିଟାଲ ସୁପରିଟେଣ୍ଡେଣ୍ଟ ତଦନ୍ତ ଆରମ୍ଭ କରିଛନ୍ତି।

# ଇଣ୍ଡିଆନ୍ ବ୍ୟାଙ୍କ ଲୁଟ୍ ମାମଲା : ବଦଳି ଚାଲିଛି ଲୁଟେରାଙ୍କ ଲୋକେସନ




ନାକେଦମ ହେଲାଣି ନୟାଗଡ଼ ପୁଲିସ

ନୟାଗଡ଼, (ମହାଭାରତ) : ନୟାଗଡ଼ ସଦର ଥାନା ଅଧୀନ ମାନ୍ଧାତାପୁର ଇଣ୍ଡିଆନ ବ୍ୟାଙ୍କ ଲୁଟ୍ ମାମଲାରେ ପୁଲିସ୍ ଚାରି ଜଣଙ୍କୁ ବାନ୍ଧିଛି। ମାତ୍ର ଏ ସମସ୍ତ ଘଟଣାର ମାଷ୍ଟରମାଇଣ୍ଡ୍ ସମେତ ଅନ୍ୟ ୪ ଜଣ ଲୁଟେରା ଏବେ ବି ଫେରାର ଅଛନ୍ତି। ଯଦିଓ ପୁଲିସ ଏହି ସମସ୍ତ ୪ ଜଣଙ୍କୁ ଚିହ୍ନଟ କରିସାରିଛି, ସେମାନଙ୍କ ନିକଟରେ ବର୍ତ୍ତମାନ ସୁଦ୍ଧା ପହଞ୍ଚିପାରିନାହିଁ। ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳରେ ସେମାନେ ଆଡ୍ଡା ଜମାଉଥିବା ସ୍ଥାନ ଗୁଡ଼ିକ ଉପରେ ପୁଲିସ କଡ଼ା ନଜର ରଖିଥିଲେ ମଧ୍ୟ ସେମାନଙ୍କୁ କବ୍ ?ଜାକୁ ନେବା ପାଇଁ ସକ୍ଷମ ହୋଇନାହିଁ। ଯେହେତୁ ଏହି ଲୁଟେରା ମାନେ ସମ୍ପୂର୍ଣ୍ଣ ପେଶାଦାର, ତେଣୁ ସେମାନେ ପୁଲିସକୁ ଚକମା ଦେବାକୁ ବିଭିନ୍ନ ପ୍ରକାର ଉପାୟ ଅବଲମ୍ବନ କରୁଛନ୍ତି। ଲୁଟେରା ମାନେ ଯେଉଁଠି ଅଛନ୍ତି ବୋଲି ସୁରାକ୍ ପାଇ ପୁଲିସ ସେଠାରେ ପହଞ୍ଚୁଛି, ସେମାନଙ୍କୁ ପାଉ ନାହିଁ। ସେମାନେ ତୁରନ୍ତ ସେଠାରୁ ସ୍ଥାନ ବଦଳାଇ ଦେଉଛନ୍ତି। ପ୍ରତ୍ୟେକ ଦିନ ସେମାନେ ବଦଳାଉଥିବା ସ୍ଥାନ ଗୁଡ଼ିକ ପାଇଁ ପୁଲିସକୁ ସମସ୍ୟା ସୃଷ୍ଟି ହେଉଛି। ଏହି ମାମଲାରେ ସଦର ଥାନା ପୁଲିସ ଜଗତସିଂହପୁର ଜିଲ୍ଲାର ସାଗର ମହାରଣା (୨୬), ଦଶପଲ୍ଲା ଥାନା ଅଧୀନ ଭୋଗରା ଗାଁର ପ୍ରମୋଦ ନାୟକ (୨୧), ଇଟାମାଟି ଥାନା ଅଧୀନ ଲାଠିପଡ଼ା ଗାଁର କାର୍ତ୍ତିକ ବରାଡ଼ (୫୦) ଓ ସଦର ଥାନା ଅଧୀନ ଜେମାଦେଇପୁରପାଟଣାର ପୂର୍ବତନ ସରପଞ୍ଚ ଙ୍କ ସ୍ୱାମୀ ପୂର୍ଣ୍ଣଚନ୍ଦ୍ର ପୃଷ୍ଟି (୫୦)ଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନଙ୍କ ବୟାନ ଅନୁଯାୟୀ , ପୁଲିସ ଅନ୍ୟ ଚାରି ଜଣଙ୍କ ସମସ୍ତ ତଥ୍ୟ ଯୋଗାଡ଼ କରିଛି। ଏମିତିକି ପୁଲିସ ସେମାନଙ୍କ ନିକଟରେ ପହଞ୍ଚିବା ପାଇଁ ଜୋରଦାର୍ ଉଦ୍ୟମ ଚଳାଇଛି। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ଖବର ମୁତବାକ, ଭୁବନେଶ୍ୱର ରେ ରାହୁଲ ଗାନ୍ଧୀଙ୍କ କାର୍ଯ୍ୟକ୍ରମ ସମୟରେ ଏହି ଲୁଟେରା ମାନେ ସେଠାରେ ବୁଲାବୁଲି କରୁଥିଲେ। ମାତ୍ର ହଜାର ହଜାର ଲୋକଙ୍କ ମଧ୍ୟରୁ ସେମାନଙ୍କୁ ଖୋଜିବା ଅସମ୍ଭବ ଜାଣି ପୁଲିସ ଆଉ ପଦକ୍ଷେପ ନେଇନଥିଲା। ତଥାପି ସମସ୍ତଙ୍କୁ ଗିରଫ କରିବା ପାଇଁ ପୁଲିସ ଜାଲ ବିଛାଇଛି। ଖୁବ୍ ?ଶୀଘ୍ର ଏଥିରେ ସଫଳତା ମିଳିବ ବୋଲି ଆଶା ରଖିଛି। ଏହି ଲୁଟେରା ମାନଙ୍କ ନାଁରେ ଭୁବନେଶ୍ୱର ସମେତ ବିଭିନ୍ନ ଜିଲ୍ଲାରେ ୨୦ରୁ ଅଧିକ ମାମଲା ରହିଛି। ପୁଲିସର ପ୍ରତ୍ୟେକ ପଦକ୍ଷେପ ସମ୍ପର୍କରେ ସେମାନଙ୍କୁ ମଧ୍ୟ ଭଲ ଭାବେ ଜଣା। ଏଣୁ ପୁଲିସ ସହ ସେମାନଙ୍କୁ ଲୁଚକାଳି ଖେଳିବା ବହୁତ ସହଜ ହୋଇଛି। ବ୍ୟାଙ୍କ୍ ଲୁଟ୍ ପୂର୍ବରୁ ଲୁଟେରା ମାନେ ଜେମାଦେଇପୁର ପାଟଣା ଗାଁରେ ପହଞ୍ଚି ବ୍ୟାଙ୍କ୍ ନିକଟରେ ବାରମ୍ବାର ରେକି କରିଥିଲେ। କେତେବେଳେ ବ୍ୟାଙ୍କ୍ ଖୋଲୁଛି, ଟଙ୍କା ଯାଉଛି, ଟଙ୍କା ଆସୁଛି ଓ ସର୍ବୋପରି କେତେବେଳେ ବନ୍ଦ ହେଉଛି। ସବୁକିଛି ଟିକିନିଖି ଲୁଟେରା ମାନେ ଦେଖିଥିଲେ। ଶେଷରେ ଯେଉଁ ଦିନ ଟଙ୍କା ଗାଡ଼ି ଆସିଥିଲା, ସେମାନେ ଲୁଟ୍ କରିବା ପାଇଁ ଯୋଜନା କରିଥିଲେ। ପୂର୍ବରୁ ସେମାନେ ଏହି ଗାଁରେ ଆସି ବୈଠକ କରିଥିବା ବେଳେ ଲାଠିପଡ଼ା ଗାଁ କାର୍ତ୍ତିକା ଓ ଜେମାଦେଇପୁର ପାଟଣା ଗ୍ରାମ ପଞ୍ଚାୟତର ପୁର୍ବତନ ସରପଞ୍ଚଙ୍କ ସ୍ୱାମୀ ପୂର୍ଣ୍ଣଚନ୍ଦ୍ର ପୃଷ୍ଟି ସେମାନଙ୍କୁ ସମସ୍ତ ସହଯୋଗ କରିଥିଲେ। ସମ୍ପୂର୍ଣ୍ଣ ଯୋଜନାବଦ୍ଧ ଭାବେ କାର୍ଯ୍ୟ କରି ବ୍ୟାଙ୍କ୍ ଲୁଟ୍ କରିବାରେ ସଫଳ ହୋଇଥିବା ବାକି ଲୁଟେରା ମାନଙ୍କୁ ତୁରନ୍ତ ଗିରଫ କରିବା ପାଇଁ ସାଧାରଣରେ ଦାବି ହୋଇଛି।

## ଆମ୍ବ ବୋଝେଇ ଟ୍ରକ ଓଲଟି ୯ ମୃତ୍ୟୁ



ଆନ୍ଧ୍ର ପ୍ରଦେଶ : ଆନ୍ଧ୍ର ପ୍ରଦେଶର ଅନ୍ନମୟା ଜିଲ୍ଲାରେ ମର୍ମନ୍ତୁଦ ଦୁର୍ଘଟଣା । ଆମ୍ବ ଭର୍ତ୍ତି ଏକ ଟ୍ରକ ଓଲଟିବା ଯୋଗୁଁ ୯ ଶ୍ରମିକଙ୍କ ଜୀବନ ଚାଲିଯାଇଥିବା ବେଳେ ଅନ୍ୟ ୧୦ ଜଣ ଆହତ ହୋଇଛନ୍ତି । ମୃତକଙ୍କ ମଧ୍ୟରେ ୫ ମହିଳା ସାମିଲ ରହିଛନ୍ତି । ଆହତଙ୍କୁ ରାଜମପେଟ ସରକାରୀ ହସପିଟାଲରେ ଭର୍ତ୍ତି କରାଯାଇଛି । ଖବର ମୁତାବକ, ଦୁର୍ଘଟଣା ପୁଲ୍ଲମପେଟା ମଣ୍ଡଳ ରେଡ୍ଡୀ ଚେରୁବୁ କଟ୍ଟାରେ ହୋଇଛି । ଆମ୍ବ ଭର୍ତ୍ତି ଟ୍ରକଟି ଓଲଟି ପଡିବା ଯୋଗୁଁ ଏହା ଉପରେ ବସିଥିବା ଶ୍ରମିକ ଆମ୍ବ ତଳେ ଚାପି ହୋଇଯାଇଥିଲେ । ଫଳରେ ସେମାନଙ୍କର ଜୀବନ ଚାଲିଯାଇଥିଲା ବୋଲି ପୋଲିସ କହିଛି । ଏହି ଘଟଣାରେ ଟ୍ରକ ଚାଳକଙ୍କ ଜୀବନ ବଞ୍ଚିଯାଇଛି । ଡ୍ରାଇଭରଙ୍କ କହିବା ମୁତାବକ, ସାମ୍ନା ପଟରୁ ଆସୁଥିବା କାରକୁ ଧକ୍କା ଦେବାକୁ ରୋକିବାକୁ ଯାଇ ଆମ୍ବ ବୋଝେଇ ଟ୍ରକ ଓଲଟିପଡିଥିଲା । ଦୁର୍ଘଟଣା ବେଳେ ଆମ୍ବ ଉପରେ ଶ୍ରମିକ ବସିଥିଲେ । ଆଉ ୩୦ରୁ ୪୦ ଟନ ଆମ୍ବ ସେମାନଙ୍କ ଉପରେ ଲଦି ହୋଇପଡିଥିଲା । ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଜେସିବି ସହାୟତାରେ ଉଦ୍ଧାର କାର୍ଯ୍ୟ କରିଥିଲେ । ଘଟଣାରେ ୯ ଜଣ ଶ୍ରମିକଙ୍କ ଜୀବନ ଚାଲିଯାଇଥିଲା ଏବଂ ୧୦ ଜଣ ଶ୍ରମିକ ଆହତ ହୋଇ ହସପିଟାଲରେ ଚିକିତ୍ସିତ ହେଉଛନ୍ତି । ଏହି ଘଟଣାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ୱାଇଏସ ଜଗନ ମୋହନ ରେଡ୍ଡୀ ଶୋକ ବ୍ୟକ୍ତ କରିବା ସହିତ ଆହତଙ୍କୁ ଚିକିତ୍ସା ଏବଂ ମୃତକଙ୍କ ପରିବାରକୁ ସହାୟତା ରାଶି ଦେବାକୁ ଦାବି କରିଛନ୍ତି ।

## ରାଜଧାନୀର ଦୁଇଟି ସ୍କୁଲକୁ ବୋମା ଧମକ

ନୂଆଦିଲ୍ଲୀ : ରାଜଧାନୀର ଦୁଇଟି ପ୍ରମୁଖ ସ୍କୁଲକୁ ବୋମାରେ ଉଡ଼ାଇବାକୁ ଧମକ ମିଳିଛି । ବୋମା ଧମକ ମିଳିବା ପରେ ଛାତ୍ରଛାତ୍ରୀ ଏବଂ ସ୍କୁଲ କର୍ତ୍ତୃପକ୍ଷ ଭୟଭୀତ ହୋଇପଡିଛନ୍ତି । ସୂଚନା ମିଳିବା ପରେ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଖୋଜାଖୋଜି ଆରମ୍ଭ କରିଛି । ଖବର ମୁତାବକ, ଚାଣକ୍ୟପୁରୀ ଏବଂ ଦ୍ୱାରକା ଅଞ୍ଚଳରେ ଥିବା ଦୁଇଟି ସ୍କୁଲକୁ ବୋମାରେ ଉଡ଼ାଇବାକୁ ଧମକ ମିଳିଛି। ଚାଣକ୍ୟପୁରୀ ସ୍ଥିତ ଏକ ନେଭି ସ୍କୁଲ ଏବଂ ଦ୍ୱାରକା ସ୍ଥିତ ଏକ ସିଆରପିଏଫ ସ୍କୁଲକୁ ବୋମାରେ ଉଡ଼ାଇବାକୁ ଧମକ ମିଳିଛି । ଧମକ ସକାଳ ୭.୩୦ ମିନିଟରେ ଆସିଛି । ଦିଲ୍ଲୀ ପୋଲିସ ୮.୩୦ରେ ସୂଚନା ପାଇ ପିସିଆର କଲ୍ ମାଧ୍ୟମରେ ଦେଇଛି । ସ୍କୁଲ ପରିସରରେ ଦିଲ୍ଲୀ ପୋଲିସର ବୋମା ସ୍କ୍ୱାର୍ଡ, ଡଗ୍ ସ୍କ୍ୱାର୍ଡ, ସାଇବର ଏକ୍ସପର୍ଟ ଟିମ୍ ଏବଂ ସ୍ପେଶାଲ ଷ୍ଟାଫ ଟିମ୍ ଉପସ୍ଥିତ ରହିଛି । ତେବେ ସ୍କୁଲରୁ ଏଯାଏଁ କୌଣସି ସନ୍ଦିଗ୍ଧ ଜିନିଷ ମିଳିନାହିଁ । ସୂଚନାଯୋଗ୍ୟ, ଚଳିତବର୍ଷ ଆରମ୍ଭରୁ ଦିଲ୍ଲୀ-ଏନସିଆର ଦୁଇ ସ୍କୁଲକୁ ବୋମା ଧମକ ମିଳିଥିଲା । ଇମେଲ ଜରିଆରେ ବୋମା ଧମକ ମିଳିଥିବା ଜଣାପଡିଛି। ନୋଏଡାର ଶିବ ନାଦର ସ୍କୁଲ ଏବଂ ଦିଲ୍ଲୀର ଏଲକନ୍ ସ୍କୁଲରେ ବୋମା ଧମକ ମିଳିଥିଲା । ଏହାପରେ ପ୍ରଶାସନ ଏବଂ ଛାତ୍ରଙ୍କୁ ଘରକୁ ପଠାଇଦିଆଯାଇଥିଲା ।

# ବଢ଼ିଲା ପାକିସ୍ତାନର ଚିନ୍ତା, ଚୀନ ସହିତ ହାତ ମିଶାଇଲା ଭାରତ

ନୂଆଦିଲ୍ଲୀ : ଚୀନ ଗସ୍ତରେ ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କର ବେଜିଂରେ ଉପରାଷ୍ଟ୍ରପତି ହାନ ଝେଙ୍ଗଙ୍କୁ ଭେଟିଛନ୍ତି । ଏସସିଓ ଅଧ୍ୟକ୍ଷତା କରୁଥିବାରୁ ଚୀନକୁ ସମର୍ଥନ କରିଛନ୍ତି । ଉଭୟ ଦେଶ ଦ୍ୱିପାକ୍ଷିକ ସମ୍ପର୍କରେ ଉନ୍ନତି ପାଇଁ ଲକ୍ଷ୍ୟ ରହିଛି । ଗସ୍ତ ବେଳେ ଉଭୟ ଦେଶ ମଧ୍ୟରେ ଆଲୋଚନା ସକାରାତ୍ମକ ହେବ ବୋଲି ଜୟଶଙ୍କର ଆଶାବ୍ୟକ୍ତ କରିଛନ୍ତି । ପାଞ୍ଚ ବର୍ଷ ପରେ ଚୀନ ଗସ୍ତରେ ଯାଇଛନ୍ତି ଜୟଶଙ୍କର । ତିଆନଜିନ ସହରରେ ସାଂଘାଇ କୋଅପରେସନ ଅର୍ଗାନାଇଜେସନ-ଏସସିଓ ବୈଦେଶିକ ମନ୍ତ୍ରୀଙ୍କ ବୈଠକରେ ଯୋଗ ଦେବେ । ଏହି ଅବସରରେ ସେ ଚୀନର ବୈଦେଶିକ ମନ୍ତ୍ରୀ ୱାଙ୍ଗ ଇଙ୍କ ସହ ଜୟଶଙ୍କର ଦ୍ୱିପାକ୍ଷିକ ଆଲୋଚନା କରିବେ । ଭାରତ-ଚୀନ



ସମ୍ପର୍କକୁ ସୁଧାରିବା ଉପରେ ଆଲୋଚନା ହେବ । ଜୟଶଙ୍କର କହିଛନ୍ତି ଯେ, ଏବେ ଅନ୍ତରାଷ୍ଟ୍ରୀୟ ସ୍ଥିତି ଜଟିଳ ରହିଛି । ପଡୋଶୀ ଦେଶ ଏବଂ ପ୍ରମୁଖ ଅର୍ଥବ୍ୟବସ୍ଥା ହୋଇଥିବା ଯୋଗୁଁ ଭାରତ ଏବଂ ଚୀନ ମଧ୍ୟରେ ପାରସ୍ପରିକ ବିଚାର ଆଦାନ-ପ୍ରଦାନ ଖୁବ୍ ଗୁରୁତ୍ୱପୂର୍ଣ୍ଣ । ସେହିପରି ଭାରତ-ପାକ ଉତ୍ତେଜନା, ତିବ୍ବତୀୟ ଧର୍ମଗୁରୁ ଦଲାଇଲାମା ପ୍ରସଙ୍ଗ ମୁଖ୍ୟ ଫୋକସ ରହିବ । ସେହିପରି ଭାରତ ଓ ଚୀନ ମଧ୍ୟରେ ବାଣିଜ୍ୟ, ସୀମା ପରିଚାଳନା ଓ ସିଧାସଳଖ ବିମାନ ଚଳାଚଳ ପୁନଃ ଆରମ୍ଭ ଭଳି ବିଷୟରେ ଆଲୋଚନାକୁ ଗୁରୁତ୍ୱ ଦେବ । ଚଳିତ ବର୍ଷ ଅଗଷ୍ଟ କିମ୍ବା ସେପ୍ଟେମ୍ବର ମାସରେ ଚୀନରେ ହେବାକୁ ଥିବା ଝଉଙ୍ଗ ଶିଖର ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦଶ ଯୋଗ ଦେବାର ସମ୍ଭାବନା ରହିଛି। ତେଣୁ ଏହାପୂର୍ବରୁ ଦ୍ୱିପାକ୍ଷିକ ସମ୍ପର୍କ ସ୍ୱାଭାବିକ କରିବା ପାଇଁ ପ୍ରସ୍ତୁତ ରୋଡମ୍ୟାପ ଉପରେ ଗୁରୁତ୍ୱ ଦିଆଯାଉଛି । ଏଲଏସିର ଲଦାଖ ସେକ୍ଟରରେ ଦୁଇ ଦେଶର ସେନା ମଧ୍ୟରେ ଉତ୍ତେଜନା ସୃଷ୍ଟି ହୋଇଥିଲା । ଚୁକ୍ତି ପରେ ୨୦୨୪ ଅକ୍ଟୋବରରେ ଡେମଚୋକ ଓ ଦେପସାଙ୍ଗରେ ସୈନ୍ୟ ଅପସାରଣ ହେଉଛି ।

## କାନ୍ଥ ଡେଇଁଲେ ମୁଖ୍ୟମନ୍ତ୍ରୀ

ଶ୍ରୀନଗର : ଶହୀଦ ଦିବସକୁ ନେଇ ଜମ୍ମୁ କଶ୍ମୀରରେ ଆରମ୍ଭ ହୋଇଥିବା ବିବାଦ ଥମିବାର ନାଁ ନେଉନାହିଁ। ପ୍ରଶାସନ ଅନେକ ନେତାଙ୍କୁ ଗୃହବନ୍ଦୀ କରିଥିଲା ଏବଂ ଅନେକଙ୍କୁ ଗିରଫ କରିଥିଲା। ଏହା ସହିତ ଜମ୍ମୁ କଶ୍ମୀର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲାଙ୍କୁ ଫାତିହା ପାଠ କରିବାରୁ ବାରଣ କରାଯାଇଥିବା ଅଭିଯୋଗ ହୋଇଛି। ତାଙ୍କୁ ଅଟକାଇବା ପରେ, ସେ ମଜାର-ଏ-ଶୁହାଦାର ସୀମା କାନ୍ଥ ଡେଇଁ ଫାତିହା ପାଠ କରିବାକୁ ଯାଇଥିଲେ। ଏହି ସମୟରେ ତାଙ୍କ ଏବଂ ପୋଲିସଙ୍କ ମଧ୍ୟରେ ସଂଘର୍ଷ ହୋଇଥିଲା। ମୁଖ୍ୟମନ୍ତ୍ରୀ ଅଭିଯୋଗ କରିଛନ୍ତି, ପୋଲିସ ମୋତେ ଶାରୀରିକ ନିର୍ଯାତନା ଦେଇଛି, କିନ୍ତୁ ମୁଁ ଦୃଢ଼ ଥିଲି। ମୁଁ କୌଣସି ବେଆଇନ କାମ କରୁ ନ ଥିଲି। ଏହି 'ଆଇନର ରକ୍ଷକ' ମାନଙ୍କୁ ସ୍ପଷ୍ଟ କରିବାକୁ ପଡିବ ଯେ, ସେମାନେ କେଉଁ ଆଇନ ଅନୁଯାୟୀ ଆମକୁ ଫାତିହା ପାଠ କରିବାରୁ ବାରଣ କରିବାକୁ ଚେଷ୍ଟା କରିଥିଲେ।

# କେରଳରେ ନିପାହ ଭାଇରସରେ ଆଉ ଜଣଙ୍କ ମୃତ୍ୟୁ ! ହାଇ ଆଲର୍ଟରେ ସରକାର

କେରଳ : କେରଳରେ ନିପାହ ଭାଇରସର ଆଉ ଏକ ସମ୍ଭାବ୍ୟ ମାମଲା ଚିନ୍ତା ବଢ଼ାଇଛି । ପଲକ୍କଡ଼ ଜିଲ୍ଲାର ୫୭ ବର୍ଷୀୟ ଜଣେ ବ୍ୟକ୍ତିଙ୍କର ଜୁଲାଇ ୧୨ ତାରିଖରେ ମୃତ୍ୟୁ ଘଟିଥିଲା । ଆଶଙ୍କା କରାଯାଉଛି କି, ସେ ନିପାହ ଭାଇରସରେ ସଂକ୍ରମିତ ଥିଲେ । ଏହାକୁ ଦୃଷ୍ଟିରେ ରଖି ସରକାର ନିକଟ ସମ୍ପର୍କରେ ଆସିଥିବା ଲୋକଙ୍କୁ ଚିହ୍ନଟ କରିବା ସହିତ ଅଞ୍ଚଳରେ ନିଜର ରଖିବା ଆରମ୍ଭ କରି ଦେଇଛନ୍ତି । ରାଜ୍ୟର ସ୍ୱାସ୍ଥ୍ୟ ମନ୍ତ୍ରୀ ବୀଣା ଜର୍ଜ କହିଛନ୍ତି କି, ମୃତ ବ୍ୟକ୍ତିଙ୍କର ଚିକିତ୍ସା ପଲକ୍କଡ଼ ଜିଲ୍ଲାର ଏକ ଘରୋଇ ହସ୍ପିଟାଲରେ ଚାଲିଥିଲା । ତାଙ୍କ ନମୁନାଗୁଡ଼ିକର ଯାଞ୍ଚ ମଞ୍ଜେରି ମେଡିକାଲ କଲେଜରେ କରାଯାଇଥିଲା, ଯେଉଁଠାରେ ନିପାହ ଭାଇରସ୍ ସଂକ୍ରମଣର ପ୍ରାଥମିକ




ସଙ୍କେତ ମିଳିଛି । ସରକାର ଏବେ ପୁଣେସ୍ଥିତ ରାଷ୍ଟ୍ରୀୟ ବିଷାଣୁ ବିଜ୍ଞାନ ସଂସ୍ଥାନ (ଏନଆଇଭି)ରୁ ନିଶ୍ଚିତ ରିପୋର୍ଟକୁ ଅପେକ୍ଷା କରିଛନ୍ତି । ବର୍ତ୍ତମାନ ସମୟରେ କେରଳରେ ନିପାହ ଭାଇରସରେ ସମ୍ଭାବ୍ୟ ମୃତ୍ୟୁର ଏହା ଦ୍ୱିତୀୟ ଘଟଣା । ଏହା ପୂର୍ବରୁ ମଲପ୍ପୁରମର ଜଣେ ବାସିନ୍ଦାଙ୍କର ନିକଟରେ ସଂକ୍ରମଣରେ ମୃତ୍ୟୁ ଘଟିଥିଲା । ଯେତେବେଳେ କି, ପଲକ୍କଡ଼ ଜିଲ୍ଲାର ଅନ୍ୟ ଜଣେ ରୋଗୀ ଏବେ ବି ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି । ସେପଟେ ନୂଆ ମାମଲାକୁ ଦୃଷ୍ଟିରେ ରଖି ସରକାର ଅଞ୍ଚଳରେ କଡ଼ା ନଜର ରଖିବା ଆରମ୍ଭ କରିଦେଇଛନ୍ତି । ସମ୍ଭାବ୍ୟ ସଂକ୍ରମିତଙ୍କ ସମ୍ପର୍କରେ ଆସିଥିବା ୪୬ ଲୋକଙ୍କର ଏକ ତାଲିକା ପ୍ରସ୍ତୁତ କରାଯାଇଛି । ଏହି ଲୋକମାନଙ୍କୁ ଚିହ୍ନଟ କରିବା ପାଇଁ ସିସିଟିଭି ଫୁଟେଜ୍ ଏବଂ ମୋବାଇଲ୍ ଟାୱାର ଲୋକେସନର ଡାଟା ମଧ୍ୟ ବ୍ୟବହାର କରାଯାଉଛି । ଏହାରି ଭିତରେ ସ୍ୱାସ୍ଥ୍ୟ ମନ୍ତ୍ରୀ ଛଅଟି ଜିଲ୍ଲା- ପଲକ୍କଡ଼, ମଲପ୍ପୁରମ୍, କୋଝିକୋଡ, କନ୍ନୁର, ୱାୟନାଡ଼ ଏବଂ ତ୍ରିଶୁରର ହସ୍ପିଟାଲଗୁଡ଼ିକୁ ନିପାହ ଭାଇରସ୍ ପାଇଁ ଆଲର୍ଟ ଜାରି କରିଛନ୍ତି । ସ୍ୱାସ୍ଥ୍ୟ ଅଧିକାରୀମାନେ ପଲକ୍କଡ଼ ଏବଂ ମଲପ୍ପୁରମ୍ ଜିଲ୍ଲାର ଲୋକଙ୍କୁ ଅନୁରୋଧ କରିଛନ୍ତି ଯେ ଅନାବଶ୍ୟକ ରୂପେ ହସ୍ପିଟାଲ ଯିବାରୁ ଦୂରେଇ ରୁହନ୍ତୁ । ଜ୍ୱର ଏବଂ ନିପାହ ଏନସେଫଲାଇଟିସ୍ ଲକ୍ଷଣ (ପ୍ରବଳ ଜ୍ୱର) ଥିବା କେ?ଣସି ବି ରୋଗୀଙ୍କ ବିଷୟରେ ତୁରନ୍ତ ସୂଚନା ଦେବାକୁ ଏହି ହସ୍ପିଟାଲଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି ।

## ପଶ୍ଚିମ ବଙ୍ଗ : ସମାନ୍ୟ ବଚସା ନେଲା ଦୁଇ ବନ୍ଧୁଙ୍କ ଜୀବନ



ନୂଆଦିଲ୍ଲୀ : ପଶ୍ଚିମ ଦିଲ୍ଲୀର ତିଲକ ନଗର ପୋଲିସ ଷ୍ଟେସନ ଅଞ୍ଚଳରୁ ଏକ ହୃଦୟ ବିଦାରକ ଘଟଣା ସାମ୍ନାକୁ ଆସିଛି । ଏଠାରେ ଦୁଇ ବନ୍ଧୁଙ୍କ ମଧ୍ୟରେ ଏକ ସାମାନ୍ୟ ଝଗଡା ଏତେ ଗମ୍ଭୀର ରୂପ ନେଇଥିଲା ଯେ ଉଭୟ ପରସ୍ପରକୁ ଛୁରୀରେ ଆକ୍ରମଣ କରି ଘଟଣାସ୍ଥଳେ ମୃତ୍ୟୁବରଣ କରିଥିଲେ । ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ପୋଷ୍ଟମର୍ଟମ ପାଇଁ ପଠାଇଛି । ଘଟଣା ସମ୍ପର୍କରେ ସୂଚନା ପାଇବା ମାତ୍ରେ ତିଲକ ନଗର ଏବଂ ଖିଆଲା ପୋଲିସ ଷ୍ଟେସନର ପୋଲିସ ଦଳ ଘଟଣାସ୍ଥଳରେ ପହଞ୍ଚିଥିଲେ । ମୃତକଙ୍କ ନାମ ସନ୍ଦୀପ ଏବଂ ଆରିଫ୍ । ଦୁହେଁ ଖିଆଲାର ବି ବ୍ଲକ ବାସିନ୍ଦା ଥିଲେ ଏବଂ ନିକଟରେ ସେମାନଙ୍କ ପରିବାର ସହିତ ରହୁଥିଲେ । ଦୁହେଁ ବିବାହିତ ଏବଂ ସେମାନଙ୍କର ଛୋଟ ପିଲା ଅଛନ୍ତି । ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ସନ୍ଦୀପ ଏବଂ ଆରିଫ୍ଙ୍କ ବନ୍ଧୁତା ବହୁତ ପୁରୁଣା ଥିଲା । ଦୁହେଁ ଏକାଠି ଉଠି ଦିନର ଅଧିକାଂଶ ସମୟ ପରସ୍ପର ସହିତ ବିତାଉଥିଲେ । ସନ୍ଦୀପ ପୂର୍ବରୁ ଜଣେ ଜିମ୍ ପ୍ରଶିକ୍ଷକ ଥିଲେ ଏବଂ ବର୍ତ୍ତମାନ ସମ୍ପତ୍ତି ବ୍ୟବସାୟରେ ଜଡିତ ଥିଲେ । ଆରିଫ୍ଙ୍କ ବିଷୟରେ ବିସ୍ତୃତ ସୂଚନା ଏପର୍ଯ୍ୟନ୍ତ ଉପଲବ୍ଧ ନାହିଁ । କୁହାଯାଉଛି ଯେ ଉଭୟଙ୍କ ମଧ୍ୟରେ କୌଣସି କଥାକୁ ନେଇ ଯୁକ୍ତିତର୍କ ହୋଇଥିଲା, ଯାହା ଝଗଡ଼ାରେ ପରିଣତ ହୋଇଥିଲା । ମାମଲା ଏତେ ଖରାପ ହୋଇଥିଲା ଯେ ଉଭୟ ପରସ୍ପରକୁ ଛୁରୀରେ ଆକ୍ରମଣ କରିଥିଲେ । ଆକ୍ରମଣ ପରେ ଉଭୟ ରକ୍ତ ଜୁଡୁବୁଡୁ ହୋଇ ଚେତାଶୂନ୍ୟ ହୋଇ ପଡ଼ିଥିଲେ । ଉଭୟଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା । ଏହି ଚାଞ୍ଚଲ୍ୟକର ଘଟଣା ପରେ ସମଗ୍ର ଅଞ୍ଚଳରେ ଆତଙ୍କର ବାତାବରଣ ରହିଛି । ପଡ଼ୋଶୀମାନେ ମଧ୍ୟ ଏହି ଘଟଣା ଦେଖି ଆଶ୍ଚର୍ଯ୍ୟ ହୋଇଛନ୍ତି କାରଣ କେହି ଆଶା କରିନଥିଲେ ଯେ ଉଭୟ ଘନିଷ୍ଠ ବନ୍ଧୁ ଏପରି ଭାବରେ ପରସ୍ପରର ରକ୍ତ ପାଇଁ ପିପାସୁ ହେବେ । ବର୍ତ୍ତମାନ ପୋଲିସ ଉଭୟ ମୃତଦେହକୁ ହେପାଜତକୁ ନେଇ ପୋଷ୍ଟମର୍ଟମ ପାଇଁ ଦୀନ ଦୟାଲ ଉପାଧ୍ୟାୟ ହସ୍ପିଟାଲକୁ ପଠାଇଛି । ସେହିପରି ଘଟଣାର ସମସ୍ତ ଦୃଷ୍ଟିକୋଣରୁ ତଦନ୍ତ କରାଯାଉଛି । ପୋଲିସ ଜାଣିବାକୁ ଚେଷ୍ଟା କରୁଛି ଯେ ଏତେ ଗଭୀର ବନ୍ଧୁତାରେ କ'ଣ ଘଟିଥିଲା ଯାହା ଫଳରେ ଏହା ଏକ ମାରାତ୍ମକ ଝଗଡ଼ାର କାରଣ ପାଲଟିଗଲା । ଅଞ୍ଚଳରେ ଲାଗିଥିବା ସିସିଟିଭି କ୍ୟାମେରାର ଫୁଟେଜ୍ ମଧ୍ୟ ଯାଞ୍ଚ କରାଯାଉଛି, ଯାହା ଦ୍ୱାରା ଘଟଣାର ସଠିକ୍ କାରଣ ଜଣାପଡିବ । ପୋଲିସ କହିଛି ଯେ ସମ୍ପୂର୍ଣ୍ଣ ମାମଲା ଖୁବ୍ ଶୀଘ୍ର ପ୍ରକାଶ ପାଇବ ।

# ଭିସାକୁ ଅତିକ୍ରମ କଲା ୟୁପିଆଇ

ନୂଆଦିଲ୍ଲୀ : ୟୁପିଆଇକୁ ନେଇ ଆସିଲା ବଡ ଖବର , ଏବେ ଭିସାକୁ ଅତିକ୍ରମ କରିଛି ୟୁପିଆଇ । ଯାହା ସମସ୍ତଙ୍କୁ ଚକିତ କରିଛି । ଆଉ ସବୁଠୁ ବଡ କଥା ହେଉଛି ଏହା ଏହା ଦୈନିକ ୬୫ କୋଟିରୁ ଅଧିକ କାରବାର ପ୍ରକ୍ରିୟାକରଣ କରି ଏହି ସଫଳତା ପାଇଛି । ବାସ୍ତବ ସମୟ ପେମେଣ୍ଟ ବ୍ୟବସ୍ଥାରେ ଅନ୍ତର୍ଜାତୀୟ ବ୍ରାଣ୍ଡ୍ ଭିସାକୁ ଅତିକ୍ରମ କରିଛି ସ୍ୱଦେଶୀ ୟୁନିଫାଏଡ୍ ପେମେଣ୍ଟ୍ ଇଣ୍ଟରଫେସ୍ (ୟୁପିଆଇ) । ନିତି ଆୟୋଗର ପୂର୍ବତନ ସିଇଓ ଅମିତାଭ କାନ୍ତ 'ଏକ୍ସ'ରେ ଏହି ସୂଚନା ଦେଇଛନ୍ତି । ମାତ୍ର ୯ ବର୍ଷ ଭିତରେ ଏହି ମାଇଲଖୁଣ୍ଟ ହାସଲ ୟୁପିଆଇର ଦ୍ରୁତ ଗ୍ରହଣୀୟତା ଓ ଅଭିବୃଦ୍ଧିକୁ ଦର୍ଶାଉଛି । ଭାରତରୁ ବିଶ୍ୱ ପର୍ଯ୍ୟନ୍ତ ଡିଜିଟାଲ୍ ପେମେଣ୍ଟର ନେତୃତ୍ୱ ନେଉଛି ୟୁପିଆଇ ବୋଲି ସେ କହିଛନ୍ତି । ଅନ୍ୟ ସମସ୍ତଙ୍କୁ ପଛରେ ପକାଇ ଭାରତ ଏକ ନମ୍ବର ସ୍ଥାନ ହାସଲ କରିଛି। ୨୦୧୬ରେ ଆରମ୍ଭ କରାଯାଇଥିବା ୟୁପିଆଇ ଦ୍ରୁତ ଗତିରେ ଗ୍ରହଣୀୟ ହୋଇଛି। ଏହାର ପ୍ରଭାବରେ ପାରମ୍ପରିକ ଡେବିଟ୍ କାର୍ଡ ଓ କ୍ରେଡିଟ୍? କାର୍ଡ ବ୍ୟବହାର କମ୍ ହୋଇଥିବା ଆଇଏମ୍ଏଫ୍ ଜଣାଇଥିଲା । ୟୁପିଆଇକୁ ଭାରତୀୟ ରିଜର୍ଭ ବ୍ୟାଙ୍କ ଅଧୀନରେ ପରିଚାଳିତ ହେଉଥିବା ସ୍ୱାଧୀନ ସଂସ୍ଥା ନ୍ୟାସନାଲ୍ ହେଇଛନ୍ତି । ମାତ୍ର ୯ ବର୍ଷ ଭିତରେ ଏହି ପରିଚାଳିତ ହେଉଥିବା ସ୍ୱାଧୀନ ସଂସ୍ଥା ନ୍ୟାସନାଲ୍ , ଅନ୍ୟ ଏକ ପୋଷ୍ଟରେ ସେ ଲେଖିଛନ୍ତି ଯେ ଅତ୍ୟନ୍ତ ଚମତ୍କାର । ବୋଧହୁଏ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସରକାରର ଏହା ହେଉଛି ଅନ୍ୟତମ ଉଲ୍ଲେଖନୀୟ ସଫଳତା। ନାଗରିକଙ୍କ ଜୀବନରେ ରୂପାନ୍ତରଣ ଆଣିଛି । ୟୁପିଆଇର ଦୈନିକ କାରବାର ୬୫୦.୨୬ ନିୟୁତ ରହିଥିବା ବେଳେ ଭିସାର ୬୩୯ ନିୟୁତ ରହିଛି । ଭିସା ବିଶ୍ୱର ୨୦୦ରୁ ଅଧିକ ଦେଶରେ ଥିବା ବେଳେ ୟୁପିଆଇ ମାତ୍ର ୭ଟି ଦେଶରେ ରହିଛି। ଏହା ସତ୍ତ୍ୱେ ଭିସାକୁ ୟୁପିଆଇ ଅତି ସହଜରେ ଅତିକ୍ରମ କରିପାରିଛି । ନିକଟରେ ଆଇଏସ୍ଏଫ୍ ଏକ ରିପୋର୍ଟରେ ଜଣାଇଥିଲା । ଯେ ଦ୍ରୁତ ପେମେଣ୍ଟରେ , ୟୁପିଆଇ ଦୈନିକ କାରବାର ୬୫୦ ନିୟୁତରୁ ଅଧିକ କାରବାର ହୋଇଛି , ପେମେଣ୍ଟ୍ କର୍ପୋରେସନ୍ ଅଫ୍ ଇଣ୍ଡିଆ (ଏନ୍?ପିସିଆଇ) ପରିଚାଳନା କରୁଛି । ମୋବାଇଲ୍ ପ୍ଲାଟଫର୍ମ ଲାଗି ଏହି ଆନ୍ତଃ-ବ୍ୟାଙ୍କ ପେମେଣ୍ଟ୍? ବ୍ୟବସ୍ଥା ବିକାଶ କରାଯାଇଛି । ପ୍ରତି ମାସରେ ଏହା ୧୮୦୦ କୋଟିରୁ ଅଧିକ କାରବାରର ପ୍ରକ୍ରିୟା କରଣ କରୁଥିବା ବେଳେ ଭାରତର ସବୁଠୁ ପ୍ରଭାବଶାଳୀ ଇଲେକ୍ଟ୍ରୋନିକ୍ସ ରିଟେଲ୍ ପେମେଣ୍ଟ୍ ବ୍ୟବସ୍ଥାରେ ପରିଣତ ହୋଇଛି ।

# ହରିୟାଣା ନୂହରେ ୨୪ ଘଣ୍ଟା ପାଇଁ ଇଣ୍ଟରନେଟ୍ ସେବା ବନ୍ଦ

ହରିୟାଣା : ବ୍ରଜ ମଣ୍ଡଳ ଜଳାଭିଷେକ ଯାତ୍ରା ପୂର୍ବରୁ, ହରିୟାଣା ସରକାର ସମଗ୍ର ନୁହ ଜିଲ୍ଲାରେ ସୁରକ୍ଷା ବ୍ୟବସ୍ଥା ବୃଦ୍ଧି କରିଛନ୍ତି । ଆଇନ ଶୃଙ୍ଖଳାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ସହରରେ ଆଗାମୀ ୨୪ ଘଣ୍ଟା ପାଇଁ ଇଣ୍ଟରନେଟ୍ ଏବଂ ଏସଏମଏସ ସେବାକୁ ସ୍ଥଗିତ ରଖିଛନ୍ତି । ଏହା ବ୍ୟତୀତ, ଯାତ୍ରାକୁ ଦୃଷ୍ଟିରେ ରଖି ଜିଲ୍ଲାର ସ୍କୁଲଗୁଡ଼ିକୁ ଜୁଲାଇ ୧୪ (ସୋମବାର) ପର୍ଯ୍ୟନ୍ତ ବନ୍ଦ ରଖିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି । ହରିୟାଣାର ନୁହରେ ପ୍ରତ୍ୟେକ ବର୍ଷ ଭଳି ଏହି ବର୍ଷ ମଧ୍ୟ ଶ୍ରାବଣ ମାସର ପ୍ରଥମ ସୋମବାର ପାଇଁ ବ୍ରଜମଣ୍ଡଳ ଯାତ୍ରା ଆୟୋଜନ କରାଯାଉଛି । ଏହି ଆୟୋଜିତ ଯାତ୍ରା ନୁହର ନହ୍ଲେଶ୍ୱର ମହାଦେବ ମନ୍ଦିରଠାରୁ ଆରମ୍ଭ କରି ପୁହ୍ନାନାର ଶୃଗେଶ୍ୱର ମନ୍ଦିର ପର୍ଯ୍ୟନ୍ତ କରାଯିବ । ଏହି ଯାତ୍ରାକୁ ଦୃଷ୍ଟିରେ ରଖି ଏଥି ପାଇଁ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଛି । ନୁହ ଜିଲ୍ଲାରେ ଇଣ୍ଟରନେଟ୍ ସେବା ଏବଂ ବଲ୍କ ଏସେମେସ ସେବାକୁ ବନ୍ଦ କରିଦିଆଯାଇଛି । କାରଣ ୨ ବର୍ଷ ପୂର୍ବରୁ ଜଳାଭିଷେକ ସମୟରେ ଆକ୍ରମଣ ହୋଇଥିଲା । ଫଳରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିଲା । ସୂଚନାନୁଯାୟୀ, ଏହି ବର୍ଷ



ଅପ୍ରୀତିକରଣ ଘଟଣାଠାରୁ ବଞ୍ଚିବା ପାଇଁ ପ୍ରଶାସନ କଡ଼ା ସୁରକ୍ଷା ବ୍ୟବସ୍ଥା କରିଛି । ଏହି ବ୍ରଜମଣ୍ଡଳ ଜଳାଭିଷେକ ଶୋଭା ଯାତ୍ରା ସମୟରେ ଭୂମିରୁ ଆକାଶ ପର୍ଯ୍ୟନ୍ତ ନୁହ ପୋଲିସ କଡ଼ା ନଜର ରଖିଛନ୍ତି । ୨୪ ଘଣ୍ଟା ପାଇଁ ଇଣ୍ଟରନେଟ୍ ସେବା ଏବଂ ବଲ୍କ ଏସେମେସ ସେବାକୁ ବନ୍ଦ କରିବା ସହିତ ୨୪ ଘଣ୍ଟା ପାଇଁ ମାଜିଷ୍ଟ୍ରେଟଙ୍କୁ ମଧ୍ୟ ନିଯୁକ୍ତ କରାଯାଇଛି । ଡିଜେ ବଜାଇବାକୁ ମଧ୍ୟ ସମ୍ପୂର୍ଣ୍ଣ ରୂପେ ନିଷେଧ କରାଯାଇଛି । ଏହା ବ୍ୟତୀତ ଡେପୁଟି କମିଶନର ବିଶ୍ରାମ କୁମାର ମୀଣା କହିଛନ୍ତି ଯେ, ଶୋଭାଯାତ୍ରାର ସଫଳ ଆୟୋଜନ ପାଇଁ ଭିନ୍ନ ଭିନ୍ନ ସ୍ଥାନ ପାଇଁ ୨୪ ଜଣ ଡ୍ୟୁଟି ମାଜିଷ୍ଟ୍ରେଟଙ୍କୁ ନିଯୁକ୍ତ କରାଯାଇଛି । ଯେଉଁଥିରେ ପୋଲିସ, ମିଲଟାରୀ ଫୋର୍ସର ୨୨ ଜଣଙ୍କ ସମେତ କୁକୁର ଏବଂ ବମ୍ ସ୍କ୍ୱାର୍ଡ ସାମିଲ ରହିଛନ୍ତି । ରାତିରେ ନାଇଟ୍ ଭିଜନ୍ ପାଇଁ ଡ୍ରୋନ୍ ଦ୍ୱାରା ନଜର ରଖାଯିବ । ନୁହ ଜିଲ୍ଲାକୁ ଆସୁଥିବା ଭାରି ଗାଡିମଟର ଚଳାଚଳ ପାଇଁ ଅଲଗା ରାସ୍ତାର ବ୍ୟବସ୍ଥା ରଖାଯାଇଛି । ୧୩ ଜୁଲାଇ ରାତି ୯ଟାରୁ ୧୪ ଜୁଲାଇ ରାତି ୯ଟା ପର୍ଯ୍ୟନ୍ତ ଇଣ୍ଟରନେଟ୍ ସେବା ବନ୍ଦ କରିଦିଆଯାଇଛି । ଏହି ୨୪ ଘଣ୍ଟା ପରେ ପୁଣି ସମସ୍ତ ବ୍ୟବସ୍ଥା ଚାଲୁ ରହିବ । ସୁଗମ ପରିଚାଳନା ପାଇଁ ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଏହି ନିର୍ଦ୍ଦେଶ ଜାରି କରିଛନ୍ତି । ଜିଲ୍ଲା ପ୍ରଶାସନ ବ୍ରଜ ମଣ୍ଡଳ ଜଳାଭିଷେକ ଯାତ୍ରାର ୩ଟି ମନ୍ଦିର ଯାଞ୍ଚ କରିଛି । ଜିଲ୍ଲାର ସମସ୍ତ ସୀମାକୁ ସିଲ୍ କରାଯାଇଛି । ଏଥି ସହିତ ଡିସି ବିଶ୍ରାମ କୁମାର ମୀନା କହିଛନ୍ତି ଯେ ଯାତ୍ରା ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି । ଏଥର ଯାତ୍ରା ବହୁତ ଭଲ ଭାବରେ ଚାଲିବ। ଅନ୍ୟପଟେ ଏହି ଜଳାଭିଷେକ ଯାତ୍ରା ନାଲହାର ମହାଦେବ ମନ୍ଦିରଠାରୁ ଆରମ୍ଭ କରି ଫିରୋଜପୁର ଝିରକାର ଝିର ମନ୍ଦିର ଦେଇ ପୁନ୍ହାନାର ଶ୍ରୀଙ୍ଗେଶ୍ୱର ମନ୍ଦିରକୁ ଯିବ । ଏହି ୮୦କିଲୋମିଟର ଲମ୍ବା ଯାତ୍ରାରେ ହଜାର ହଜାର ଶିବ ଭକ୍ତ ଅଂଶଗ୍ରହଣ କରିବେ । ଦୁଇ ବର୍ଷ ପୂର୍ବର ଆକ୍ରମର ପାଇଁ ପ୍ରଶାସନ ଏହି ଯାତ୍ରା ପାଇଁ ସଜାଗ ରହିଛି । ତେଣୁ ଇଣ୍ଟରନେଟ୍ ସେବା ଏବଂ ବଲ୍କ ଏସଏମଏସ ସେବା ବନ୍ଦ ହେବାର ନିଷ୍ପତ୍ତି ନେଇଛନ୍ତି । ଭୂମିରୁ ଆକାଶ ପର୍ଯ୍ୟନ୍ତ ସମସ୍ତ ବ୍ୟବସ୍ଥା ଉପରେ ନଜର ରଖାଯାଇଛି । ଏଥି ସମେତ ସହରର ସମସ୍ତ ପ୍ରବେଶ ସ୍ଥାନକୁ ସିଲ୍ କରାଯାଇଥିବାବେଳେ ଏହି ଯାତ୍ରାରେ ସାମିଲ ହେବାକୁ ନୁହକୁ ଆସୁଥିବା ଯାନଗୁଡ଼ିକୁ ସମ୍ପୂର୍ଣ୍ଣ ଯାଞ୍ଚ ପରେ ପ୍ରବେଶ ପାଇଁ ଅନୁମତି ଦିଆଯାଉଛି ।

# ମହାକାଶରୁ ଆଜି ଫେରିବେ ଶୁଭାଂଶୁ ଶୁକ୍ଲା




ନୂଆଦିଲ୍ଲୀ : ଭାରତୀୟ ବାୟୁସେନାର ଗ୍ରୁପ୍ କ୍ୟାପଟେନ୍ ଏବଂ ମହାକାଶଚାରୀ ଶୁଭାଂଶୁ ଶୁକ୍ଲା ଆଜି ଫେରିବେ । ଅପରାହ୍ଣ ସାଢ଼େ ୪ଟାରେ ଓଝଝ ଛାଡ଼ିବେ ମହାକାଶଚାରୀ । ଶୁଭାଂଶୁଙ୍କ ସମେତ ସହଯାତ୍ରୀ ପୃଥିବୀ ଫେରିବେ। ଅପରାହ୍ଣ ୪ଟା ୩୪ରେ ଡ୍ରାଗନ୍ ସ୍ପେଶ୍ କ୍ୟାପସୁଲ ଅନଡକିଂ ହେବ । ପ୍ରାୟ ୨୨ ଘଣ୍ଟା ଯାତ୍ରା କରିବା ପରେ ପୃଥିବୀରେ ପହଞ୍ଚିବେ। ଇଣ୍ଟରନ୍ୟାସନାଲ ସ୍ପେସ ଷ୍ଟେସନରେ ୧୮ ଦିନ ରହିଥିଲେ ଶୁଭାଂଶୁ । ତେବେ ଓଝଝ ଛାଡ଼ିବା ପୂର୍ବରୁ ଦେଶବାସୀଙ୍କ ଉଦ୍ଦେଶ୍ୟରେ ବାର୍ତ୍ତା ଦେଇଛନ୍ତି ଶୁଭାଂଶୁ ଶୁକ୍ଲା । ସେ କହିଛନ୍ତି "ସାରେ ଜହାଁ ସେ ଅଚ୍ଛା, ହିନ୍ଦୁସ୍ତାନ ହମାରା । ଆକ୍ସିଅମ୍-୪ ମିଶନ ଜରିଆରେ ମହାକାଶକୁ ଯାଇଥିଲେ। ଶୁଭାଂଶୁ ଫେରିବା ବେଳକୁ ସାଥିରେ ଅନେକ ସାମଗ୍ରୀ ଧରି ଫେରିବେ । ପୃଥିବୀରେ ପହଞ୍ଚିବା ପରେ ପ୍ରଥମେ ତାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ । ୭ଦିନ ରିହାବିଲିଟେସନ୍ ପିରିୟଡରେ ରଖାଯିବ । ତେବେ ଶୁଭାଂଶୁ ଶୁକ୍ଲାଙ୍କ ବାପା ମା' କହିଛନ୍ତି, ଏହା ଆମ ପାଇଁ ଗର୍ବର ବିଷୟ । ନିଜର ମିଶନ ପୁରା କରିବା ପରେ ଫେରିବେ ଶୁଭାଂଶୁ । ଶୁଭାଂଶୁଙ୍କୁ ବ୍ୟାଣ୍ଡବାଜା ସହିତ ସ୍ୱାଗତ କରାଯିବ । ସୂଚନାଯୋଗ୍ୟ, ଜୁନ୍ ୨୫ରେ ନିର୍ଦ୍ଧାରିତ ସମୟ ୧୨.୧ରେ ଲଞ୍ଚ ହୋଇଥିଲା ଆକ୍ସିଅମ୍ -୪ । ଆମେରିକାର ଫ୍ଲୋରିଡ଼ାସ୍ଥିତ ନାସାର କେନେଡି ସ୍ପେଶ୍ ସେଣ୍ଟରରୁ ଡ୍ରାଗନ ମହାକାଶ ଯାନରେ ଲଞ୍ଚ ହୋଇଥିଲା ବହୁ ପ୍ରତୀକ୍ଷିତ ଆକ୍ସିଅମ୍-୪ ମିଶନ । ସ୍ପେସ ଏକ୍ସ ଫାଲକନ ୯ ରକେଟର ଉତକ୍ଷେପଣ କରାଯାଇଥିଲା । ଏହି ମିଶନରେ ଶୁଭାଂଶୁଙ୍କ ସହ ଆମେରିକୀୟ ମହାକାଶଚାରୀ ପେଗୀ ହ୍ୱିଟସନ୍, ପୋଲାଣ୍ଡର ସ୍ଲାଓଜ୍ ଉଜନାଲସ୍କୀ ଏବଂ ହଙ୍ଗେରୀର ମେକାନିକାଲ ଇଞ୍ଜିନିୟର ଟିବୋର କାପୁ କ୍ରିଉ ସଦସ୍ୟ ଭାବେ ରହିଛନ୍ତି ।

# ଲର୍ଡ୍ସ ଲଢେଇରେ ହାରିଲା ଭାରତ

## ଜାଜେଜାଙ୍କ ସାହସିକ ଇନିଂସ ବୃଥା, ୨୨ ରନ୍‌ରେ ଜିତିଲା ଇଂଲଣ୍ଡ

ଲର୍ଡ୍ସ,୧୪।୭: ବହୁ ରୋମାଞ୍ଚକର ଓ ନାଟକୀୟ ମୋଡ଼ ପରେ ଶେଷରେ ଲର୍ଡ୍ସ ଟେଷ୍ଟରେ ବାଜି ମାରି ନେଇଛି। ଇଂଲଣ୍ଡ ଭାରତକୁ ଘରୋଇ ଦଳ ୨୨ ରନରେ ହରାଇଛି ।ରବୀନ୍ଦ୍ର ଜାଡ଼େଜାଙ୍କ ୬୧ ରନର ସଂଘର୍ଷପୂର୍ଣ୍ଣ ଇନିଂସ ବୃଥା ହୋଇଛି। ବିଜୟ ସହ ଇଂଲଣ୍ଡ ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ଶୃଙ୍ଖଳାରେ ୨-୧ରେ ଅଗ୍ରଣୀ ହାସଲ କରିଛି । ଇଂଲଣ୍ଡ ଦ୍ୱାରା ଧାର୍ଯ୍ୟ ୧୯୩ ରନର ବିଜୟ ଲକ୍ଷ୍ୟକୁ ପିଛା କରି ଭାରତ ୧୭୦ ରନରେ ଅଲଆଉଟ୍ ହୋଇଛି ଜାଡ଼େଜା ଓ କେଏଲ ରାହୁଲଙ୍କ ବ୍ୟତୀତ ଅନ୍ୟ ବ୍ୟାଟରଙ୍କ ନିରାଶଜନକ ପ୍ରଦର୍ଶନ କାରଣରୁ ଭାରତ ଛୋଟ ବିଜୟ ଲକ୍ଷ୍ୟକୁ ବି ପିଛା କରି ପାରିନି ପ୍ରଥମ ଇନିଂସରେ ଇଂଲଣ୍ଡ ଓ ଭାରତ ସମାନ ୩୮୭ ରନ କରିଥିଲେ। ଦ୍ୱିତୀୟ ଇନିଂସରେ ଇଂଲଣ୍ଡ ୧୯୨ ରନରେ ଅଲଆଉଟ୍ ହୋଇଥିଲା ।ଚତୁର୍ଥ ଦିନର ଅସମାପ୍ତ ଖେଳ ୫୮/୪ରୁ ଭାରତ ବ୍ୟାଟିଂ ଆରମ୍ଭ କରିଥିଲା ଶେଷ ଦିନରେ ଭାରତକୁ ଜିତିବା ପାଇଁ ଦରକାର ଥିଲା ୧୩୫ ରନ ଏବଂ ଇଂଲଣ୍ଡକୁ ଦରକାର ଥିଲା ୬ ୱିକେଟ୍ କେଏଲ ରାହୁଲ ଓ ଋଷଭ ପନ୍ତଙ୍କଠୁ ଦଳ ବହୁତ ଆଶା ରଖିଥିଲା। ହେଲେ ଆରମ୍ଭରୁ ଦଳ ବ୍ୟାଟିଂ ବିପର୍ଯ୍ୟୟ ଭୋଗିଥିଲା। ପନ୍ତ ୯ ରନ କରି ଆଉଟ୍ ହୋଇଥିବା ବେଳେ ନିଭରଯୋଗ୍ୟ ବ୍ୟାଟର କେଏଲ ରାହୁଲ ଆଉଟ୍ ହେବା ଭାରତକୁ ବହୁତ ବଡ଼ ଝଟକା ଲାଗିଥିଲା କେଏଲ ୩୯ ରନ କରି ପାଭିଲିୟନ ଫେରିଥିଲେ। ୱାଶିଂଟନ ସୁନ୍ଦର ଖାତା ଖୋଲି ପାରି ନ ଥିଲେ ୮୨ ରନରେ ୭ ୱିକେଟ୍ ହରାଇବା ପରେ ଭାରତର ପରାଜୟ ନିଶ୍ଚିତ ଲାଗୁଥିଲା।

ତେବେ ରବୀନ୍ଦ୍ର ଜାଡ଼େଜା ଗୋଟିଏ ପଟେ ବ୍ୟାଟିଂ ମୋର୍ଚ୍ଚା ସମ୍ଭାଳି ଭାରତର ଆଶା ଉଜ୍ଜିବୀତ ରଖିଥିଲେ। ଜାଡେଜା ଓ ନୀରଶ କୁମାର ରେଡ୍ଡୀ ୩୦ ରନ ଯୋଡ଼ି ଦଳର ସ୍କୋରକୁ ୧୧୨ ରନରେ ପହଞ୍ଚାଇଥିଲେ। ଏହା ପରେ ଜାଡେଜା ଓ ବୁମରା ଧୈର୍ଯ୍ୟର ସହ ବ୍ୟାଟିଂ କରି ଲଢେଇ ଜାରି ରଖିଥିଲେ ଉଭୟ ନବମ ୱିକେଟ୍ ପାଇଁ ୩୫ ରନ ଯୋଡ଼ିଥିଲେ ବୁମରା ବଡ ସଟ୍ ଖେଳିବା ପ୍ରୟାସରେ ନିଜର ୱିକେଟ୍ ଫିଙ୍ଗିଥିଲେ। ଜାଡଜୋ ଅର୍ଦ୍ଧଶତକ ହାସଲ କରିବା ସହ ମହମ୍ମଦ ସିରାଜଙ୍କ ସହ ମିଶି ଦଳ ପାଇଁ ଲଢେଇ ଜାରି ରଖିଥିଲେ ତେବେ ମହମ୍ମଦ ସିରାଜ(୪)ଙ୍କ ଆଉଟ୍ ହେବା ସହ ଭାରତର ଦ୍ୱିତୀୟ ଇନିଂସ ସ୍କୋର ୧୭୦ ରନରେ ଅଟକିଥିଲା ଘରୋଇ ଇଂଲଣ୍ଡ ମ୍ୟାଚ୍‌କୁ ୨୨ ରନରେ ଜିତି ନେଇଛି ବୋଲିଂରେ ଇଂଲଣ୍ଡ ପକ୍ଷରୁ ବେନ ଷ୍ଟୋକ୍ସ ଓ ଜୋଫ୍ରା ଆର୍ଚର ପ୍ରତ୍ୟେକ ୩ଟି ଲେଖାଏଁ ୱିକେ୍ ନେଇଥିବା ବେଳେ ବ୍ରାଇଡନ କାର୍ସ ୨ ୱିକେଟ୍ ନେଇଛନ୍ତି ସିରିଜ୍‌ର ଚତୁର୍ଥ ଟେଷ୍ଟ ଜୁଲାଇ ୨୪ରେ ଓଲ୍ଡ ଟ୍ରାଫର୍ଡରେ ଖେଳାଯିବ ।



## ଦ୍ରାବିଡଙ୍କ ରେକର୍ଡ ଭାଙ୍ଗିଲେ ଗିଲ୍

ନୂଆଦିଲ୍ଲୀ,୧୪।୭(ଏଜେନ୍ସି): ଲର୍ଡସ କ୍ରିକେଟ ଗ୍ରାଉଣ୍ଡରେ ଇଂଲଣ୍ଡ ବିପକ୍ଷରେ ଖେଳାଯାଉଥିବା ତୃତୀୟ ଟେଷ୍ଟର ଦ୍ୱିତୀୟ ଇନିଂସରେ ଶୁଭମନ ଗିଲ୍ କେବଳ ୬ ରନ କରିଥିଲେ, ଯାହା ଟିମ ଇଣ୍ଡିଆ ଉପରେ ଚାପ ବୃଦ୍ଧି କରିଥିଲା। ତଥାପି, ଏହି ଛୋଟ ଇନିଂସରେ ଅଧିନାୟକ ରାହୁଲ ଦ୍ରାବିଡଙ୍କ ୨୩ ବର୍ଷର ପୁରୁଣା ରେକର୍ଡ ଭାଙ୍ଗି ଦେଇଛନ୍ତି। ଏବେ ଶୁଭମନ ଗିଲ ଇଂଲଣ୍ଡରେ ଏକ ଟେଷ୍ଟ ସିରିଜରେ ସର୍ବାଧିକ ରନ କରିଥିବା ଭାରତୀୟ ଖେଳାଳି ହୋଇଛନ୍ତି ।ପୂର୍ବରୁ ଏହି ରେକର୍ଡରେ ଦ୍ରାବିଡଙ୍କ ନାଁ ଥିଲା।



ଶୁଭମନ ଗିଲ ବ୍ରାଇଡନ କାର୍ସେଙ୍କ ବଲରେ ଏଲବିଡବ୍ଲ୍ୟୁ ଆଉଟ ହୋଇଥିଲେ, ସେ ୬ ରନ କରିଥିଲେ। ଏହା ସହିତ, ଏହି ଟେଷ୍ଟ ସିରିଜରେ ତାଙ୍କର ମୋଟ ରନ ୬୦୭ ହୋଇଯାଇଛି। ଗିଲ୍ ଇଂଲଣ୍ଡରେ ଏକ ଟେଷ୍ଟ ସିରିଜରେ ସର୍ବାଧିକ ରନ କରିଥିବା ଭାରତୀୟ ବ୍ୟାଟସମ୍ୟାନ ହୋଇଛନ୍ତି। ପୂର୍ବରୁ ଏହି ରେକର୍ଡ ରାହୁଲ ଦ୍ରାବିଡଙ୍କ ନାମରେ ଥିଲା, ଯିଏ ୨୦୦୨ ରେ ଇଂଲଣ୍ଡରେ ୪ ମ୍ୟାଚର ୬ ଇନିଂସରେ ମୋଟ ୬୦୨ ରନ କରିଥିଲେ।

ଏବେ ଶୁଭମନ ଗିଲ୍‌ଙ୍କ ନଜର ଭାରତ ବନାମ ଇଂଲଣ୍ଡ ଟେଷ୍ଟ ସିରିଜରେ ସର୍ବାଧିକ ରନ କରିବାର ରେକର୍ଡ ଉପରେ ଅଛି, ଯାହା ସେ ଆଗାମୀ ଟେଷ୍ଟରେ କରିପାରିବେ। ଆପଣଙ୍କୁ ଜଣାଇ ଦେଉଛୁ ଯେ ଏହି ରେକର୍ଡ ଗ୍ରାହାମ ଆଲାନ ଗୁଚଙ୍କ ନାମରେ ଅଛି, ଯିଏ ୧୯୯୦ ରେ ୭୫୨ ରନ କରିଥିଲେ। ଗିଲ୍‌ଙ୍କୁ ତାଙ୍କ ରେକର୍ଡ ଭାଙ୍ଗିବା ପାଇଁ ପରବର୍ତ୍ତୀ ୪ ଇନିଂସରେ ୧୪୬ ରନ କରିବାକୁ ପଡିବ।

### ରାଜ୍ୟସ୍ତରୀୟ ୱାକୋ କିକ ବକ୍ସିଂ

## ଜଗତସିଂହପୁର ଜିଲ୍ଲାକୁ ୨୦ ସ୍ୱର୍ଣ୍ଣ ସହ ୫୦ ପଦକ



ପାରାଦୀପ,୧୪।୭: ଓଡିଶା ସରକାର ଙ୍କ କ୍ରୀଡା ଯୁବ ସେବା ବିଭାଗ ଏବଂ ୱାକୋ ଓଡିଶା ତରଫ ରୁ ଆୟୋଜିତ ରାଜ୍ୟ ସ୍ତରୀୟ କିକ ବକ୍ସିଙ୍ଗ ପ୍ରତିଯୋଗିତା ରେ ଜଗତସିଂହପୁର ଜିଲ୍ଲା ସଭାପତି ଅମର ଜ୍ୟୋତି ରାଉତ ଙ୍କ ନେତୃତ୍ୱ ରେ ୩୭ ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରି ବିଭିନ୍ନ ବିଭାଗରୁ ୫କ୍ଟ ପଦକ ଅର୍ଜନ କରିଛନ୍ତି । ସେଥିରୁ ୨କ୍ଟ ଟି ସ୍ୱର୍ଣ ପଦକ ଏବଂ ୧୬ ଟି ରୌପ୍ୟ ପଦକ ରହିଛି ।ପ୍ରତିଯୋଗୀ ମାନଙ୍କ ସଫଳତା ପାଇଁ ଶିଳ୍ପ ମନ୍ତ୍ରୀ ସମ୍ପଦ ଚ଼ନ୍ଦ୍ର ସ୍ୱାଇଁ, ନୂଆଗଡ଼ ସରପଞ୍ଚ ଦେବେନ୍ଦ୍ର ରାଉତ, ଆଇନଜୀବୀ ସଞ୍ଜୟ ବେହେରା ପ୍ରମୁଖ ଶୁଭେଚ଼୍ଛା ଜଣେଇଛନ୍ତି କ୍ଷ ସୂଚ଼ନା ଥାଉକି ଜିଲ୍ଲାର ଏହି ଟିମ ରେଫେରୀ କାହ୍ନୁ ମଲିକ ଏବଂ ମ୍ୟାନେଜେର ମୋନାଲିସା ସ୍ୱାଇଁ ଙ୍କ ନେତୃତ୍ୱରେ ଏହି କ୍ରୀଡ଼ାବିତ ମାନେ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ।

ଏହି ପ୍ରତିଯୋଗିତାରେବର୍ଷା। ପ୍ରିୟଦର୍ଶିନୀ ରାଉତ ୨ ଟି ସ୍ୱର୍ଣ୍ଣ, ଲବିତ୍ରା ଦାସ ୨ ସ୍ୱର୍ଣ୍ଣ, ଆୟୁଷ ସାହୁ ୨ ସ୍ୱର୍ଣ୍ଣ , ମାନସ ଦୋରା ୧ ସ୍ୱର୍ଣ୍ଣ, ଶୁଭଶ୍ରୀ ପ୍ରଧାନ ୧ ସ୍ୱର୍ଣ୍ଣ, ଅର୍ଚ୍ଛିତା ସେଠି ୧ ସ୍ୱର୍ଣ୍ଣ,୧ ରୌପ୍ୟ , ଇଶନ ମହାନ୍ତି ୧ ସ୍ୱର୍ଣ୍ଣ, ୧ ରୌପ୍ୟ, ସୌମ୍ୟା ରାଉତ ୧ ସ୍ୱର୍ଣ୍ଣ, ଆକାଂକ୍ଷା ସାହୁ ୧ ସ୍ୱର୍ଣ୍ଣ, ହାର୍ଦ୍ଦିକ ମହାନ୍ତି ୧ ସ୍ୱର୍ଣ୍ଣ, ଅମିତ ୧ ସ୍ୱର୍ଣ୍ଣ, ସୁମେଶ ଦୋରା ୧ ସ୍ୱର୍ଣ୍ଣ, ଶୁଭଙ୍କର ୧ ସ୍ୱର୍ଣ୍ଣ,ଅରିଆ ଅମୃତା ୨ ରୌପ୍ୟ, ସୋମାଳିନ ୨ ରୌପ୍ୟ,ସୋନାକ୍ଷୀ ୧ ରୌପ୍ୟ, ପ୍ରଭାତ ୧ ରୌପ୍ୟ, ବ୍ରୋଞ୍ଜ, ଶୁଭମ ୧ ରୌପ୍ୟ, ସାଇ ସ୍ୱରୂପ ୧ ରୌପ୍ୟ, ବ୍ରୋଞ୍ଜ, ସୋହନଦୀପ ୧ ରୌପ୍ୟ, କହ୍ନେଇ ବେହେରା ୧ ରୌପ୍ୟ, ସୁବାଶିଷ ୧ ରୌପ୍ୟ, ମନସ୍ୱିନି ରାଉତ ୧ ରୌପ୍ୟ, ଜଗଦୀଶ ୧ ରୌପ୍ୟ, ସିଦ୍ଧାର୍ଥ ୨ ବ୍ରୋଞ୍ଜ, ତାରିଣୀ ୨ ବ୍ରୋଞ୍ଜ, ଅସୀମି ଆଦ୍ୟାଶା, ବିସ୍ମୟ ପରିଡା, ଅର୍ପିତରାଜ, ପ୍ରିୟାଂଶୁ, ସୌମ୍ୟ ରଞ୍ଜନ, ସୋହାଗ, ପ୍ରଜ୍ଞା ମଲିକ, ସନ୍ତୋଷ ପଟନାୟକ, ଶଶିକାନ୍ତ ସୁତାର ଗୋଟିଏ ଲେଖାଏଁବ୍ରୋଞ୍ଜ ପଦକ ପାଇ ଜଗତସିଂହପୁର ଜିଲ୍ଲା ପାଇଁ ଗୌରବ ଆଣିଦେଇଛନ୍ତି ।

## ଷ୍ଟାର କ୍ରୀଡ଼ା ଦମ୍ପତ୍ତିଙ୍କ ବିବାହ ବିଚ୍ଛେଦ

### ଅଲଗା ହେଲେ ସାଇନା ନେହୱାଲ୍-ପି.କଶ୍ୟପ

ନୂଆଦିଲ୍ଲୀ,୧୪।୭: ଭାରତୀୟ ବ୍ୟାଡମିଣ୍ଟନ ଷ୍ଟାର ସାଇନା ନେହାଲ ଓ ପାରୁପଲ୍ଲୀ କଶ୍ୟପ ସାତ ବର୍ଷର ବୈବାହିକ ଜୀବନ ପରେ ବିବାହ ବିଚ୍ଛେଦର ନିଷ୍ପତ୍ତି ନେଇଛନ୍ତି। ସାଇନା ସୋସିଆଲ ମିଡିଆ। ପୋଷ୍ଟ ଜରିଆରେ ଏହି ଖବର ପ୍ରଶଂସକମାନଙ୍କୁ ଜଣାଇଛନ୍ତି, ଯାହା ପରେ ସେ ଚର୍ଚ୍ଚାରେ ରହିଛନ୍ତି। ପ୍ରଶଂସକମାନେ ଏହି ଷ୍ଟାର ଖେଳାଳିଙ୍କ ଜୀବନର ପ୍ରତ୍ୟେକ ଦିଗ ବିଷୟରେ ଜାଣିବାକୁ ଆଗ୍ରହୀ ସାଇନାଙ୍କ ନେଟ୍ ୱର୍ଥ ମଧ୍ୟ ଏବେ ଚର୍ଚ୍ଚାର ବିଷୟ ହୋଇଛି।ଏହି ଷ୍ଟାର ଖେଳାଳିଙ୍କ ପାଖରେ ଆଲିଶାନ ଘର ସହିତ ମହଙ୍ଗା ଗାଡ଼ି ପ୍ରତି ମଧ୍ୟ ବେଶ୍ ଆଗ୍ରହ ରହିଛି।

ଅଲିମ୍ପିକ୍ସ ବ୍ରୋଞ୍ଜ ମେଡାଲିଷ୍ଟ ସାଇନା ସ୍ୱାମୀ ପାରୁପଲ୍ଲି କଶ୍ୟପଙ୍କ ଠାରୁ ଅଲଗା ହୋଇଯାଇଥିବା ସମଗ୍ର ବିଶ୍ୱକୁ ସୂଚ଼ନା ଦେଇଛନ୍ତି। ୨୦୧୨ ଲଣ୍ଡନ ଅଲିମ୍ପିକ୍ସରେ ଐତିହାସିକ ବ୍ରୋଞ୍ଜ ପଦକ ଜିତିଥିବା ସାଇନା ରବିବାର ବିଳମ୍ବିତ ରାତିରେ ସୋଶାଲ ମିଡିଆରେ ନିଜର ବିଚ୍ଛେଦ ସମ୍ପର୍କରେ ଅବଗତ କରାଇଛନ୍ତି।

ସେ କହିଛନ୍ତି, "ବେଳେବେଳେ ଜୀବନ ଆମକୁ ଭିନ୍ନ ଏକ ଦିଗରେ ନେଇଯାଏ। ଅନେକ ବିଚ଼ାର ବିମର୍ଶ ପରେ କଶ୍ୟପ ପାରୁପଲ୍ଲି ଓ ମୁଁ ଅଲଗା ହୋଇ ଯିବାକୁ ନିଷ୍ପତ୍ତି ନେଇଛୁ। ଆମେ ନିଜ ପାଇଁ ଓ ପରସ୍ପର ପାଇଁ ଶାନ୍ତି, ଉନ୍ନତିକୁ ବାଛିଛୁ। ସମସ୍ତ ସ୍ମୃତି ପାଇଁ ମୁଁ କୃତଜ୍ଞ। ମୁଁ କିଛି ଚ଼ାହୁଁନାହୁଁ, କିନ୍ତୁ ଆଗକୁ ବଞ୍ଚିବାକୁ ଚ଼ାହୁଁଛି। ଏହି ସମୟରେ ଆମର ଗୋପନୀୟତାକୁ ବୁଝିବା ଓ ସମ୍ମାନ ଜଣାଉଥିବାରୁ ଧନ୍ୟବାଦ।"



ସାଇନା ଓ କଶ୍ୟପ ଦୀର୍ଘ ଦିନର ପ୍ରେମ ସମ୍ପର୍କକୁ ୨୦୧୮ରେ ବାହାଘରର ରୂପ ଦେଇଥିଲେ। ଉଭୟ ହାଇଦ୍ରାବାଦରେ ଥିବା ପୁଲ୍ଲେଲା ଗୋପିଚ଼ାନ୍ଦ ଏକେଡେମୀରେ ଟ୍ରେନିଂ ନେଉଥିଲେ। ସାଇନା ଦେଶ ପାଇଁ ଅନ୍ତର୍ଜାତୀୟ ମଞ୍ଚରେ ଅନେକ ସଫଳତା ସାଉଁଟି ଥିବା ବେଳେ କଶ୍ୟପ ୨୦୧୪ ରାଜ୍ୟ ଗୋଷ୍ଠୀ କ୍ରୀଡାରେ ଦେଶ ପାଇଁ ସ୍ୱର୍ଣ୍ଣ ପଦକ ଜିତି ଚ଼ର୍ଚ୍ଚାକୁ ଆସିଥିଲେ।

ବ୍ୟାଡମିଣ୍ଟନ ସୁପରଷ୍ଟାର ସାଇନା ନେହାଲ ବାର୍ଷିକ ପ୍ରାୟ ୫ କୋଟି ଟଙ୍କା ରୋଜଗାର କରନ୍ତି। ବର୍ତ୍ତମାନ ତାଙ୍କ ନେଟ୍ ୱର୍ଥ ୩୬ କୋଟି ଟଙ୍କା ବୋଲି କୁହାଯାଉଛି। ସାଇନା ବିଶ୍ୱର ତୃତୀୟ ସବୁଠାରୁ ଧନୀ ମହିଳା ବ୍ୟାଡମିଣ୍ଟନ ଖେଳାଳି ଅଟନ୍ତି। ସେ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟର ପୁରସ୍କାର ରାଶି, ବ୍ରାଣ୍ଡ ଏଣ୍ଡୋର୍ସମେଣ୍ଟ, ବିଜ୍ଞାପନ ଓ ବ୍ୟକ୍ତିଗତ ନିବେଶ ଜରିଆରେ ରୋଜଗାର କରନ୍ତି।ଏହା ସହିତ ସାଇନାଙ୍କର ନାରିକ ନାମକ ଏକ ବ୍ରାଣ୍ଡ ରହିଛି, ଯେଉଁଥିରେ ସେ ନିଜେ ବ୍ରାଣ୍ଡ ଆମ୍ବାସାଡର ଅଛନ୍ତି। ହରିୟାଣାର ହିସାରରେ ଜନ୍ମଗ୍ରହଣ କରିଥିବା ସାଇନା ଛୋଟବେଳୁ ହାଇଦ୍ରାବାଦରେ ରହୁଛନ୍ତି। ୨୦୧୫ରେ ସେ ଏହି ସହରରେ ୫ କୋଟି ଟଙ୍କାର ଏକ ଆଲିଶାନ ଘର କିଣିଥିଲେ, ଯେଉଁଥିରେ ସମସ୍ତ ଆଧୁନିକ ସୁବିଧା ଉପଲବ୍ଧ।ଷ୍ଟାର ଖେଳାଳି ସାଇନାଙ୍କ ପାଖରେ ମର୍ସିଡିଜ ଏଏମଜି ଜିଏଲଇ ୬୩ କାର ରହିଛି, ଯାହାକୁ ସେ ୨୦୨୩ରେ ୨ କୋଟି ଟଙ୍କାରେ କିଣିଥିଲେ ଏହା ସହିତ ତାଙ୍କ ପାଖରେ ୪୦ରୁ ୫୦ ଲକ୍ଷ ଟଙ୍କା ମୂଲ୍ୟର ମିନି କୁପର କାର ମଧ୍ୟ ରହିଛି। ଏହା ଛଡ଼ା ସାଇନାଙ୍କ ପାଖରେ ୫୦ ଲକ୍ଷ ଟଙ୍କା ମୂଲ୍ୟର ବିଏମଡବ୍ଲୁ ଓ ମର୍ସିଡିଜ ବେଞ୍ଜ କାର ମଧ୍ୟ ରହିଛି।୨୦୧୨ ଲଣ୍ଡନ ଓଲିମ୍ପିକ୍ସରେ କାଂସ୍ୟ ପଦକ ଜିତିଥିବା ସାଇନାଙ୍କୁ ଅର୍ଜୁନ ପୁରସ୍କାର, ପଦ୍ମଶ୍ରୀ ଓ ଭାରତ ସରକାରଙ୍କ ତରଫରୁ ଖେଳ ରତ୍ନ ସମ୍ମାନ ମିଳିଛି। ସାଇନାଙ୍କ ଏହି ସଫଳତା ଓ ଆଲିଶାନ ଜୀବନଶୈଳୀ ତାଙ୍କୁ କ୍ରୀଡ଼ା ଜଗତରେ ଏକ ଅନନ୍ୟ ପରିଚୟ ଦେଇଛି। ବିବାହ ବିଚ୍ଛେଦ ପରେ ମଧ୍ୟ ସାଇନା ନିଜ କ୍ୟାରିୟର ଓ ବ୍ୟକ୍ତିଗତ ଜୀବନରେ ଆଗକୁ ବଢ଼ିବାକୁ ପ୍ରସ୍ତୁତ ଅଛନ୍ତି।

## ଜୁରେଲଙ୍କୁ ପନ୍ତ ମ୍ୟାଚ୍ ପାଉଣାର ଅଂଶ ଦେବା ଉଚିତ

ଲର୍ଡସ,୧୪।୭: ଚଳିତ ଲର୍ଡସ ଟେଷ୍ଟର ଅଧିକାଂଶ ଭାଗରେ ଭାରତର ରିଜର୍ଭ ୱିକେଟ୍‌ରକ୍ଷକ ଧ୍ରୁବ ଜୁରେଲ କିପିଂ କରୁଛନ୍ତି ଇଂଲଣ୍ଡ ପ୍ରଥମ ପାଳିରେ ୩୪ ଓଭର ପରେ ପନ୍ତ ଆଙ୍ଗୁଠିରେ ଗୁରୁତର ଆଘାତ ପାଇବାରୁ ପଡ଼ିଆ। ବାହାରକୁ ଚାଲିଯାଇଥିଲେ ସେହି ପାଳିର ଅବଶିଷ୍ଟ ଅଂଶ ସହିତ ଇଂଲଣ୍ଡ ଦ୍ୱିତୀୟ ପାଳିରେ ବି ସେ କିପିଂ କରୁଛନ୍ତି ଯନ୍ତ୍ରଣା ଭିତରେ ବି ପନ୍ତ ଶନିବାର ବ୍ୟାଟିଂ କରି ରନ୍ ଆଉଟ୍ ହୋଇଯିବା ପୂର୍ବରୁ ଆକର୍ଷଣୀୟ ଅର୍ଦ୍ଧଶତକ (୭୪) ରନ୍ କରିଥିଲେ ଏହି ଟେଷ୍ଟରେ ୧୦୦ରୁ ଉର୍ଦ୍ଧ୍ୱ ଓଭର କିପିଂ କରିଥିବାରୁ ଅନ୍ୟତମ ପୂର୍ବତନ ଭାରତୀୟ ୱିକେଟ୍‌ରକ୍ଷକ ଦୀନେଶ କାର୍ତ୍ତିକ ତାଙ୍କ ପ୍ରତି ସମବେଦନା ଜଣାଇଛନ୍ତି। ଭାଷ୍ୟକାର ଭୂମିକାରେ ଥିବା କାର୍ତ୍ତିକ ମଜାରେ ମଜାରେ କହିଛନ୍ତି ଜୁରେଲଙ୍କୁ ପନ୍ତ ନିଜ ମ୍ୟାଚ୍ ପାଉଣାର ଭାଗ ଦେବା ଉଚିତ। ସେଭଳି କିଛି ବ୍ୟବସ୍ଥା ନଥିଲେ ମଧ୍ୟ କାର୍ତ୍ତିକ ଏଭଳି ପ୍ରସ୍ତାବ ଦେଇଛନ୍ତି। କ୍ରିକେଟ୍ ନିୟମ ଅନୁସାରେ ଚୂଡ଼ାନ୍ତ ଏକାଦଶରେ ଥିବା ୱିକେଟ୍‌ରକ୍ଷକ ଆହତ ହେଲେ ଅମ୍ପାୟାରଙ୍କ ସମ୍ମତି କ୍ରମେ ଅନ୍ୟ ଜଣେ ଏହି ଭୂମିକା ତୁଲାଇ ପାରିବେ। କିନ୍ତୁ ବ୍ୟାଟିଂ କି ବୋଲିଂ କରିପାରିବେ ନାହିଁ।

## ଭୈରବ ମହାନ୍ତିଙ୍କୁ ଶ୍ରଦ୍ଧାଞ୍ଜଳି: ଆଥ୍ଲେଟିକ୍ସ ଏକାଡେମି ଅଫ୍ ଓଡ଼ିଶାର ଶୁଭାରମ୍ଭ

କଟକ,୧୪।୭: ଓଡ଼ିଶା ଆଥ୍ଲେଟିକ୍ ଅସୋସିଏସନ୍ (ଓଏଏ)ର କାଉନ୍‌ସିଲ୍ ବୈଠକ ବା୍ରବାଟୀ ଷ୍ଟାଡିୟମସ୍ଥିତ ବାରବାଟୀ ଗେଷ୍ଟହାଉସ୍‌ରେ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଆଥ୍ଲେଟିକ ଏକାଡେମୀ ଅଫ୍ ଓଡ଼ିଶା ଶୁଭାରମ୍ଭ ହୋଇଛି। ଏହି ଏକାଡେମିରେ ପ୍ରଥମ ପର୍ଯ୍ୟାୟରେ ୧୪ ଜଣ ଖେଳାଳି ରହିବେ। ସାଇ ହଷ୍ଟେଲ ତଳ ମହଲାରେ ଖେଳାଳିଙ୍କ ରହିବା ବ୍ୟବସ୍ଥା କରାଯିବାକୁ ଚୂଡ଼ାନ୍ତ ହୋଇଛି। କାଉନ୍‌ସିଲ୍ ବେଠକରେ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଓଏଏ ପକ୍ଷରୁ ୪୯ ଲକ୍ଷ ଟଙ୍କାର ବଜେଟ୍ ପ୍ରସ୍ତୁତ ହୋଇଛି ଓଏଏ ସଭାପତି ଡକ୍ଟର ଜିଏସ୍ ପଟ୍ଟନାୟକଙ୍କ ପେରୋହିତ୍ୟରେ ଆୟୋଜିତ ବୈଠକରେ ଓଡ଼ିଶା ଆଥ୍ଲେଟିକ୍ ସଂଘ ଅଧକ୍ଷ ଆଶୀର୍ବାଦ ବେହେରା, ଓଡ଼ିଶା ଅଲିମ୍ପିକ ସଂଘ ସଭାପତି ସମୀର ମହାନ୍ତି, କାର୍ଯ୍ୟକାରୀ ସମ୍ପାଦକ ଅଭିଜିତ ପାଲ୍, ଉପସଭାପତି ଦୁଲାଲ ପ୍ରଧାନ, ନଳିନୀ କୁମାର ଦାସ, ଡକ୍ଟର ଜନାର୍ଦ୍ଦନ ଦାସ, ତାପସ କୁମାର ରାୟ ଚୌଧୁରୀ, ରଘୁନନ୍ଦନ ପାଢ଼ୀ, ଯୁଗ୍ମ ସଂପାଦକ ଅଶୋକ କୁମାର ସାହୁ, ରବି ନାୟକ, ସହସଂପାଦକ ବିଭୂତି ଭୂଷଣ ପଣ୍ଡା, କୋଷାଧକ୍ଷ ରବିଶଙ୍କର ପ୍ରତିହାରୀଙ୍କ ସମେତ କାଉନ୍‌ସିଲ ସଦସ୍ୟ, ବୈଷୟିକ କମିଟି ସଦସ୍ୟମାନେ ଯୋଗଦେଇଥିଲେ ।

କାଉନସିଲ ବେଠକ ପୂର୍ବରୁ ଉଭୟ ଓଡ଼ିଶା ଅଲିମ୍ପିକ୍ ସଂଘ ଓ ଓଡ଼ିଶା ଆଥଲେଟିକ୍ ସଂଘ ପକ୍ଷରୁ ବାରବାଟୀ ଷ୍ଟାଡିୟମ୍ ପ୍ରତିଷ୍ଠାରେ ଉଲ୍ଲେଖନୀୟ ଅବଦାନ ରଖିଥିବା ସ୍ୱର୍ଗତ ଭୈରବ ଚନ୍ଦ୍ର ମହାନ୍ତିଙ୍କ ଜୟନ୍ତୀ ଅବସରରେ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା ଓଡ଼ିଶା ଅଲିମ୍ପିସ ସଂଘ ସଭାପତି ସମୀର ମହାନ୍ତି ଭୈରବ ମହାନ୍ତିଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ରାଜ୍ୟ କ୍ରୀଡ଼ାର ବିକାଶରେ ତାଙ୍କ ଅବଦାନ ସଂପର୍କରେ ଆଲୋକପାତ କରିଥିଲେ।

## ସିନ୍ନର ଜିତିଲେ ୱିମ୍ବଲଡନ୍ ଓପନ୍

ପ୍ୟାରିସ୍,,୧୪।୭: ମହିଳା ଏକକ ଭଳି ପୁରୁଷ ଏକକରେ ମଧ୍ୟ ୱିମ୍ବଲଡନ୍ ଓପନ୍‌କୁ ମିଳିଛି ନୂଆ ବିଜେତା। ବହୁ ପ୍ରତୀକ୍ଷିତ ପୁରୁଷ ଏକକ ଫାଇନାଲ୍‌ରେ ୨୩ ବର୍ଷୀୟ ଇଟାଲୀୟ ତାରକା ୟାନିକ୍ ସିନ୍ନର ଦୁଇ ଥର ବିଜେତା ତଥା ୨୨ବର୍ଷୀୟ ସ୍ପେନ୍‌ର କାର୍ଲୋସ୍ ଆଲକାରାଜଙ୍କୁ ୪-୬, ୬-୪, ୬-୪, ୬-୪ ସେଟ୍‌ରେ ପରାସ୍ତ



କରି ଅଲ୍‌ଇଂଲଣ୍ଡ ଲନ୍‌ରେ ପ୍ରଥମ ଥର ଟ୍ରଫି ଧରିବାର ଗେରବ ଅର୍ଜନ କରିଛନ୍ତି। ପ୍ରଥମ ଓ ଦ୍ୱିତୀୟ ସିଡ୍‌ଙ୍କ ମଧ୍ୟରେ ହୋଇଥିବା ଏହି ମହାଲଢ଼େଇର ପ୍ରଥମ ସେଟ୍‌କୁ ସିନ୍ନର ହାରିଯାଇଥିଲେ ।ତେବେ ପରବର୍ତ୍ତୀ ତିନିଟି ସେଟ୍‌କୁ ସମାନ ୨ ପଏଣ୍ଟ ବ୍ୟବଧାନରେ ଜିତି ଇତିହାସ ରଚିଥିଲେ ।ୱିମ୍ବଲଡନ୍ ଓପନ୍ ଜିତିବାରେ ସେ ମଧ୍ୟ ପ୍ରଥମ ଇଟାଲୀୟ ଏବଂ ୧୯୬୮ରେ ଓପନ୍ ଏରା ଆରମ୍ଭ ହେବା ପରଠାରୁ ୨୩ତମ ଖେଳାଳି ହୋଇଥିଲେ। ଅନ୍ୟପକ୍ଷରେ ଗତ ଦୁଇ ବର୍ଷ ଏଠାରେ ବିଜେତା ହୋଇଥିବା ଆଲ୍‌କାରାଜ ୱିମ୍ବଲଡନ୍ ଓପନ୍‌ରେ ଲଗତାର ୧୮ ବିଜୟ ପରେ ପ୍ରଥମ ପରାଜୟ ବରଣ କରି ଉପବିଜେତାରେ ସନ୍ତୁଷ୍ଟ ରହିଥିଲେ। ଏହା ପୂର୍ବରୁ ପୋଲାଣ୍ଡର ଇଗା ସ୍ୱିଟେକ ମହିଳା ବର୍ଗରେ ଆମେରିକାର ଅମଣ୍ଡା ଆନିସସିମୋଭାଙ୍କୁ ୬-୦, ୬-୦ ସିଧାସଳଖ ସେଟ୍‌ରେ ପରାସ୍ତ କରି ପ୍ରଥମ ଥର ବିଜେତା ହୋଇଥିଲେ। ସେ ମଧ୍ୟ ୱିମ୍ବଲଡନ୍ ଓପନ୍ ଜିତିବାରେ ପୋଲାଣ୍ଡର ପ୍ରଥମ ଖେଳାଳି ହେବାର ରେକର୍ଡ କରିଥିଲେ।

## ଶ୍ରଦ୍ଧାଞ୍ଜଳିଙ୍କୁ ମିଳିଲା ଏଏଫ୍‌ସି ଏ ଲାଇସେନ୍ସ

ଭୁବନେଶ୍ୱର/କଟକ,୧୪।୭: ଭାରତୀୟ ମହିଳା ଫୁଟ୍‌ବଲ୍ ଦଳର ପୂର୍ବତନ ଅଧିନାୟକ ଶ୍ରଦ୍ଧାଞ୍ଜଳି ସାମନ୍ତରାୟ ନିଜ ପ୍ରଶିକ୍ଷଣ ଜୀବନର ବଡ଼ ଉପଲବ୍ଧି ପାଇଛନ୍ତି। ପ୍ରଥମ ଓଡ଼ିଆ ମହିଳା ଭାବେ ଏଏଫ୍‌ସି ଏ ଲାଇସେନ୍ସ ପାଇଛନ୍ତି। ସର୍ବଭାରତୀୟ ଫୁଟ୍‌ବଲ୍ ମହାସଂଘ ଏବଂ ଫାଓ ଏହି ଖବର ଜଣାଇବା ପରେ ରାଜ୍ୟ ଫୁଟ୍‌ବଲ୍ ଦୁନିଆରେ ଖୁସିର ଲହରି ଖେଳିଯାଇଛି।



ଏଥିସହ ଶ୍ରଦ୍ଧାଞ୍ଜଳି ଜାତୀୟ ବରିଷ୍ଠ ଦଳର ପ୍ରଶିକ୍ଷକ ହେବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ଜଣେ ଅଗ୍ରଣୀ ଫରାର୍ଡ ଖେଳାଳି ଭାବେ ଶ୍ରଦ୍ଧାଞ୍ଜଳି ବିଗତ ଏକ ଦଶନ୍ଧିରୁ ଊର୍ଦ୍ଧ୍ୱ ହେଲାଣି ଏଆଇଏଫ୍‌ଏଫ୍‌ର ଚୟନକର୍ତ୍ତା, ପ୍ରଶିକ୍ଷକ ଭାବେ ବିଭିନ୍ନ ଭୂମିକାରେ ରହି ଅର୍ଜନ କରିଥିବା ଅଭିଜ୍ଞତା ତାଙ୍କୁ ଏବେ ଉଚ୍ଚ ସ୍ତରକୁ ନେଇଛି ପୂର୍ବରୁ କେବଳ ଦୁଇ ଜଣ ଓଡ଼ିଆ। ଏଏଫ୍‌ସି ଏ ଲାଇସେନ୍ସ ପାଇବାର୍ ଗେରବ ରଖିଥିଲେ ମଧ୍ୟ ଉଭୟ ପୁରୁଷ ବର୍ଗର ଥିଲେ ସେମାନେ ହେଲେ ଶୁଭେନ୍ଦୁ କୁମାର ପଣ୍ଡା ଓ ଅକ୍ଷୟ ଦାସ ଶୁଭେନ୍ଦୁ କିନ୍ତୁ ଆଉ ଗୋଟିଏ ପାଦ ଆଗକୁ ବଢ଼ି ଏବେ ପ୍ରୋ ଲାଇସେନ୍ସ ହାସଲ କରିସାରିଛନ୍ତି ।

ସୂଚନାଯୋଗ୍ୟ, ୨୦୦୫ ମସିହାରେ ଶ୍ରଦ୍ଧାଞ୍ଜଳି ଭାରତୀୟ ମହିଳା ଫୁଟ୍‌ବଲ୍ ଦଳର ଅଧିନାୟକ ନିଯୁକ୍ତ ହୋଇ ଓଡ଼ିଶା କ୍ରୀଡ଼ାରେ ନୂଆ। ଫର୍ଦ ଯୋଡ଼ିଥିଲେ। ଅବସର ପରେ ବି ଏହି ନାଲ୍‌କୋ ଅଧିକାରୀ ଫୁଟ୍‌ବଲ୍ ସହ ଜଡ଼ିତ ରହି ପ୍ରଶିକ୍ଷଣ ଓ ଚୟନକର୍ତ୍ତା ଆଦି ଭୂମିକା ତୁଲାଇ ଆସୁଛନ୍ତି ଏହି ସଫଳତା ଲାଗି ଶ୍ରଦ୍ଧାଞ୍ଜଳିଙ୍କୁ ଫାଓ ସଭାପତି ଟଙ୍କଧର ତ୍ରିପାଠୀ ଓ ସମ୍ପାଦକ ଆଶୀର୍ବାଦ ବେ୍ହେରା ଏବଂ ଅନ୍ୟ କର୍ମକର୍ତ୍ତାମାନେ ଅଭିନନ୍ଦନ ଜଣାଇଛନ୍ତି।

## ହରିକ୍ରିଷ୍ଣନ୍ ଭାରତର ୮୭ତମ ଗ୍ରାଣ୍ଡମାଷ୍ଟର୍

ଚେନ୍ନାଇ,୧୪।୭: ଭାରତର ୮୭ତମ ଗ୍ରାଣ୍ଡମାଷ୍ଟର୍ ଟାଇଟଲ୍ ଅର୍ଜନ କରିଛନ୍ତି ୨୪ ବର୍ଷୀୟ ତାମିଲନାଡୁ ଖେଳାଳି ହରିକ୍ରିଷ୍ଣନ୍ ଏ ରା ଫ୍ରାନ୍ସରେ ଅନୁଷ୍ଠିତ ଲା ପ୍ରାଗ୍ନ ଅନ୍ତର୍ଜାତୀୟ ଚେସ୍ ଫେଷ୍ଟିଭାଲ୍‌ରେ ନିଜ ତୃତୀୟ ତଥା ଅନ୍ତିମ ଜିଏମ୍ ନର୍ମ ଅର୍ଜନ କରିବା ସହ ଗ୍ରାଣ୍ଡମାଷ୍ଟର୍ ଟାଇଟଲ୍ ଔପଚାରିକତା ପୂର୍ଣ୍ଣ କରିଛନ୍ତି କିଛି ବର୍ଷ ତଳେ ସେ ନିଜ ପ୍ରଥମ ଜିଏମ୍ ନର୍ମ ପାଇଥିବାବେଳେ ଦ୍ୱିତୀୟଟି ସ୍ପେନ୍‌ର ଆଣ୍ଡୁଜାର ଓପନ୍‌ରେ ଅର୍ଜନ କରିଥିଲେ।

୨୦୨୨ରେ ଚେନ୍ନାଇର ଚେସ୍ ଥୁଲିରରେ ଥିବା ଏକାଡେମୀରେ ଯୋଗ ଦେଇ ଗ୍ରାଣ୍ଡମାଷ୍ଟର୍ ଶ୍ୟାମ ସୁନ୍ଦର ମୋହନରାଜଙ୍କଠାରୁ ପ୍ରଶିକ୍ଷଣ ନେଇ ଦ୍ରୁତ ଅଗ୍ରଗତି କରିଥିଲେ। ୟୁରୋପ ଗସ୍ତରେ କ୍ରମାଗତ ୧୦ଟି ଟୁର୍ଣ୍ଣାମେଣ୍ଟ୍ ଖେଳିଥିବା ହରିକ୍ରିଷ୍ଣନ୍ ସେଠାକୁ ଯିବା ପୂର୍ବରୁ ପ୍ରତିଶ୍ରୁତି ଦେଇଥିଲେ। ଗ୍ରାଣ୍ଡମାଷ୍ଟର୍ ହେଲେ ହିଁ ଦେଶ ଫେରିବି ଏହା କହିଛନ୍ତି ତାଙ୍କ ପ୍ରଶିକ୍ଷକ ମୋହନରାଜ ହରିକ୍ରିଷ୍ଣନଙ୍କ ମା ଜଣେ ଚେସ୍ ଆର୍ବିଟର ହୋଇଥିବାରୁ ସେ ତାଙ୍କଠାରୁ ପ୍ରେରଣା ପାଇଥିବା ବିଶ୍ୱାସ କରାଯାଉଛି।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ